ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ସୋମବାର, ମେ' ୨୯/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Monday, May 29/2023 | Page 16 ₹ 7.00 | BALASORE

୪୯ଶ ଭାଗ ୧୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 183 ମୂଲ୍ୟ ₹୭/-



## ମୋନାକୋ ଗ୍ରାଁପ୍ରି ଜିତିଲେ ଭର୍ଷ୍ଟାପେନ୍

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ମୋନାକୋ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି।

୦୪

୦୨

## ଆଇଫା ଆୱାର୍ଡ: ଶ୍ରେଷ୍ଠ ଅଭିନେତା ହ୍ରିତିକ୍

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ଇଣ୍ଟରନ୍ୟାଶନାଲ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ ଆୱାର୍ଡ (ଆଇଫା) ୨୦୨୩ରେ ଶ୍ରେଷ୍ଠ ଅଭିନେତା ଭାବେ ଶନିବାର ପୁରସ୍କୃତ ହୋଇଛନ୍ତି।



# ବଡ଼ ତ୍ରୁଟି

ତଥାଗତ ସତପଥୀ

ଦିଲ୍ଲୀଠାରେ ୨୮ ମେ' ୨୦୨୩ରେ ଦେଶର ନୂଆ ସଂସଦ ଭବନ ଉଦ୍‌ଘାଟିତ ହୋଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସହର ଯୋଜନାକାରୀଙ୍କ ମତରେ ଯେଉଁ ସ୍ଥାନରେ ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ କରାଗଲା ସେଠାରେ କୌଣସି ନୂତନତ୍ୱ ଆସିପାରିଲା ନାହିଁ। ଯଦି ଦିଲ୍ଲୀଠାରୁ କିଛି ଦୂରରେ ଥିବା ସ୍ଥାନକୁ ବଛାଯାଇ ନୂଆ ନଗର ଗଢ଼ା ଯାଇପାରିଥାଆନ୍ତା, ତେବେ ଏକ ଆଧୁନିକ ରାଜଧାନୀ ଦୃଶ୍ୟମାନ ହୋଇଥାଆନ୍ତା। ଏବେ ଯେଉଁଠାରେ ନୂଆ ବିଲ୍ଡିଂ ନିର୍ମାଣ କରାଯାଇଛି ତାହା ପୁରୁଣା ପାର୍ଲାମେଣ୍ଟଠାରୁ ଅତି ନିକଟରେ। ଅର୍ଥାତ୍ ସେଠାରେ ମଧ୍ୟ ପ୍ରବଳ ମାତ୍ରାରେ ପ୍ରଦୂଷଣ ରହିବ। ଦିଲ୍ଲୀଠାରୁ ଟିକେ ଦୂରରେ ମୁକ୍ତ ବାୟୁ ଚଳାଚଳ କରୁଥିବା ଇଲାକାରେ ନୂଆ ବିଲ୍ଡିଂ ହୋଇଥିଲେ ଖର୍ଚ୍ଚ ପ୍ରାୟ ସମାନ ହୋଇଥାଆନ୍ତା। ଫଳରେ ଗୋଟିଏ ଜାଗାରେ ନୂଆ ପାର୍ଲାମେଣ୍ଟ, କେନ୍ଦ୍ରୀୟ ସଚିବାଳୟ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ସହ ମନ୍ତ୍ରୀ, ସାଂସଦ ଓ ଅମଲାଙ୍କ ରହଣିସ୍ଥଳ ହୋଇପାରିଥାଆନ୍ତା। ଏଥିସହିତ ଏକ ଖୋଲା ଅଞ୍ଚଳରେ ବିଶ୍ୱସ୍ତରୀୟ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଯିବାଆସିବା ଲାଗି ପ୍ରଶସ୍ତ ରାସ୍ତା, ସବୁଜ ପରିମଣ୍ଡଳ ପାଇ ସେଠାକାର ବାସିନ୍ଦା ପ୍ରଦୂଷଣମୁକ୍ତ ସମସ୍ତ ପ୍ରକାର ସହରୀ ସୁବିଧା ପାଇପାରିଥାଆନ୍ତେ। କିନ୍ତୁ ତାହା ନୋହିଲା। ଏଠାରେ ମନେରଖିବାକୁ ହେବ ଯେ, ସେଣ୍ଟ୍ରାଲ ଭିଷ୍ଟା ପାଇଁ ଭାରତର କରଦାତାମାନେ ବାଧ୍ୟବାଧକତାମୂଳକ ପ୍ରାୟ ୨.୪ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଛନ୍ତି। ଏଇ ସମୟରେ ଏଭଳି ବଦ୍‌ଖର୍ଚ୍ଚର ଆବଶ୍ୟକତା ସମ୍ପର୍କରେ ମଧ୍ୟ ଅନେକ ନକାରାତ୍ମକ କଥା ପ୍ରକାଶ ପାଉଛି। ବିଶେଷଜ୍ଞଙ୍କ ମତରେ ଏଭଳି ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ କରାଯାଇପାରିଥାଆନ୍ତା।

ନୂଆ ସଂସଦ ଭବନ ଉଦ୍‌ଘାଟନ ଦ୍ୱାରା କେନ୍ଦ୍ର ସରକାର ଯେଉଁ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି, ସେହି ବିଷୟରେ ଏବେ ଅଧିକ ଆଲୋଚନା ହେଉଛି। ସାମ୍ବିଧାନିକ ମୁଖ୍ୟ ଭାବେ ରାଷ୍ଟ୍ରପତି ସେଣ୍ଟ୍ରାଲ ଭିଷ୍ଟାକୁ ଉଦ୍‌ଘାଟନ କରିବା ଅଧିକ ଯଥାର୍ଥ ହୋଇଥାଆନ୍ତା। କାରଣ ସଂଘୀୟ ବ୍ୟବସ୍ଥାରେ ବାଚସ୍ପତି, ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତିଙ୍କ ସମେତ ସବୁ କେନ୍ଦ୍ରମନ୍ତ୍ରୀଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବାର ବ୍ୟବସ୍ଥା ରହିଛି। ପୁଣି ଦେଖିଲେ ବର୍ତ୍ତମାନ ରାଷ୍ଟ୍ରପତି ଅନେକ ଦୃଷ୍ଟିରୁ ବିଶେଷ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ଜଣେ ଆଦିବାସୀ ମହିଳା ଭାବରେ ସେ ପ୍ରଥମ ରାଷ୍ଟ୍ରମୁଖ୍ୟ। ଯଦି ରାଷ୍ଟ୍ରପତି ନୂଆ ସଂସଦ ଭବନକୁ ଉଦ୍‌ଘାଟନ କରିଥାଆନ୍ତେ, ତାହା ହେଲେ କେବଳ ଯେ ଓଡ଼ିଶାବାସୀ ସମ୍ମାନିତ ହୋଇଥାଆନ୍ତେ ତାହା ନୁହେଁ, ସମଗ୍ର ପୂର୍ବଭାରତ ସମ୍ମାନିତ ହୋଇଥାଆନ୍ତା। ଏଥିସହିତ ସମ୍ପୃକ୍ତ ପ୍ରକଳ୍ପର ଆରମ୍ଭରୁ ଶେଷ ଯାଏ ଦେଖିଲେ ଶିଳାନ୍ୟାସ ବେଳେ ଦଳିତ ବର୍ଗରୁ ଆସି ରାଷ୍ଟ୍ରପତି ହୋଇଥିବା ରାମନାଥ କୋବିନ୍ଦଙ୍କୁ ସେତେବେଳେ ଅଣଦେଖା କରାଯାଇଥିଲା। ଏବେ ଏହାର ଶୁଭ ଉଦ୍‌ଘାଟନ ବେଳେ ବର୍ତ୍ତମାନର ଆଦିବାସୀ ମହିଳା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅଣଦେଖା କରାଯିବା ଫଳରେ ସରକାର ଜାଣିଶୁଣି ଏକ ବଡ଼ ତ୍ରୁଟି ଘଟାଇଛନ୍ତି ବୋଲି କୁହାଯାଉଛି।

# ଟେକି ନେଲେ

ଦିଲ୍ଲୀଠାରେ ନୂଆ ସଂସଦ ଭବନ ଉଦ୍‌ଘାଟିତ ହୋଇଥିବା ବେଳେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରନ୍ ସିଂଙ୍କ ବିରୋଧରେ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀର ଜନ୍ତରମନ୍ତରଠାରେ ପ୍ରତିବାଦ କରୁଥିବା ମହିଳା କୁସ୍ତିବିତ୍‌ମାନଙ୍କୁ ପୋଲିସ ଉଠାଇ ନେଇଥିବା ଦେଖାଯାଇଛି। ମହିଳା ରେସଲରମାନେ ବ୍ରିଜ୍‌ଭୂଷଣଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଏପ୍ରିଲ ୨୪ ତାରିଖରୁ ସେଠାରେ ଧାରଣାରେ ବସିଥିଲେ। ନ୍ୟାୟ ପାଇବାରେ ବିଳମ୍ବ ହେଉଥିବାରୁ ୨୮ ମେ'ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ବାହାରେ ସେମାନେ ମହିଳା ମହାପଞ୍ଚାୟତ ଲାଗି ଯୋଜନା କରିଥିଲେ। ସେହି ଅନୁଯାୟୀ ଜନ୍ତରମନ୍ତରଠାରୁ ଦୁଇ କିଲୋମିଟର ଦୂର ନୂଆ ପାର୍ଲାମେଣ୍ଟ ଅଭିମୁଖେ ଯାତ୍ରା କରୁଥିଲେ। ବାଟରେ ବ୍ରିଜ୍‌ଭୂଷଣଙ୍କ ବାସଭବନ ପଡ଼ିବା ମାତ୍ରେ ପୋଲିସ ଭିନେଶ ଫୋଗତ, ସାକ୍ଷୀ ମଲିକ୍‌ଙ୍କ ସମେତ ବହୁ ରେସଲରଙ୍କୁ ଅଟକ ରଖିଥିଲେ। ଦିଲ୍ଲୀ ପୋଲିସ କାଇଦା କରି ପ୍ରମୁଖ ବିକ୍ଷୋଭକାରୀଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଅଟକ ରଖିବାର ଅର୍ଥ ସେମାନଙ୍କ ପ୍ରତିବାଦକୁ ଦୁର୍ବଳ କରିବା ଲାଗି ପ୍ରୟାସ କରାଯାଇଛି।

ଦେଖିବାକୁ ଗଲେ ଦେଶର ରାଜଧାନୀରେ ବଡ଼ ସୌଧ ନିର୍ମାଣ କରିଦେଲେ ଗଣତନ୍ତ୍ର ସୁଦୃଢ଼ ହୋଇ ନ ଥାଏ। ଜନସାଧାରଣଙ୍କ ଅଭାବ, ଅସୁବିଧାକୁ ଭଲ ଭାବେ ବୁଝି ସେମାନଙ୍କୁ ନ୍ୟାୟ ଦେବା ଏକ ଗଣତାନ୍ତ୍ରିକ ସରକାରଙ୍କ ପ୍ରମୁଖ ଦାୟିତ୍ୱ। ଅସହାୟଙ୍କ ସ୍ୱରକୁ ଚାପି ଦେଲେ ମୁଷ୍ଟିମେୟ ଅନ୍ୟାୟକାରୀଙ୍କ ସାହସ ବଢ଼ିଯାଇଥାଏ। ଯେଉଁଭଳି ଭାବେ ପୋଲିସ ବଳ ଲଗାଯାଇ ଦିଲ୍ଲୀର ମହିଳା କୁସ୍ତିବିତ୍‌ଙ୍କୁ ଟେକି ନିଆଗଲା ତାହା ସଭ୍ୟ ସମାଜରେ ନିନ୍ଦିତ ହେବା କଥା। ସରକାରୀ ଦଳର ଜଣେ ଏମ୍‌ପିଙ୍କୁ ସୁରକ୍ଷା ଦେବାକୁ ଯାଇ ନିର୍ଯାତିତଙ୍କ ଉପରେ ଜୁଲମ କରାଯିବା ଗଣତନ୍ତ୍ରକୁ ହତ୍ୟା କରାଗଲା ବୋଲି କୁହାଯିବ।

# ଆଜି କ୍ୟାବିନେଟ୍ ବୈଠକ

**ବିଜେଡି ୫ମ ପାଳି ସରକାରକୁ ୪ ବର୍ଷ ପୂରଣ ହେଉଥିବାରୁ କିଛି ବଡ଼ ନିଷ୍ପତ୍ତି ଆଶା**

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ରାଜ୍ୟ କ୍ୟାବିନେଟ୍ ବୈଠକ ସୋମବାର ପୂର୍ବାହ୍ନ ୧୦ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୧୫ଟି ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ବିଜେଡି ୫ମ ପାଳି ସରକାରକୁ ୪ ବର୍ଷ ପୂରଣ ହେଉଥିବା କାରଣରୁ କିଛି ବଡ ନିଷ୍ପତ୍ତି ନିଆଯାଇପାରେ ବୋଲି ଶୁଣାଯାଉଛି। ୨୦୧୯ ମେ' ୨୯ ତାରିଖରେ ଲଗାତର ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକ ସରକାର ଗଠନ କରିଥିଲେ। ସରକାର ଗଠନର ପ୍ରଥମ ଦିନରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବା ଲାଗି କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିଲା। ଜଳ ସମ୍ପଦ, ରାଜସ୍ୱ, ସାଧାରଣ ପ୍ରଶାସନ, ପଞ୍ଚାୟତିରାଜ, ଅର୍ଥ ଭଳି ବିଭାଗର କିଛି ପ୍ରସ୍ତାବ ଉପରେ ମୋହର ବାଜିବ ବୋଲି ସୂତ୍ରରୁ ଜଣାପଡିଛି।




ଜିଲାରେ ୩ ବର୍ଷ ପୂରଣ କରିଥିବା ଅଧିକାରୀଙ୍କ ତଥ୍ୟ ଦିଅ ୫






# ମାଲାବାର ଗ୍ରୁପର 'ହଙ୍ଗର ଫ୍ରି ୱାର୍ଲଡ'

ଭୁବନେଶ୍ୱର,୨୮।୫




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍ସର ଶହୀଦ ନଗର ଷ୍ଟୋର ପକ୍ଷରୁ 'ହଙ୍ଗର ଫ୍ରି ୱାର୍ଲଡ' ଅଭିଯାନର ଯାନକୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ବିଧାୟକ ଅନନ୍ତ ନାରାୟଣ ଜେନା ପତାକା ଦେଖାଇ ଆନୁଷ୍ଠାନିକ ଶୁଭାରମ୍ଭ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମାଲାବାର ଶହୀଦ ନଗର ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ରବିବାର ସର୍ବଭାରତୀୟ ସ୍ତରରେ 'ୱାର୍ଲଡ ହଙ୍ଗର ଡେ' ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱରସ୍ଥିତ ଶହୀଦ ନଗର ଷ୍ଟୋର ପକ୍ଷରୁ 'ହଙ୍ଗର ଫ୍ରି ୱାର୍ଲଡ' ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମାଲାବାର ଗ୍ରୁପର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଅଭିଯାନ ଆରମ୍ଭ କରାଯାଇଛି। ବିଶେଷକରି କ୍ଷୁଧାମୁକ୍ତ ଭାରତ ଗଠନ ଓ ୨୦୩୦ ସୁଦ୍ଧା ମିଶନ କ୍ଷୁଧାମୁକ୍ତ ଲକ୍ଷ୍ୟ ହାସଲ ଅନୁଯାୟୀ ଏଭଳି ଏକ ମହତ କାର୍ଯ୍ୟ ମାଲାବାର ଗ୍ରୁପ ପକ୍ଷରୁ କରାଯାଉଛି। ବର୍ତ୍ତମାନ ସମୟରେ ମଧ୍ୟ ଭାରତର ବିଭିନ୍ନ ସ୍ଥାନରେ ବହୁତ ଲୋକ ଭୋକ ଉପାସରେ ଦିନ କାଟୁଛନ୍ତି। ଏପରିକି ଦେଶର ୨୯ଟି କ୍ଷେତ୍ରରେ ମାଲାବାରର 'ହଙ୍ଗର ଫ୍ରି ୱାର୍ଲଡ' ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି।

## କୋଲ୍‌ଗେଟ୍ ଷ୍ଟ୍ରଙ୍ଗ୍ ଟିଥ୍ ଟୁଥ୍‌ପେଷ୍ଟର ଶୁଭାରମ୍ଭ

ଭୁବନେଶ୍ୱର,୨୮।୫

ଦେଶର ପ୍ରମୁଖ ଓରାଲ କେୟାର ବ୍ରାଣ୍ଡ୍ କୋଲ୍‌ଗେଟ୍ ପକ୍ଷରୁ କୋଲ୍‌ଗେଟ୍ ଷ୍ଟ୍ରଙ୍ଗ ଟିଥ୍ ଟୁଥ୍‌ପେଷ୍ଟର ଶୁଭାରମ୍ଭ କରାଯାଇଛି। ଏପରିକି ଏକ ନୂଆ ସତେଜ ଫର୍ମୁଲା ସହ ପୁଣି କୋଲ୍‌ଗେଟ୍ ବଜାରରେ ଗ୍ରାହକଙ୍କ ନିକଟତର ହେବ। ବିଶେଷ କରି କ୍ୟାଲ୍‌ସିୟମ ପରିମାଣ ବୃଦ୍ଧି କରୁଥିବା କୋଲ୍‌ଗେଟ୍‌ର ସ୍ୱତନ୍ତ୍ର ଆର୍ଜିନାଇନ୍ ଟେକ୍ନୋଲୋଜି ଦ୍ୱାରା ସମୃଦ୍ଧ ଉକ୍ତ ଟୁଥ୍‌ପେଷ୍ଟ ଦାନ୍ତକୁ ପୋଷଣ ପ୍ରଦାନ କରିଥାଏ ଏବଂ ସେଗୁଡ଼ିକୁ ଦୁଇ ଗୁଣ ମଜଭୁତ କରିଥାଏ। ଫଳରେ ସମଗ୍ର ପରିବାର ମୁଖର ଆବଶ୍ୟକତା ପାଇଁ ପ୍ରଥମ ପସନ୍ଦ ପାଲଟିବ। ଏ ସମ୍ପର୍କରେ କୋଲ୍‌ଗେଟ୍-ପାମୋଲିଭ୍ ଇଣ୍ଡିଆର ମାର୍କେଟିଂ ଡାଇରେକ୍ଟର ଗୁଞ୍ଜିତ ଜୈନ୍ କହିଛନ୍ତି, ବିଜ୍ଞାନ ଦ୍ୱାରା ସମର୍ଥିତ ଆମର ଏହି ଅତ୍ୟାଧୁନିକ ଫର୍ମୁଲା ପୂର୍ବ ତୁଳନାରେ ଅଧିକ ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିବ ବୋଲି ଆମେ ନିଶ୍ଚିତ ରହିଛୁ।

## ପ୍ରଯୁକ୍ତି ଶିଳ୍ପରେ ପ୍ରତିଭାଙ୍କୁ ଗୁରୁତ୍ୱ



ଭୁବନେଶ୍ୱର,୨୮।୫

ସଫ୍ଟୱେର କ୍ୟାରିୟର ଲାଗି ଦକ୍ଷତା ବିକାଶ ପ୍ଲାଟ୍‌ଫର୍ମ ନେକ୍ସଟ୍‌ୱେଭ୍ ବର୍ତ୍ତମାନ ସମୟରେ ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି। ଏପରିକି ଗତ ଦୁଇ ବର୍ଷରେ ନେକ୍ସଟ୍‌ୱେଭ୍‌ର ପ୍ରଶିକ୍ଷାର୍ଥୀଙ୍କୁ ୧୩୦୦ରୁ ଅଧିକ କମ୍ପାନୀରେ ନିଯୁକ୍ତି ମିଳିଥିବା ପ୍ଲାଟଫର୍ମ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷ କରି ପ୍ରତିଭାବାନ କର୍ମଚାରୀ ସନ୍ଧାନ କରୁଥିବା ପ୍ରଯୁକ୍ତି କମ୍ପାନୀଗୁଡ଼ିକ ଲାଗି ନେକ୍ସଟ୍‌ୱେଭ୍ ପସନ୍ଦର ସ୍ଥାନ ଭାବେ ପରିଣତ ହୋଇଛି। ଏପରିକି ନେକ୍ସଟ୍‌ୱେଭ୍‌ର ଗ୍ରାଜୁଏଟ୍‌ମାନଙ୍କୁ ସଫ୍‌ଟୱେର ଡେଭେଲପର, ଫୁଲ୍ ଷ୍ଟାକ୍ ଡେଭେଲପର, ଡାଟା ଇଞ୍ଜିନିୟର ଓ ଡାଟା ଆନାଲିଷ୍ଟ ଭାବେ ବିଭିନ୍ନ କମ୍ପାନୀରେ ନିଯୁକ୍ତି ମିଳୁଛି। ଏ ସମ୍ପର୍କରେ ନେକ୍ସଟ୍‌ୱେଭ୍‌ର ସିଇଓ ରାହୁଲ ଆଟୁଲୁରି କହିଛନ୍ତି, ଚଳିତ ଦଶନ୍ଧିରେ ଭାରତୀୟ ଆଇଟି ଶିଳ୍ପ ତିନି ଗୁଣା ବୃଦ୍ଧି ପାଇବାକୁ ଯାଉଛି। ଏପରିକି ଶିଳ୍ପ ଅନୁକୂଳ ତାଲିମ ଜରିଆରେ ଆମେ ପ୍ରଦାନ କରୁଥିବା ପ୍ରତିଭାମାନଙ୍କୁ ବହୁ କମ୍ପାନୀ ପ୍ରଶଂସା କରୁଛନ୍ତି। ଏହି ବିପୁଳ ସୁଯୋଗ ଲାଗି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଉପରେ ଆମେ ଗୁରୁତ୍ୱାରୋପ କରୁଛୁ। ବିଶେଷ କରି ପ୍ରଯୁକ୍ତି ଶିଳ୍ପରେ ପ୍ରତିଭାର ରହିଥିବା ଅଭାବକୁ ପୂରଣ କରିବା ଦିଗରେ ଆମେ ଠିକ୍ ପଥରେ ରହିଥିବା ଏହି ମାଇଲଖଣ୍ଟିରେ ପ୍ରତିଫଳିତ ହୋଇଛି।

## ସମନ୍ୱୟ ସହ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୫

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଅନ୍ତର୍ଗତ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳମାର୍ଗରେ ଭଦ୍ରକ ଏବଂ କଟକ ରେଲୱେ ଷ୍ଟେଶନ ମଧ୍ୟରେ ୩ୟ ଲାଇନ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୫୦% ରୁ ଅଧିକ ସମାପ୍ତ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ହରିଦାସପୁର ଏବଂ ବୈତରଣୀ ମଧ୍ୟରେ ୧୬.୮୦ କିଲୋମିଟର ଦୈର୍ଘ୍ୟ ରେଳମାର୍ଗ କାର୍ଯ୍ୟ ଶେଷ ହୋଇଯାଇଛି, ଉକ୍ତ ପ୍ରକଳ୍ପ ୨୦୨୩ ଜୁନ୍ ଶେଷ ସପ୍ତାହ ସୁଦ୍ଧା ଶେଷ ହେବାର ଥିଲା ମାତ୍ର ତାହା ୨୦୨୩ ମେ ପ୍ରଥମ ସପ୍ତାହ ପୂର୍ବରୁ ସମାପ୍ତ ହୋଇଯାଇଛି। ବିଶେଷ କରି ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ନିରନ୍ତର ସମୀକ୍ଷା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମ୍ବନ୍ଧରେ ତର୍ଜମା କରିବା ଦ୍ୱାରା ସମ୍ଭବ ହୋଇଛି। ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପ କାର୍ଯ୍ୟଗୁଡିକର ଶୀଘ୍ର ସମାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ମହାପ୍ରବନ୍ଧକ ମନୋଜ ଶର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ପ୍ରକଳ୍ପଗୁଡିକର ଶୀଘ୍ର ସମାପ୍ତି ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସହଭାଗୀ ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ଶର୍ମା ଅଧିକାରୀମାନଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏପରିକି ଓଡିଶାରେ ଜାରି ରହିଥିବା ରେଳପଥର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସହିତ ସମ୍ପୃକ୍ତ ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ମଧ୍ୟ ବୈଷ୍ଣବ ପ୍ରାଥମିକତା ଦେଉଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ସେ ନିରନ୍ତର ଭାବେ ନଜର ରଖିଛନ୍ତି। ସେହିଭଳି ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳ ଲାଇନ କାର୍ଯ୍ୟ ଉକ୍ତ ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ ଏବଂ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଅସୁବିଧାଜନକ ଟ୍ରେନ୍ ଚଳାଚଳକୁ ଏଡାଇ ଦେଇପାରିବ ବୋଲି ରେଳପଥ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

## ବିଏଫ୍‌ଆଇଏଲ୍ ପକ୍ଷରୁ ଗ୍ରାହକ ସଚେତନତା ଅଭିଯାନ

ଭୁବନେଶ୍ୱର,୨୮।୫



ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ୧୦୦% ସହାୟକ ସଂସ୍ଥା ଭାରତ ଫାଇନାନ୍ସିଆଲ ଇନ୍‌କ୍ଲୁଜନ୍ ଲିମିଟେଡ୍ (ବିଏଫ୍‌ଆଇଏଲ୍) ପକ୍ଷରୁ ନିକଟରେ ଏକ ଅଭିନବ ଗ୍ରାହକ ସଚେତନତା ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଉପସ୍ଥିତିରେ ଉକ୍ତ ଗ୍ରାହକ ସଚେତନତା ଅଭିଯାନ ଓଡିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନରେ ୫ଟି ଆନିମେଟେଡ୍ ଭିଡିଓ ଅନ୍ତର୍ଭୁକ୍ତ ରହିଛି, ଯେଉଁଥିରେ 'ଭାରତୀ ଦିଦି' ନାମକ କାଳ୍ପନିକ ଚରିତ୍ର ରହିଛି। ସେହିଭଳି ୨ଟି ସ୍ୱାଧୀନ ଭିଡିଓ ରହିଛି, ଯେଉଁଥିରେ ରାମାୟଣର ଅଭିନେତା ଅରୁଣ ଗୋଭିଲ ମଧ୍ୟ ଅଭିନୟ କରିଛନ୍ତି। ଏପରିକି ଭାରତୀ ଦିଦି ଓ ଅରୁଣ ଗୋଭିଲ୍ ଗ୍ରାହକମାନଙ୍କୁ ଉକ୍ତ ଅଭିଯାନ ସହ ଆର୍ଥିକ ବିଷୟର ଗୁରୁତ୍ୱ ବିଷୟରେ ବୁଝାଉଛନ୍ତି। ବିଶେଷ କରି ଗ୍ରାହକଙ୍କ ସଞ୍ଚୟ ବଢ଼ାଇବା ଏବଂ ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ଓ ରିକରିଂ ଡିପୋଜିଟ୍ (ଆର୍‌ଡି) ଭଳି ଅନ୍ୟାନ୍ୟ ନିବେଶ ଉତ୍ପାଦ ବିଷୟରେ ପରାମର୍ଶ ଦେଉଥିବା ବେଳେ ସୁରକ୍ଷିତ ଭାବେ ନଗଦ ରାଶି ଉଠାଣ ଏବଂ ବାୟୋ-ସ୍ଥାପିତ ଠକେଇକୁ ଏଡ଼ାଇବା ଉପରେ ଉଭୟ ବିସ୍ତୃତ ଆଲୋକପାତ କରିଛନ୍ତି।

ଏ ସମ୍ପର୍କରେ ବିଏଫ୍‌ଆଇଏଲର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଜେ.ଶ୍ରୀଧରନ କହିଛନ୍ତି, ଆମେ ଆମ ନିଷ୍ପତ୍ତି ଗ୍ରହଣରେ ପ୍ରଥମେ ଆମ ଗ୍ରାହକମାନଙ୍କ କଲ୍ୟାଣକୁ ସର୍ବଦା ରଖିଥାଉ। ଏପରିକି ଶିଳ୍ପରେ ଦୁଇ ଦଶନ୍ଧିର ଅଭିଜ୍ଞତା ଓ ମୁଖ୍ୟତଃ ମହିଳା ଲଘୁ ଉଦ୍ୟୋଗୀଙ୍କ ଭଳି ଉପେକ୍ଷିତ ଗ୍ରାହକଙ୍କ ସହ ପ୍ରତି ସପ୍ତାହରେ କ୍ଷେତ୍ରାଞ୍ଚଳର ଗ୍ରାହକଙ୍କ ଯୋଡ଼ି ହୋଇରହିବା ଦ୍ୱାରା ଆମେ ସେମାନଙ୍କ କଷ୍ଟକୁ ଭଲ ଭାବେ ବୁଝିପାରିଛୁ। ଫଳରେ ଉତ୍ପାଦର ଦାୟିତ୍ୱବାନ ବ୍ୟବହାର ସହିତ ଠକେଇଠାରୁ ନିଜକୁ ଦୂରେଇ ରଖି ପରିଶେଷରେ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ଜ୍ଞାନ ଭିତ୍ତିକ ବାର୍ତ୍ତା ସହ ଉକ୍ତ ଅଭିଯାନ ଜରିଆରେ ଆବଶ୍ୟକ କାର୍ଯ୍ୟ ପୂରଣ ଲକ୍ଷ୍ୟ ରଖାଯାଇଛି।

## ଭାରତୀ ଆକ୍ସାର 'ପ୍ରୋଜେକ୍ଟ ସର୍ବ-ଓ-ତମ'

ଭୁବନେଶ୍ୱର,୨୮।୫

ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ଡିଜାଇନ କରାଯାଇଥିବା 'ପ୍ରୋଜେକ୍ଟ ସର୍ବ-ଓ-ତମ' ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଉଛି। ବିଶେଷ କରି ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ କରିବା ଲାଗି କମ୍ପାନୀର ରହିଥିବା ପ୍ରତିବଦ୍ଧତା ଅନୁସାରେ ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସ ନିରନ୍ତର ଭାବେ ତା'ର ଡିଜିଟାଲ୍ ଦକ୍ଷତାକୁ ବଢ଼ାଉଛି। ଫଳରେ କମ୍ପାନୀ 'ପ୍ରୋଜେକ୍ଟ ସର୍ବ-ଓ-ତମ'ର ପ୍ରଥମ ପର୍ଯ୍ୟାୟକୁ ସଫଳତାର ସହ ଶୁଭାରମ୍ଭ କରି ନିକଟରେ ମଧ୍ୟ ସମାପନ କରିଛି। ଯେଉଁଥିରେ ୨୦ଟି ପଲିସିକୁ ପୁନର୍ମାର୍ଜିତ ଏବଂ ପ୍ରତ୍ୟକ୍ଷ ସେବାରୁ ଡିଜିଟାଲ୍ ସେବା ପର୍ଯ୍ୟନ୍ତ ୩୬୦ ଡିଗ୍ରୀ ରୂପାନ୍ତରଣ କରାଯାଇଛି। ଏପରିକି ଗ୍ରାହକମାନେ କେବଳ ଗୋଟିଏ କ୍ଲିକ୍‌ରେ ପଲିସି ସମ୍ବନ୍ଧୀୟ ସମସ୍ତ ସେବା ପାଇପାରୁଛନ୍ତି। ଏ ସମ୍ପର୍କରେ ଭାରତୀୟ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ଗ୍ରାହକ ଅଧିକାରୀ ଓ ଡିଜିଟାଲ୍ ବ୍ୟବସାୟ ମୁଖ୍ୟ ନୀତିନ ମେହତା କହିଛନ୍ତି, କମ୍ପାନୀର ମୂଲ୍ୟବାନ ଗ୍ରାହକମାନଙ୍କ ଲାଗି ବୀମାକୁ ସହଜ କରିବାରେ ଆମର ମିଶନ ସହିତ ପ୍ରୋଜେକ୍ଟ ସର୍ବ-ଓ-ତମ ଉପଯୁକ୍ତ ଭାବେ ଖାପ ଖାଉଛି। ଫଳରେ ଆମର ପ୍ରଭାବୀ ସେବା ପାଇଁ ଆମେ ସକାରାତ୍ମକ ମତାମତ ହାସଲ କରିଛୁ ଏବଂ ଆମ ଗ୍ରାହକ ପୋର୍ଟାଲ ପାଇଁ ନେଟ୍ ପ୍ରମୋଟର ସ୍କୋରରେ ୩୦% ଉନ୍ନତି ଘଟିଛି। ସେହିଭଳି ଭାରତୀୟ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ପଙ୍କଜ ଗୁପ୍ତା କହିଛନ୍ତି, ଆମେ ଆମର ଡିଜିଟାଲ୍ ସେବା ଜରିଆରେ ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବାକୁ ପ୍ରତିବଦ୍ଧ ରହିଛୁ। ବିଶେଷ କରି ଡିଜିଟାଲ୍ ଦକ୍ଷତାରେ ନିବେଶ କରି ଆମେ ଗ୍ରାହକ ଯାତ୍ରା ଏବଂ ପ୍ରଶ୍ନ ସମାଧାନ ସମୟରେ ଉନ୍ନତି ଆଣିବାରେ ସଫଳ ହୋଇଥିବା ବେଳେ ଠକେଇ ବିପଦର ମୁକାବିଲା କରିପାରିଛୁ।

ଫୁରସତ୍



## ଆଇଫା ଆୱାର୍ଡ: ଶ୍ରେଷ୍ଠ ଅଭିନେତା ହ୍ରିତିକ୍

**ମୁମ୍ବାଇ:** ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ (ଆଇଫା) ୨୦୨୩ ଶନିବାର ଆବୁଧାବିରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ ଆୱାର୍ଡ୍ ଶୋ'ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନ ଏଥିରେ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଛନ୍ତି। ସେ ତାଙ୍କ ଫିଲ୍ମ 'ବିକ୍ରମ ବେଧା' ପାଇଁ ଏହି ପୁରସ୍କାରର ଅଧିକାରୀ ହୋଇଛନ୍ତି। ଚଳଚ୍ଚିତ୍ରରେ ହ୍ରିତିକ୍ ଦର୍ଶକଙ୍କ ହୃଦୟ ଜିତିବା ପାଇଁ କୌଣସି କାମ ଛାଡ଼ି ନ ଥିଲେ। ସେ କହିଛନ୍ତି, 'ବେଧା' ତାଙ୍କ ଭିତରେ ଥିବା ପାଗଳାମିକୁ ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା, ଯାହା ତାଙ୍କୁ ଜଣା ନ ଥିଲା। ସେଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। 'ବେଧା'କୁ ତାଙ୍କ କ୍ୟାରିୟରର ସର୍ବୋତ୍ତମ ପ୍ରଦର୍ଶନ ବୋଲି ଅନେକ ଦର୍ଶକ କହିଥିଲେ। ଏଥିସହ ଚଳଚ୍ଚିତ୍ର 'ଗଙ୍ଗୁବାଈ କାଠିଆୱାଡ଼ି' ପାଇଁ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚିତ କରାଯାଇଛି। 'ଦୃଶ୍ୟମ୍-୨'କୁ ଶ୍ରେଷ୍ଠ ଫିଲ୍ମ, ପ୍ରଜୋଜକ ଭୂଷଣ କୁମାର ଏବଂ କୁମାର ମଙ୍ଗତଙ୍କୁ 'ଦୃଶ୍ୟମ୍-୨'ର ଶ୍ରେଷ୍ଠ ପିକ୍ଚର ଆୱାର୍ଡ, ଶ୍ରେୟା ଘୋଷାଲଙ୍କୁ ଶ୍ରେଷ୍ଠ ମହିଳା ପ୍ଲେ ବ୍ୟାକ ସିଙ୍ଗର, ଅର୍ଜିତ୍ ସିଂଙ୍କୁ ଶ୍ରେଷ୍ଠ ପୁରୁଷ ପ୍ଲେ ବ୍ୟାକ ସିଙ୍ଗର, ଭେଟେରାନ ଅଭିନେତା ଅନିଲ କପୁରଙ୍କୁ 'ଜୁଗ୍ ଜୁଗ୍ ଜିଓ' ପାଇଁ ସହ ଅଭିନେତା ଆୱାର୍ଡ, 'କ୍ୱାଲା' ପାଇଁ ଅଭିନେତା ଇର୍ଫାନ ଖାନ୍‌ଙ୍କ ପୁଅ ବାବିଲ ଖାନ୍‌ଙ୍କୁ ଶ୍ରେଷ୍ଠ ଡେବ୍ୟୁ ଅଭିନେତା, 'ଧୋକା ଆରାଉଣ୍ଡ ଦି କର୍ନର' ଅଭିନେତ୍ରୀ କୌଶଲି କୁମାରଙ୍କୁ ଶ୍ରେଷ୍ଠ ଡେବ୍ୟୁ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। ଆୱାର୍ଡ ଶୋ'ରେ ବଡ଼ ବଡ଼ ତାରକାଙ୍କ ଧମାକାଦାର ନୃତ୍ୟ ଦେଖିବାକୁ ମିଳିଥିଲା।

## ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ

### ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ



ପ୍ରତିବର୍ଷ ମେ ୨୯ ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳନ କରାଯାଇଥାଏ। ଏହି ଦିବସ ୧୯୫୩ ମସିହାରେ ଏଭରେଷ୍ଟ ଆରୋହଣ କରିଥିବା ଦୁଇ ଜଣଙ୍କ ସ୍ମୃତିରେ ପାଳିତ ହୋଇଥାଏ। ଏହି ବ୍ୟକ୍ତିମାନେ ହେଉଛନ୍ତି ନେପାଳର ତେନସିଂ ନରଗେ ଏବଂ ନ୍ୟୁଜିଲାଣ୍ଡର ଏଡମୁଣ୍ଡ ହିଲାରୀ। ମାଉଣ୍ଟ ଏଭରେଷ୍ଟ ନେପାଳ ଏବଂ ଚାଇନା ମଧ୍ୟରେ ଅବସ୍ଥିତ। ନେପାଳ ପ୍ରତିବର୍ଷ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦିନ ନେପାଳର ରାଜଧାନୀ କାଠମାଣ୍ଡୁରେ ପର୍ବତାରୋହୀଙ୍କୁ ପ୍ରଶଂସା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ। ମାଉଣ୍ଟ ଏଭରେଷ୍ଟ ହିମାଳୟ ପର୍ବତର ସର୍ବୋଚ୍ଚ ଶୃଙ୍ଗ ଏବଂ ଏହାର ଉଚ୍ଚତା ୮,୮୫୦ ମିଟର (୨୯,୦୩୫ ଫୁଟ)। ୧୯୨୦ ଦଶକରେ ବ୍ରିଟିଶ ଲୋକଙ୍କ ଦ୍ୱାରା ଏହି ଶୃଙ୍ଗ ଚଢ଼ିବାକୁ ପ୍ରଥମ ପ୍ରୟାସ ହୋଇଥିଲା। ୭୦ ବର୍ଷ ପୂର୍ବେ, ତେନସିଂ ଏବଂ ହିଲାରୀ ଏହି ଶୃଙ୍ଗ ଆରୋହଣ କରି ଇତିହାସ ସୃଷ୍ଟି କରିଥିଲେ। ୧୯୫୩ ପରଠାରୁ, ଅନେକ ଲୋକ ଶୃଙ୍ଗ ଆରୋହଣ କରିଛନ୍ତି ଏବଂ ପ୍ରତିବର୍ଷ ଏଭଳି ଲୋକଙ୍କ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଛି। ୨୦୦୮ରେ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରାଯାଇଥିଲା, ଏବଂ ସେହି ଦିନ ଏଡମଣ୍ଡ ହିଲାରୀଙ୍କର ଦେହାନ୍ତ ହୋଇଥିଲା। ତେଣୁ ନେପାଳ ମେ ୨୯ ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା।

ପର୍ବତାରୋହୀମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଏହି ଦିବସ ଉତ୍ସାହର ସହିତ ପାଳନ କରାଯାଇଥାଏ। ଆଡଭେଞ୍ଚର ସ୍ପୋର୍ଟସ ଟୁରିଜିମ ସୋସାଇଟି ଏବଂ ନେପାଳ ପର୍ଯ୍ୟଟନ ବୋର୍ଡ (ଏଟିବି) ଦ୍ୱାରା ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ଆୟୋଜିତ ହୋଇଥାଏ। ମାଉଣ୍ଟ ଏଭରେଷ୍ଟ ହେଉଛି ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଏବଂ ଏସିଆ ହିମାଳୟର ସର୍ବୋଚ୍ଚ ଶିଖର। ଏଭରେଷ୍ଟ ହିମାଳୟର ମହଲାଙ୍ଗୁର ହିମାଲ ସବ ରେଞ୍ଜରେ ଅବସ୍ଥିତ। ଦକ୍ଷିଣ ଏସିଆର ଉନବିଂଶ ଶତାବ୍ଦୀର ବ୍ରିଟିଶ ସର୍ବେକ୍ଷଣକାରୀ ସାର୍ ଜର୍ଜଙ୍କ ପରେ ବ୍ରିଟିଶମାନେ ଏହାକୁ ମାଉଣ୍ଟ ଏଭରେଷ୍ଟ ନାମ ଦେଇଥିଲେ।

## ୮ ବର୍ଷୀୟା ଭାରୋତ୍ତୋଳନକାରୀ

ଚଣ୍ଡିଗଡ଼



ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଛୋଟବେଳୁ ଅନେକଙ୍କ ପ୍ରତିଭା ଜଣାପଡ଼ିଥାଏ। ସେମାନେ ଛୋଟ ବୟସରୁ ହିଁ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟନ୍ତି। ସେହିପରି ଜଣେ ୮ବର୍ଷୀୟା ତାଙ୍କ ପ୍ରତିଭା ପାଇଁ ଚର୍ଚ୍ଚାରେ ଅଛନ୍ତି। ହରିୟାଣା ପଞ୍ଚକୁଲ ସହରର ଅର୍ଶିଆ ଗୋସ୍ୱାମୀ ତାଙ୍କ ଭାରୋତ୍ତୋଳନ ପାଇଁ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଲୋକେ ତାଙ୍କୁ ଦେଖି ମୀରାବାଈ ଚାନୁ ସହ ତୁଳନା କରୁଛନ୍ତି। ଭାଇରାଲ ଭିଡିଓରେ ୮ ବର୍ଷୀୟା ଅର୍ଶିଆ ୬୦ କେଜି ଓଜନର ଭାରକୁ ଉଠାଉଥିବା ଦେଖିବାକୁ ମିଳୁଛି। ଅନ୍ୟ ଏକ ଭିଡିଓରେ ଅର୍ଶିଆଙ୍କ ବାପା କହିଛନ୍ତି, ସେ ମୀରାବାଈଙ୍କଠାରୁ ପ୍ରେରଣା ପାଇ ଭାରୋତ୍ତୋଳନ କରୁଛନ୍ତି। ସେ ଆଗାମୀ ଦିନରେ ମୀରାବାଈଙ୍କ ଭଳି ଭାରତ ପାଇଁ ଖେଳି ସ୍ୱର୍ଣ୍ଣ ପଦକ ଆଣିବେ ବୋଲି କହିଛନ୍ତି। ଏହି ଭିଡିଓରେ ବୟସ ଏକ ନମ୍ବର ବୋଲି ସେ କହିଛନ୍ତି। ଏହା ବ୍ୟତୀତ ସେ ଟାଏକୋଣ୍ଡୋ ଏବଂ ପାୱାରଲିଫ୍ଟିଂରେ ମଧ୍ୟ ରୁଚି ରଖିଛନ୍ତି। ଅର୍ଶିଆଙ୍କ ବାପା ଜଣେ ଫିଟ୍‌ନେସ ଟ୍ରେନର। ସେ କହିଛନ୍ତି, ତାଙ୍କ ଝିଅ କେବଳ ୬ ମାସର ପରିଶ୍ରମରେ ହିଁ ୪୫ କେଜି ଓଜନ ଉଠାଇବାକୁ ସକ୍ଷମ ହୋଇଥିଲେ। ସେତେବେଳେ ତାଙ୍କୁ ମାତ୍ର ୬ ବର୍ଷ ବୟସ ହୋଇଥିଲା। ଅର୍ଶିଆ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇ ବ୍ରୋଞ୍ଜ ମେଡାଲ ମଧ୍ୟ ଜିତିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଯୁବା ଭାରୋତ୍ତୋଳନକାରୀ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇ ସାରିଛନ୍ତି। ଏହି ଭାଇରାଲ ଭିଡିଓରେ ଅନେକେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଅର୍ଶିଆ ଜଣେ ଭଲ ଭାରୋତ୍ତୋଳନକାରୀ, ବହୁତ ଆଗକୁ ଯାଅ।

## ଆଧାର କାର୍ଡ ଦେଖାଇଲେ ମିଳେ ଗୁପ୍‌ଚୁପ୍




ନୂଆଦିଲ୍ଲୀ

ଆମ ଦେଶରେ ଲୋକେ ଷ୍ଟ୍ରିଟ୍ ଫୁଡ୍ ଭାବେ ଗୁପ୍‌ଚୁପ୍‌କୁ ବେଶୀ ପସନ୍ଦ କରନ୍ତି। ଲୋକେ ଗୁପ୍‌ଚୁପ୍‌କୁ କୌଣସି ସମୟରେ ବି ଖାଉଥିବା ଦେଖିବାକୁ ମିଳେ। ଛୋଟ ପିଲାଙ୍କଠାରୁ ବୁଢ଼ା ଯାଏ କେହି ଏହାକୁ ମନା କରିପାରନ୍ତି ନାହିଁ। ତେବେ ବିଭିନ୍ନ ସ୍ଥାନରେ ଏହା ଅଲଗା ଅଲଗା ନାମରେ ଜଣାଶୁଣା। ଗୁପ୍‌ଚୁପ୍‌ବାଲା ଏବେ ବିଭିନ୍ନ ପ୍ରକାରର ଗୁପ୍‌ଚୁପ୍ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଜଣେ ଗୁପ୍‌ଚୁପ୍ ବିକାଳି ତାଙ୍କ ଗୁପ୍‌ଚୁପ୍ ପାଇଁ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସେ କେବଳ ୧୮ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷଙ୍କୁ ହିଁ ତାଙ୍କ ଗୁପ୍‌ଚୁପ୍ ଖାଇବାକୁ ଦିଅନ୍ତି। ୧୮ ବର୍ଷରୁ କମ୍ ଛୋଟ ପିଲାଙ୍କୁ ଗୁପ୍‌ଚୁପ୍ ଖାଇବା ବାରଣ ଥାଏ। ହେଲେ ଏକ ଅଜବ କଥା ହେଉଛି, ଯିଏ ତାଙ୍କ ପାଖକୁ ଗୁପ୍‌ଚୁପ୍ ଖାଇବାକୁ ଆସେ ; ତାଙ୍କୁ ପ୍ରଥମେ ନିଜ ଆଧାର କାର୍ଡ ଦେଖାଇବାକୁ ପଡ଼ିଥାଏ। ସେ ୨୦ ଟଙ୍କାରେ ମାତ୍ର ୬ଟି ଗୁପ୍‌ଚୁପ୍ ଦିଅନ୍ତି। ହେଲେ ଏତେସବୁ ନିୟମ ଥିବା ସତ୍ତ୍ୱେ ତାଙ୍କ ଦୋକାନରେ ସବୁବେଳେ ଭିଡ଼ ଲାଗି ରହିଥାଏ। ଏହାର ଏକ ଭିଡିଓ ଦେଖିବାକୁ ମିଳିଛି, ଯେଉଁଥିରେ ସେ ଗୁପ୍‌ଚୁପ୍ ପାଣିରେ କିଛି ମସଲା ମିଶାଉଛନ୍ତି।





ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ସମ୍ପ୍ରତି ପୁରୀର ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ରଥରେ ଦଣ୍ଡାକଣ୍ଟା ପିଟାଯାଉଛି। **(ଫଟୋ–ଯଜ୍ଞେଶ୍ୱର)**

# ଦୟା, ଭାର୍ଗବୀ ନଦୀ ସ୍ଥିତି ଦେଖିଲା ଟ୍ରିବ୍ୟୁନାଲ ଟିମ୍

**ବାଲକାଟୀ,୨୮।୫(ଡି.ଏନ୍.ଏ.)**

ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରିଥିବାରୁ ମହାନଦୀ ତଳମୁଣ୍ଡରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳ ବିବାଦ ଲାଗି ରହିଛି। ଏହାର ସମାଧାନ ପାଇଁ ଗଠିତ ମହାନଦୀ ଟ୍ରିବ୍ୟୁନାଲ ଟିମ୍‌ର ସଦସ୍ୟମାନେ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ରବିବାର ଏହି ଟିମ୍‌ର ଏକ ୨୫ଜଣିଆ ପ୍ରତିନିଧି ଦଳ ରାଜଧାନୀ ଉପକଣ୍ଠରେ ପ୍ରବାହିତ ଦୟା ଓ ଭାର୍ଗବୀ ନଦୀ ତଟବର୍ତ୍ତୀ ଓ ବାଲକାଟୀସ୍ଥିତ ସାଇଫନ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ନ୍ୟାୟାଧୀଶ ଏ.ଏମ୍. ଖାନୱିଲକରଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିମାନେ ପୂର୍ବାହ୍ନ ୧୦ଟାରେ ପ୍ରଥମେ ଲିଙ୍ଗିପୁରସ୍ଥିତ ଦୟାନଦୀ ଅବବାହିକାରେ ପହଞ୍ଚି ସେଠାରେ ଉପସ୍ଥିତ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ବରିଷ୍ଠ ଅଧିକାରୀଙ୍କୁ ଦୟା ନଦୀର ବନ୍ୟାବେଳର ସ୍ଥିତି, ନଦୀର ଜଳସ୍ତର ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ବାଲକାଟୀରେ ପହଞ୍ଚି ଭାର୍ଗବୀ ନଦୀ ଓ ସାଇଫନ ବୁଲି ସ୍ଥିତି ପରଖିଥିଲେ। ଟ୍ରିବ୍ୟୁନାଲ ଟିମ୍‌ର ଗସ୍ତ ସମୟରେ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ବାଲକାଟୀସ୍ଥିତ ସାଇଫନ ନିକଟରେ ସ୍ଥିତି ପରଖୁଛି ଟ୍ରିବ୍ୟୁନାଲ ଟିମ୍।

# ଗଜପତି ଜିଲାକୁ ସ୍କଚ୍ ପୁରସ୍କାର

**ପାରଳାଖେମୁଣ୍ଡି, ୨୮।୫(ଡି.ଏନ୍.ଏ.)**

ନୂଆଦିଲ୍ଲୀର ଆମ୍ବେଡକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଗଜପତି ଜିଲାକୁ ମିଳିଛି 'ସ୍କଚ୍ ପୁରସ୍କାର'। ସ୍କଚ୍ ଗ୍ରୁପ୍‌ର ଅଧ୍ୟକ୍ଷଙ୍କଠାରୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ରବିବାର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ୫୦ଟି ବିଦ୍ୟାଳୟରେ ପାଠାଗାର କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ବଢ଼ାଇବା ସହ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରମାନଙ୍କ ସମସ୍ୟା ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହିସବୁ ବିଦ୍ୟାଳୟରେ ଲାଇବ୍ରେରିକୁ ସୁଦୃଢ ଓ ଅଧିକ ଉପଯୋଗୀ କରାଯିବା ଫଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହୋଇଥିବା ଜଣାପଡ଼ିଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ରହୁଥିବା ଯୋଗୁ ସେମାନଙ୍କର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। କୋଭିଡ୍ ପରେ ଛାତ୍ରୀଛାତ୍ର କିପରି ବିଦ୍ୟାଳୟକୁ ଫେରିବେ ଏବଂ ଶିକ୍ଷା ପ୍ରତି ସେମାନଙ୍କର କିପରି ଆଗ୍ରହ ବଢ଼ିବ ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା। ତେବେ ଏହାକୁ ସଫଳ ରୂପାୟନ କରିଥିବାରୁ ଗଜପତି ଜିଲା ପ୍ରଶାସନକୁ ଏହି ପୁରସ୍କାର ମିଳିଛି। ଦେଶରେ କେବଳ ଗଜପତି ଜିଲାକୁ 'ସ୍କଚ୍ ଆୱାର୍ଡ' ମିଳିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ ଉପସ୍ଥିତ ଥିଲେ।




ପୁରସ୍କାର ଗ୍ରହଣ କରିବା ଅବସରରେ ଜିଲାପାଳ ଲିଙ୍ଗରାଜ ପଣ୍ଡା।

# ଦୁର୍ଘଟଣାରେ ଯୁବ ଡାକ୍ତରଙ୍କ ମୃତ୍ୟୁ

- **୩ ମାସ ତଳେ ବିବାହ କରିଥିଲେ**
- **ପଛରୁ ପିଟିଲା ଅଜଣା ଗାଡ଼ି**

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପିଏଫ୍ ସେଣ୍ଟ୍ରାଲ ସ୍କୁଲ୍ ରୋଡ୍‌ରେ ଦୁର୍ଘଟଣାରେ ଜଣେ ଯୁବ ଡାକ୍ତରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ସହରସ୍ଥିତ ମେଡିକାଲ ବ୍ୟାଙ୍କ କଲୋନୀ ଲେନ୍–୨ର ମନୋଜ କୁମାର ଓମ୍‌କାର (୩୨)। ମନୋଜ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଶନିବାର ରାତି ପ୍ରାୟ ୧୨ଟା ୧୫ରେ ସେ ତାଙ୍କ ବାଇକ୍‌ରେ କଟକ ଯାଉଥିବାବେଳେ ସିଆର୍‌ପିଏଫ୍ କ୍ୟାମ୍ପସ୍‌ର ଗେଟ୍ ନଂ.୨ ସାମ୍ନାରେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମନୋଜ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ବ୍ୟବଚ୍ଛେଦ ପରେ ମନୋଜଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଘଟଣା ସଂକ୍ରାନ୍ତରେ ମନୋଜଙ୍କ ବାପା ପ୍ରଦୀପ କୁମାର ଓମ୍‌କାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଆଇପିସି ଦଫା ୨୭୯, ୩୦୪–ଏରେ ଏକ ମାମଲା (ନଂ.୨୧୮/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି।



ମନୋଜ କୁମାର ଓମ୍‌କାର

ଡାକ୍ତର ମନୋଜଙ୍କ ଗତ ଫେବୃୟାରୀ ୨୮ରେ ଖଣ୍ଡଗିରି କୋଳଥିଆଠାରେ ବିବାହ ହୋଇଥିଲା। ତାଙ୍କ ସ୍ତ୍ରୀ ସୁଶ୍ରୀସଙ୍ଗୀତା ମଧ୍ୟ କଟକ ଏସ୍‌ସିବିରେ ଡାକ୍ତର ଅଛନ୍ତି। ଡାକ୍ତର ପୁଅକୁ ହରାଇ ପରିବାର ଲୋକ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଦୁର୍ଘଟଣାସ୍ଥଳର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ମନୋଜଙ୍କୁ କେଉଁ ଗାଡ଼ି ଧକ୍କା ଦେଲା ଓ ଏଥିରେ କିଏ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବାକୁ ଅଧିକ ତଦନ୍ତ କରାଯାଉଥିବା ସେ କହିଛନ୍ତି। ସେପଟେ ଏହି ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ଲୋକ ଦାବି କରିଛନ୍ତି।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**TUSHI MOTORS**
**CUTTACK:** 9078076450. **PANIKOILI:** 9078076450. **ATHAGARH:** 9078076450.

**NARAYANI MOTORS**
**BHUBANESHWAR: RASULGARH:** 9583022019, 7440019592,9583022013. **JAGATSINGHPUR:** 9583022090. PURI: 9583022035. **NIMAPARA:** 7381094851. **PARADEEP:** 9583022034/ 48. **PURI HIGHWAY PIPLI:** 9583022013.

**ODYSSEY MOTORS**
**ANGUL:** 7752076136, 9776901481, **PALLAHARA:** 7873565435, 9437831123.

**SKY AUTOMOBILES**
**BHUBANESWAR: PATIA** : 7381045356. **CUTTACK:** 9776677771, 7381873818. **DHENKANAL:** 7381045357. **NARSHINGPUR:** 7381045357. **KAMAKHYANAGAR:** 7381045357. **JAJPUR:** 9776900777, **SALEPUR:** 9583544555, **CHANDIKHOL:** 9583544555, **TANGI:** 7381045356.

**JYOTE MOTORS**
**BHUBANESWAR: LEWIS ROAD:** 9798190190. **NAYAPALLI:** 9798190190. **KEONJHAR:** 9798190190. **NAYAGARH:** 9798190190. **BALUGAON:** 9798190190. **ANANDPUR:** 9798190190. **KENDRAPARA:** 9798190190. **BALASORE:** 9798190190. **BHADRAK:** 9798190190. **BARIPADA:** 9798190190. **UDALA:** 7064499950. **RAIRANGPUR:** 9853446906. **JALESWAR:** 7064499950. **BASUDEVPUR:** 9798190190.

*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2023.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘାଇ ମୁହଁରେ ଯାଉଛି,**
**ବାଲି କଣା କୁ ବୁଜୁଛି ।**

ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମିର ଲକ୍ଷଣ ହୋଇଥାଏ । ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଘଷର ଘଷର, ଫେରେ ଘଷର,**
**ପୁଣି ଘଷର ପାଣି,**
**ତୁମେ ଯହିଁପାଇଁ ନସର ପସର,**
**ଆମେ ସେ କଥାଟି ଜାଣି ।**

ସାଧାରଣତଃ ପାଖେ ପାଖେ ଘୂରିବୁଲୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ଅତି ସହଜରେ ଜଣା ପଡି ଯାଇଥାଏ । ମନୁଷ୍ୟର ଚାଲିଚଳଣ ତଥା ଆଦବ କାଇଦାରୁ ତା’ର ଅଭିପ୍ରାୟ ଜଣାପଡିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବନ୍ତଳା ରେଞ୍ଜ୍‌ରେ ଛୁଆହାତୀର ମୃତ୍ୟୁ


ମୃତ ହାତୀଛୁଆ

**ଅନୁଗୋଳ ଅଫିସ, ୨୮ା୫**

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳ ଅନ୍ତର୍ଗତ ଲବଙ୍ଗୀ-୧ ବିଟ୍‌ର ଜୁକୁବୁଠାରେ ଏକ ଛୁଆହାତୀର ମୃତଦେହ ଠାବ କରାଯାଇଛି । ହାତୀଟିର ମୃତ୍ୟୁ ୨୬ ତାରିଖରେ ହୋଇଥିବାବେଳେ ଶନିବାର ଘଟଣା ସମ୍ପର୍କରେ ଜଣାପଡ଼ିଥିଲା । ରବିବାର ଆର୍‌ସିସିଏଫ୍ ସୁଧାଂଶୁ ପୁରା, ଡିଏଫଓ ବିବେକ୍ କୁମାର, ଏସିଏଫ୍ ରଞ୍ଜନ ବେହେରା, ରେଞ୍ଜର ନୀଳମାଧବ ସାହୁ, ପ୍ରାଣୀଧନ ଚିକିତ୍ସାଧିକାରୀ ଡା. କିଶୋର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ବ୍ୟବଚ୍ଛେଦ ପରେ ହାତୀ ମୃତଦେହ ପୋତି ଦିଆଯାଇଛି । ଉକ୍ତ ଅଣ୍ଡିରା ହାତୀଛୁଆର ଆନୁମାନିକ ବୟସ ୩ବର୍ଷ ହେବ । ତେବେ କେଉଁ କାରଣରୁ ଏହାର ମୃତ୍ୟୁ ଘଟିଲା, ତାହା ଅସ୍ପଷ୍ଟ ରହିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ଡିଏଫଓ କହିଛନ୍ତି । ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କ କହିବା କଥା, ଜଙ୍ଗଲରେ ପାଣି ସଙ୍କଟ ଓ ଖାଦ୍ୟାଭାବ ଦେଖାଦେଇଛି । ପ୍ରବଳ ଖରାରେ ଜଳ ସନ୍ଧାନରେ ଆସି ହାତୀ ଛୁଆ ମୃତ୍ୟୁମୁଖରେ ପଡ଼ିଥିବା ସେମାନେ କହିଛନ୍ତି ।

### ବାଇକ୍ ଆରୋହୀଙ୍କ ଜୀବନ ନେଲା ଦନ୍ତା

ଅନୁଗୋଳ ବନ୍ତଳା ଥାନା ବାରଗୌଣିଆ ପଞ୍ଚାୟତ ଅନ୍ତର୍ଗତ ସାନହିଂସର ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ହାଡ଼ିବନ୍ଧୁ ଭୋଇ । ରାତି ପ୍ରାୟ ୮ଟା ବେଳେ ହାଡ଼ିବନ୍ଧୁ ବାଇକ୍‌ରେ ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ଦନ୍ତା ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା । ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନାକୁ ପଠାଇଛନ୍ତି ।

# ଭର୍ଷ୍ଟାପେନ୍ ଜିତିଲେ ମୋନାକୋ ଗ୍ରାଁପ୍ରି

**ମୋନାକୋ, ୨୮ା୫**

ଗତଥରର ଫର୍ମୁଲା ୱାନ ଚାମ୍ପିୟନ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଏଠାରେ ମୋନାକୋ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ ହୋଇଥିବା ୬ଟି ରେସ୍ ମଧ୍ୟରୁ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୪ର୍ଥ ବିଜୟ । ଫଳରେ ଚାମ୍ପିୟନଶିପ୍ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଥିବା ତାଙ୍କ ଟିମ୍‌ମେଟ ସର୍ଗିଓ ପେରେଜଙ୍କଠାରୁ ତାଙ୍କ ଅଗ୍ରଣୀ ବ୍ୟବଧାନ ୩୯ ପଏଣ୍ଟ କୁ ବୃଦ୍ଧି ପାଇଛି । ଏଠାରେ ପେରେଜଙ୍କ ପ୍ରଦର୍ଶନ ଉତ୍ସାହଜନକ ନ ଥିଲା । ବ୍ୟାକ୍‌ରୁ ରେସ ଅରମ୍ଭ କରି ସେ ୧୭ତମ ସ୍ଥାନରେ ରହିଥିଲେ । ଆଷ୍ଟନ ମାର୍ଟିନ ଟିମ୍‌ର ଫର୍ନାଣ୍ଡୋ ଆଲୋଁସୋ ଦ୍ୱିତୀୟ ଏବଂ ଅଲ୍‌ପାଇନର ଏଷ୍ଟିବାନ ଓକନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଫର୍ନାଣ୍ଡୋ ଏହି ସିଜନରେ ୬ଟି ରେସ୍‌ରେ ୫ମ ପୋଡିୟମ ଫିନିଶ କରିପାରିଛନ୍ତି । ଫ୍ରେଞ୍ଚ ଡ୍ରାଇଭର ଓକନ ଅଲ୍‌ପାଇନ୍ ପାଇଁ ବିରଳ ପୋଡିୟମ ଫିନିଶ ଆଣିଦେଇଛନ୍ତି । ପ୍ରବଳ ବର୍ଷାଯୋଗୁ ଡ୍ରାଇଭିଂ ବେଳେ କେତେଜଣ ଡ୍ରାଇଭର ନିୟନ୍ତ୍ରଣ ହରାଇଥିବା ଲକ୍ଷ୍ୟ କରାଯାଇଥିଲା । ଫେରାରିର କାର୍ଲୋସ ସେଞ୍ଜ ଜୁନିୟରଙ୍କ କାର୍ ରାସ୍ତାକଡ଼କୁ ଖସି ଯାଇ ବ୍ୟାରିଅର ନିକଟକୁ ଯାଇଥିଲା । ସୌଭାଗ୍ୟ ବଶତଃ ତାଙ୍କ ଫେରାରିର କୌଣସି କ୍ଷତି ଘଟି ନ ଥିଲା । ଲାନ୍ସ ଷ୍ଟ୍ରୋଲ ଆଷ୍ଟନ ମାର୍ଟିନରେ ସମସ୍ୟା ଦେବାଦେବାରୁ ସେ ରେସ୍‌ରୁ ରିଟାୟର୍ଡ ନେଇ ଯାଇଥିଲେ । ମର୍ସିଡିଜର ଦୁଇ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଜର୍ଜ ରସେଲ ଯଥାକ୍ରମେ ୪ର୍ଥ ଓ ୫ମ ହୋଇଥିଲେ । ବର୍ଷାରେ ପ୍ରତିକୂଳ ପରିବେଶରେ ରବିବାର ଅନୁଷ୍ଠିତ ଏହି ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ପିଏରେ ଗାସ୍‌ଲି (ଅଲ୍‌ପାଇନ୍), କାର୍ଲୋସ ସେଞ୍ଜ (ଫେରାରି) ଏବଂ ମ୍ୟାକଲରେନର ଲାଣ୍ଡୋ ନୋରିସ୍ ଓ ଓସ୍କାର ପିଆଷ୍ଟ୍ରି ।

# ୫ ଜିଲ୍ଲାରେ ପ୍ରତିଷ୍ଠା ହେବ ପିଆଜ ଗୋଦାମ

**ଭୁବନେଶ୍ୱର, ୨୮ା୫(ବ୍ୟୁରୋ)**

ରାଜ୍ୟ ସରକାର ୫ଟି ଜିଲ୍ଲାରେ ପିଆଜ ଗୋଦାମ କରିବା ଲାଗି ଯୋଜନା କରିଛନ୍ତି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କଳାହାଣ୍ଡି, ବରଗଡ଼, ନୂଆପଡ଼ା, ଅନୁଗୋଳ ଏବଂ ବୌଦ୍ଧ ରହିଛି । ଏହି ଗୋଦାମଗୁଡ଼ିକରେ ୬ ହଜାର ଟନ୍‌ର ପିଆଜ ରହିପାରିବାର କ୍ଷମତା ରହିବ ବୋଲି ଓଡ଼ିଶା ଷ୍ଟେଟ୍ ଏଗ୍ରିକଲଚର ମାର୍କେଟିଂ ବୋର୍ଡ(ଓଏସ୍ଏଏମ୍‌ବି) ଜେନେରାଲ ମ୍ୟାନେଜର ଧରିତ୍ରୀ ମିଶ୍ର କହିଛନ୍ତି । ଏହି ଗୋଦାମଗୁଡ଼ିକର ନିର୍ମାଣ ଲାଗି ରାଜ୍ୟ ସରକାର ମୋଟ୍ ୭.୫୧ କୋଟି ଟଙ୍କା ଖର୍ଚ୍ଚ କରିବେ । ରାଜ୍ୟ ସରକାର ଯୋଜନା କରିଛନ୍ତି କଳାହାଣ୍ଡି ଜିଲ୍ଲାର କୋକସରା, ଜୁନାଗଡ଼, ବୌଦ୍ଧ, ବରଦା, ବୁର୍ଡା, ଏମ୍.ରାମପୁର, ଭବାନୀପାଟଣା ଏବଂ କେସିଙ୍ଗାରେ ପିଆଜ ଗୋଦାମ ନିର୍ମାଣ ହେବ । ସେହିପରି ବରଗଡ଼ର ଭଟଲି ଏବଂ ପଦମ୍‌ପୁର, ନୂଆପଡ଼ା ଜିଲ୍ଲାର କୋମନା, ଅନୁଗୋଳ ଜିଲ୍ଲାର ଲୁହାମୁଣ୍ଡାଠାରେ ମଧ୍ୟ ପିଆଜ ଗୋଦାମ ପ୍ରତିଷ୍ଠା ହେଇପାରେ ବୋଲି ଜଣାପଡ଼ିଛି । ବୌଦ୍ଧ ଜିଲ୍ଲାରେ ଦୁଇଟି ନୂଆ ଗୋଦାମ ପ୍ରତିଷ୍ଠା ହେବ । ପିଆଜ ଦରବୃଦ୍ଧି ନିୟନ୍ତ୍ରଣରେ ଏହି ଗୋଦାମ ପ୍ରତିଷ୍ଠା କାମ ଦେବ । ଏବେ ଅନୁଗୋଳ ଏବଂ ବଲାଙ୍ଗୀରରେ ଦୁଇଟି ପିଆଜ ଗୋଦାମ ରହିଛି ।

# ବିଜେଡି ଜିଲ୍ଲା ସଭାପତି ପଦରୁ ଇସ୍ତଫା ଦେଲେ ରବୀନ୍ଦ୍ର

ବାଲେଶ୍ୱର ଅଫିସ,୨୮ା୫- ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ଇସ୍ତଫାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଚାଲିଛି । ପରବର୍ତ୍ତୀ ସମୟରେ କିଏ ଜିଲ୍ଲାର ମଙ୍ଗ ଧରିବେ ସେ ବାବଦରେ ମଧ୍ୟ ରାଜନୈତିକ ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଦୌଡ଼ରେ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସିମୁଳିଆ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନାମ ଥିବା ଜଣାପଡ଼ିଛି । ରବୀନ୍ଦ୍ର ଗତ ୨୦୧୪ ସାଧାରଣ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ବିଜୟୀ ହୋଇ ଏମ୍‌ପି ହୋଇଥିଲେ । ପରେ ବିଜେଡି ଜିଲ୍ଲା ସଭାପତି ଦାୟିତ୍ୱ ନେଇଥିଲେ । ଗତ ୨୦୧୭ ପଞ୍ଚାୟତ ନିର୍ବାଚନ ଓ ପରବର୍ତ୍ତୀ ସମୟରେ ପୌର ନିର୍ବାଚନରେ ପ୍ରାୟ ଜିଲ୍ଲାର ସମସ୍ତ ପ୍ରାର୍ଥୀଙ୍କୁ ଜିତାଇ ନିଜକୁ ଏକ ଦୃଢ଼ ସଂଗଠକ ଭାବେ ଉପସ୍ଥାପିତ କରି ପରିଥିଲେ । ୨୦୧୯ ନିର୍ବାଚନରେ ବିଜେଡିରୁ ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । କିନ୍ତୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ରଖି ପୁନର୍ବାର ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରିଥିଲେ । ସେ ଜଣେ ଦୃଢ଼ ସଙ୍ଗଠକ ଭାବରେ ଜଣାଶୁଣା । ନିକଟରେ ଖୋର୍ଦ୍ଧା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଦଳ ପକ୍ଷରୁ ନିଯୁକ୍ତି ପାଇଛନ୍ତି । କାହିଁକି ଓ କେଉଁ ପରିସ୍ଥିତିରେ ସେ ଦଳର ଜିଲ୍ଲା ସଭାପତି ପଦରୁ ଇସ୍ତଫା ଦେଲେ ତାହା ସ୍ପଷ୍ଟ ହୋଇପାରୁ ନାହିଁ । ଏନେଇ ତାଙ୍କ ମତାମତ ମିଳିପାରିନାହିଁ ।


ରବୀନ୍ଦ୍ର କୁମାର ଜେନା

# ଆଜିଠୁ ଯୁକ୍ତ ୨ ନାମଲେଖା ଆବେଦନ

**ଭୁବନେଶ୍ୱର,୨୮ା୫(ବ୍ୟୁରୋ)**

ମେ’ ୨୯ ସୋମବାର ପୂର୍ବାହ୍ନ ୧୧ଟାରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଛି । ଛାତ୍ରୀଛାତ୍ର ମନ ପସନ୍ଦର କଲେଜରେ ନାମ ଲେଖାଇବା ପାଇଁ ସାମ୍‌ସ ପୋର୍ଟାଲ ମାଧ୍ୟମରେ କମନ ଆପ୍ଲିକେଶନ ଫର୍ମ ପୂରଣ କରିବାକୁ ପଡ଼ିବ । www.samsodisha.gov.inରେ ଲଗ୍ ଇନ୍ କରି ଜୁନ୍ ୨୦ ମଧ୍ୟରେ ଆବେଦନ କରିହେବ । ଜୁନ୍ ୨୮ରେ ପ୍ରଥମ ସିଲେକ୍ସନ ତାଲିକା ପ୍ରକାଶ ପାଇବ । ତାଲିକାରେ ନାମ ଥିବା ଆବେଦନକାରୀ ଜୁନ୍ ୨୯ରୁ ଜୁଲାଇ ୭ ମଧ୍ୟରେ ନାମ ଲେଖାଇପାରିବେ । ଜୁଲାଇ ୧୩ରେ ଦ୍ୱିତୀୟ ସିଲେକ୍ସନ ତାଲିକା ପ୍ରକାଶ ପାଇବ । ଜୁଲାଇ ୧୪ରୁ ୧୭ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ । ଜୁଲାଇ ୧୯ରୁ ୨୧ ମଧ୍ୟରେ ସ୍ପଟ୍ ଆଡ୍‌ମିଶନ ପ୍ରକ୍ରିୟା ଚାଲୁରହିବ । ଜୁଲାଇ ୨୬ ଓ ୨୭ର ସ୍ପଟ୍ ସିଲେକ୍ସନ୍ ତାଲିକା ପ୍ରକାଶ ପାଇବା ସହ ୨୭ରେ ନାମଲେଖା ଯିବ । ଜୁଲାଇ ୨୯ରୁ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ ।

# ବାଡିରେ ପିଟି ପିଟି ଗାଈକୁ ମାରିଦେଲେ

**ଖଇରା, ୨୮ା୫(ଡି.ଏନ.ଏ.)**

ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ନୟାଖଣ୍ଡି କେନାଲ ନିକଟରେ କେତେଜଣ ଗୋରୁ ବ୍ୟବସାୟୀ ଏକ ଗାଈକୁ ପିଟି ପଟି ମାରିଦେବା ଭଳି ଅଭାବନୀୟ ଘଟଣା ଘଟିଛି । ଖଇରା ପୋଲିସ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ହୃଦୟ ବେହେରା, ସମିତିସଭ୍ୟା ପ୍ରତିନିଧି ବିପ୍ଳବ ଦାଶ ପ୍ରମୁଖ ମାନବିକତା ଦେଖାଇ କିଛି ଗ୍ରାମବାସୀଙ୍କ ସହ ମିଶି ଗାଈଟିର ସତ୍କାର କରିଛନ୍ତି । ତେବେ ଖସି ପଳାଇଥିବା ଗୋରୁବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ତାଳମହୁରି ଗ୍ରାମର ନରେଶ ସାହୁ ଅର୍ଜୁନପୁର ଗ୍ରାମର ଜଣେ ସହଯୋଗୀଙ୍କ ସହ ମିଶି ଗାଁମାନଙ୍କୁ ଗୋରୁ କିଣି ବ୍ୟବସାୟୀଙ୍କୁ ବିକ୍ରି କରନ୍ତି । ଏଭଳି ଭାବେ ରବିବାର ବ୍ୟବସାୟୀଙ୍କୁ ଗୋରୁ ବିକ୍ରି କରିବା ପରେ ବ୍ୟବସାୟୀମାନେ ତାକୁ ନେବାକୁ ଉଦ୍ୟମ କରିଥିଲେ । ଗାଈଟି ଅଜଣା ଲେକଙ୍କୁ ଦେଖି ଦୌଡାଦୌଡି କରିବା ପରେ ସେମାନେ ନିର୍ଧୁମ ପିଟିଥିଲେ । ପ୍ରବଳ ଖରାରେ ଗାଈ ଅତ୍ୟାଚାର ସହି ନ ପାରି ପ୍ରାଣ ହରାଇଥିଲା ।


ସ୍ଥାନୀୟ ଗ୍ରାମବାସୀ ଗାଈକୁ ସତ୍କାର ପାଇଁ ନେଉଛନ୍ତି ।

# ବାପପୁଅଙ୍କ ୩ କୋଟିର ସମ୍ପତ୍ତି ବାଜ୍ୟାପ୍ତ


ବାଜ୍ୟାପ୍ତ ହୋଇଥିବା କୋଠା ଓ ଗାଡ଼ି

**ପୁରୀ ଅଫିସ/ବ୍ରହ୍ମଗିରି, ୨୮ା୫(ଡି.ଏନ୍.ଏ)**

ଦୀର୍ଘଦିନ ଧରି ନିଶା କାରବାର ମାଧ୍ୟମରେ ଅଚଳାଚଳ ସମ୍ପତ୍ତି ଠୁଳ କରି କୋଟିପତି ପାଲଟିଥିବା ଗଞ୍ଜେଇ ମାଫିଆ ବିଜୟ ପାଣି ଏବଂ ତାଙ୍କ ପୁଅ ଶତ୍ରୁଜିତ୍ ପାଣିଙ୍କ ୩କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି ପୁରୀ ପୋଲିସ । ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ୯ଟି ପ୍ଲଟ, ୪ଟି କୋଠା, ଦୁଇଟି ଦାମୀ କାର୍ ଓ ଦୁଇଟି ବାଇକ୍ ପ୍ରଭୃତି ଆଟାଚ୍ ରହିଛି । ରବିବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଲ ସିଂହ ଏହି ସୂଚନା ଦେଇଛନ୍ତି । ଗତ ମେ ୩ରେ ବିଜୟ ଓ ଶତ୍ରୁଜିତ୍‌ବେଆଇନ ଭାବେ ଗଞ୍ଜେଇ ରଖିବା ସହ କାରବାର କରୁଥିବା ଅଭିଯୋଗରେ ବ୍ରହ୍ମଗିରି ଥାନା ପୋଲିସ ଏବଂ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ । ଏମାନଙ୍କଠାରୁ ୬୨୪ କେଜିରୁ ଅଧିକ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ । ଏଥିସହ ୩ଟି ବୋମା ଜବତ କରାଯାଇଥିଲା । ଏ ନେଇ ବ୍ରହ୍ମଗିରି ଥାନା ପୋଲିସ ଏକ କେସ୍ (ନଂ. ୯୦/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏ ସଂକ୍ରାନ୍ତରେ ରବିବାର ଏସ୍‌ପି ସୂଚନା ଦେଇ କହିଛନ୍ତି ଯେ, ଅନେକ ଦିନ ହେବ ବିଜୟ ଓ ତାଙ୍କ ପୁଅ ଶତ୍ରୁଜିତ ଗଞ୍ଜେଇ ବେପାରରେ ଲିପ୍ତ ଥିଲେ । ଦୁହେଁ କନ୍ଧମାଳରୁ ଗଞ୍ଜେଇ ଆଣି ଘରେ ଠୁଳ କରି ରଖିବା ସହ ଆଗାମୀ ରଥଯାତ୍ରାରେ ବେପାର କରିବା ପାଇଁ ଯୋଜନା କରିଥିଲେ । ଏହି ଘଟଣାରେ ପୁରୀ ପୋଲିସ ଉଭୟଙ୍କୁ ପୂର୍ବରୁ ଗିରଫ କରିଥିଲା । ଏଥିସହ ସେମାନଙ୍କଠାରୁ ୬୨୪ କେଜିରୁ ଅଧିକ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା । ତେବେ ସେମାନଙ୍କ ଆର୍ଥିକ କାରବାର ଓ ରୋଜଗାରର ଉତ୍ସ ସମ୍ପର୍କରେ ଜାଣିବାକୁ ପୋଲିସ ଏବଂ ଏସ୍‌ଟିଏଫ୍ ପକ୍ଷରୁ ମିଳିତ ଭାବେ ଖୋଳତାଡ଼ ଆରମ୍ଭ ହୋଇଥିଲା । ପୋଲିସ ଏବଂ ଏସ୍‌ଟିଏଫ୍ ପକ୍ଷରୁ ଗଠିତ ଟିମ୍ ରବିବାର ସମ୍ପୃକ୍ତ ବାପ, ପୁଅଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଓ ବ୍ୟବସାୟିକ ସ୍ଥଳରେ ଚଢାଉ କରିଥିଲା । ଏହି ଚଢାଉ ସମୟରେ ୩କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି ପୋଲିସ । ବିଜୟଙ୍କର ବ୍ରହ୍ମଗିରି ତହସିଲ ଅଧୀନ ଗୋପିନାଥପୁର ମୌଜାରେ ୪ଟି ପ୍ଲଟ, କପିଳେଶ୍ୱରପୁର

### ଗଞ୍ଜେଇ କାରବାରକୁ ନେଇ ଗିରଫ ହୋଇଥିଲେ

ମୌଜାରେ ୨ପ୍ଲଟ, ସିପସରୁବାଲି ମୌଜାରେ ୩ଟି ପ୍ଲଟ, ଗୋପିନାଥପୁର ମୌଜାରେ ଗୋଟିଏ ହୋଟେଲ ଓ ଲଜ୍ ସମେତ ୨ଟି ମୂଲ୍ୟବାନ କୋଠା, କପିଳେଶ୍ୱରପୁର ମୌଜାରେ ଗୋଟିଏ କୋଠା, କଣାସ ଥାନା ଅଧୀନ ଅଣ୍ଡାଳସିଂହ ମୌଜାରେ ଗୋଟିଏ କୋଠା ଏବଂ ବିଭିନ୍ନ ସରଞ୍ଜାମ ସମେତ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି । ସେହିପରି ବିଜୟଙ୍କ ସହିତ ବ୍ୟବସାୟିକ ସମ୍ପର୍କ ରଖିଥିବା ଅନ୍ୟ ନିଶା ବେପାରୀଙ୍କ ଘରେ ମଧ୍ୟ ଚଢାଉ କରାଯାଇଛି । କୋଲକାତାସ୍ଥିତ ବରିଷ୍ଠ ଅଧିକାରୀଙ୍କଠାରୁ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଅନୁମତି ମିଳିଥିଲା । ଏହାପରେ ପୋଲିସ ପକ୍ଷରୁ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି । ପୂର୍ବରୁ ମଧ୍ୟ ଜଣେ ବ୍ରାଉନ୍ ସୁଗାର ବେପାରୀଙ୍କ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା । ନିଶା କାରବାର ରୋକିବା ଉପରେ ପୁରୀ ପୋଲିସର ଏସ୍‌ଟିଏଫ୍ କଡ଼ା ନଜର ରଖିଛି, ଯେଉଁଠି ସୁରାକ ମିଳୁଛି ସେଠାରେ ଟିମ୍ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରୁଛି । ପୁରୀ ସହର ସମେତ ଜିଲ୍ଲାରେ ନିଶା କାରବାର ରୋକିବା ପାଇଁ ପୁରୀ ପୋଲିସ ୨୪ ଘଣ୍ଟା କାମ କରୁଛି । ଆଗକୁ ରଥଯାତ୍ରା ଥିବାରୁ ସହରର ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଭକ୍ତଙ୍କ ସୁରକ୍ଷା ପାଇଁ ଅଭ୍ୟାସଗତ ଅପରାଧୀଙ୍କୁ ୧୧୦ ସିଆର୍‌ପିସି ଧାରାରେ ବୁକ୍ କରାଯାଇ ଜେଲ୍ ପଠାଯାଇଛି । ସେହିପରି ଷ୍ଟ୍ରିଟ୍ କ୍ରାଇମ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଶ୍ରୀମନ୍ଦିର ଭିତରେ ଓ ବାହାରେ ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍ କାମ କରୁଛି । ପୁରୀ ସହରରେ ନିଶା କାରବାର ଉପରେ ରୋକ ଲାଗିବା, ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି । ଆଗକୁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ସିଂହ ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଗ୍ରହସ୍ଥିତି ଅନୁକୂଳତା ରହିବା ବେଳେ ଅପରାହ୍ନରେ ପରିସ୍ଥିତି ବଦଳି ଯିବ । ଆଜିର ଯାତ୍ରା, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା, ଗବେଷଣା କଳା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ । ରାଜନୀତି, ସଭାସମିତି ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ । ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ଠିକ୍ ରହିବନି ।

**ବୃଷ** – ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିବ । ଇଚ୍ଛା ନ ଥିଲେ ମଧ୍ୟ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ । ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ କଳହର ସମ୍ଭାବନା ରହିଛି । ପରିବାରର ଆବଶ୍ୟକତା ଅନୁଯାୟୀ ଗୃହୋପକରଣ କ୍ରୟ କରିବାକୁ ମନ ବଳାଇବେ ।

**ମିଥୁନ** – ପାରିବାରିକ କଳହ କାରଣରୁ ଦୁଶ୍ଚିନ୍ତାରେ ରହିବେ । ମୃଗଶିରା ନକ୍ଷତ୍ର ପ୍ରୀତିପ୍ରଦ ହେବା ସାଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ । ପ୍ରକାଶନ, ପ୍ରଶାସନ, ପରିବହନ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହୋଇପାରନ୍ତି ।

**କର୍କଟ** – ବିଭିନ୍ନ ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ । ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ । କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**ସିଂହ** – ପରିସ୍ଥିତିରେ ଭାରସାମ୍ୟ ରକ୍ଷା କରିବାକୁ ଯାଇ ମିଥ୍ୟାଳାପ କରିବାକୁ ପଡ଼ିପାରେ । ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବ । କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଏଜେନ୍‌ସିପ୍, ସାମ୍ବାଦିକତାରୁ ଖୁସି ରହିବେ । ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଆତ୍ମତୃପ୍ତି ଲାଭ କରିବେ ।

**କନ୍ୟା** – ଆଜି ସମସ୍ୟା ସମାଧାନ ସାଙ୍ଗକୁ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ଯିଏ ଯେତେ ପ୍ରକାରର ଶତ୍ରୁତା କଲେ ମଧ୍ୟ କିଏ କିଛି କରିପାରିବେ ନାହିଁ । ଦୀର୍ଘ ଦିନରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ଆର୍ଥିକ ଅନଟନ ଲାଗି ରହିବା କାରଣରୁ ସାମୟିକ ମାନସିକ ଅସ୍ଥିରତା ଦେଖାଦେଇପାରେ ।

**ତୁଳା** – ଆଜି ଆପଣଙ୍କ ସକାଶେ ଏକ ସ୍ମରଣୀୟ ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦି କିଛି ଅସୁବିଧା ପରିଲକ୍ଷିତ ହୁଏ ତାହା ନିଜ ଦୋଷରୁ ହିଁ ହେବାର ଆଶଙ୍କା ରହିଛି । ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମିତ ହେବେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବାର ଆଶା କରାଯାଇପାରେ ।

**ବିଛା** – ଆଜି ଉପରିସ୍ଥଙ୍କ ଆଦେଶପ୍ରାପ୍ତହୋଇ ଦୂରଯାତ୍ରା କରିବାକୁ ବାଧ ହେବେ । ଶୁଭ ଖବର ପାଇ ମନ ଖୁସି ହୋଇଯିବ । ତରବରିଆ କାମ କଲେ ସବୁ ଓଲଟ ପାଲଟ ହୋଇଯିବ । ଯାନବାହନ ଚଳାଚଳରେ ସତର୍କତା ବିଧେୟ । ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି ।

**ଧନୁ** – ଦିନଭରି ମନ ପ୍ରଫୁଲ୍ଲ ରହିବ ଓ ଯେମିତି ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ହେବ ନାହିଁ । ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢିଯିବ । କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ । ଅଭାବ ଲାଗିରହୁଥିବାରୁ ଆର୍ଥିକ ଉନ୍ନତି ପାଇଁ ଚିନ୍ତାପ୍ରକଟ କରିପାରନ୍ତି ।

**ମକର** – ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ । ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି । ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ । ବହୁଜନ ସମାଗମ ସ୍ଥାନରେ ସମ୍ପର୍କୀୟଙ୍କ ଆକ୍ଷେପୋକ୍ତିରୁ କ୍ରୋଧିତ ହୋଇପାରନ୍ତି ।

**କୁମ୍ଭ** – ଧର୍ମ କାର୍ଯ୍ୟରେ ବନ୍ଧୁଙ୍କୁ ସହଯୋଗ କରି ଆତ୍ମତୃପ୍ତି ଲାଭ କରିପାରନ୍ତି । ପ୍ରିୟବ୍ୟକ୍ତି ମେଳରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ହିଁ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇପାରିବ । ନିଜର ଫାଇଦା ହାସଲ ସକାଶେ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି । ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ ।

**ମୀନ** – ଶୁଭଚନ୍ଦ୍ର ଯାତ୍ରାକୁ ସୁଗମ କରିବ, କିନ୍ତୁ ପାରିବାରିକ କ୍ଷେତ୍ର ସକାଶେ ସାମାନ୍ୟ ପ୍ରତିକୂଳ ପ୍ରଭାବ ପକାଇବ । ଆପଣ ଅର୍ଥପ୍ରାପ୍ତି, ସୌଜନ୍ୟ, ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ । କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ ।

ଆଜି ଜ୍ୟେଷ୍ଠ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର, ମେ’ ୨୯ ତାରିଖ, ରାଶି ନକ୍ଷତ୍ର-ଦିବା ଘ୦୮ା୫୪ ଗତେ,ଉତ୍ତରାଫାଲଗୁନୀ /କନ୍ୟା, ଦଶମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ ଓ ଜଳାଶୟ ଖନନ ଓ ପ୍ରତିଷ୍ଠା ସକାଶେ ଶୁଭଦିନ । ସକାଳ ଘ.୦୮ା୪୦ ଗତେ, ଘ.୧୦ା୨୫ ମଧ୍ୟେ ଶୁଦ୍ଧ ଶୁଭବେଳା । ପ୍ରାତଃ ଘ.୦୬ା୪୯ ଗତେ, ଘ. ୦୮ା୨୭ ମଧ୍ୟେ ରାହୁକାଳ ।

# ସମଲେଇ ଯୋଜନା ସମୀକ୍ଷା କଲେ ୫-ଟି ସଚିବ

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ସମଲେଇ ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ସମଲେଇ ଯୋଜନା ହାତକୁ ନେଇଛନ୍ତି। ଏହି ପ୍ରକଳ୍ପର ଅଗ୍ରଗତି ନେଇ ରବିବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ସମୀକ୍ଷା କରିଛନ୍ତି। ସକାଳ ୮ଟାରେ ସେ ପ୍ରଥମେ ସମଲେଇ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ପରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ୩ ଗୋଟି ସ୍ଥାନକୁ ଯାଇ ସମୀକ୍ଷା କରିଥିଲେ। ଧାର୍ଯ୍ୟ ସମୟ ଭିତରେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାମ ଶେଷ କରିବାକୁ କହିଥିଲେ।

ସମଲେଇ ମନ୍ଦିର ପରିସରରେ ଶତାଧିକ ମହିଳାପୁରୁଷ ଉପସ୍ଥିତ ରହି ୫-ଟି ସଚିବଙ୍କୁ ବ୍ୟକ୍ତିଗତ ଓ ଅଞ୍ଚଳର ସମସ୍ୟା ଜଣାଇଥିଲେ। ସେସବୁ ଶୀଘ୍ର ସମାଧାନ ହେବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ପୂର୍ତ୍ତ ବିଭାଗ ସଚିବ ବୀର ବିକ୍ରମ ସିଂ ଯାଦବ, ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତ୍ତୁଲା ଗଙ୍ଗାଧର ଉପସ୍ଥିତ ରହିଥିଲେ। ନିର୍ମାଣ ଦାୟିତ୍ୱରେ ଥିବା ଓବିସିସି ଏମ୍‌ଡି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପୂରା ପ୍ରକଳ୍ପର ନିର୍ମାଣ ସ୍ଥିତି ଉପରେ ଜଣାଇଥିଲେ। ସୂଚନାଯୋଗ୍ୟ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୫୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ପ୍ରାୟ ୨୫ ଏକର ଜମି ଅଧିଗ୍ରହଣ ହୋଇଛି। ରିଂ ରୋଡ୍‌ଠାରୁ ଆରମ୍ଭ କରି ନୂତନ ମନ୍ଦିର ବେଢା ନିର୍ମାଣ, ପାର୍କିଂସ୍ଥଳୀ, ସୁଇମିଂ ପୁଲ ଓ ମନ୍ଦିର ଚାରିପାଖ ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହାସହ ମହାନଦୀର ରିଭର୍ ଫ୍ରଣ୍ଟ ଭ୍ୟୁ ମଧ୍ୟ ସାମିଲ ରହିଛି। ବର୍ତ୍ତମାନ ସୁଦ୍ଧା ସମଲେଇ ପ୍ରକଳ୍ପର ୪୦ରୁ ୪୫ ପ୍ରତିଶତ କାମ ଶେଷ ହୋଇଥିବା ନିର୍ମାଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସମେତ ମନ୍ଦିର ପୂଜକ, ସାଧାରଣ ମହିଳା ଉପସ୍ଥିତ ଥିଲେ।



ସମଲେଇ ଯୋଜନା ସମୀକ୍ଷା କରୁଛନ୍ତି ୫-ଟି ସଚିବ।

# ପୂର୍ବ ଶତ୍ରୁତାରୁ ସାନଭାଇଙ୍କୁ ହତ୍ୟା

**■ରାସ୍ତାରେ ଗୋଡ଼ାଇ ହାଣିଲେ**
**■ଜଣେ ଅଟକ, ପୋଲିସ ସ୍ତୁତାୟନ**

ବୋଲଗଡ଼,୨୮।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ସାନକୁମାରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଏଥିରେ ଉକ୍ତ ଗ୍ରାମର ବିପିନ ରାଉତଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ ଭାଇ ବିକ୍ରମ ରାଉତ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ବିକ୍ରମଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଏନେଇ ମୃତକଙ୍କ ମା' କଇଁତା ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୨୯/୨୩)ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ମଧ୍ୟାହ୍ନ ୧୨ଟାରେ ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ବିକ୍ରମ ଛିଡ଼ା ହୋଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ଏକ ଖଣ୍ଡାରେ ବିକ୍ରମଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ନିକଟରେ ଥିବା ସାନଭାଇ ବିପିନ ନିଜ ଜୀବନ ବଞ୍ଚାଇବା ପାଇଁ ବାଇକ୍‌ରେ ରାଜସୁନାଖଳା ଅଭିମୁଖେ ପଳାଉଥିବା ବେଳେ ଯୁବକମାନେ ମଧ୍ୟ ତାଙ୍କୁ ଗୋଡ଼ାଇ ଏକ ଦୋକାନ ବାରଣ୍ଡାରେ ନିର୍ମମଭାବେ ଖଣ୍ଡାରେ ହାଣି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ବିକ୍ରମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକଙ୍କ ସହିତ ରାଜସୁନାଖଳା ଡାକ୍ତରଖାନାକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତେବେ ଆକ୍ରମଣକାରୀ ଉକ୍ତ ଗ୍ରାମର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

# ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମାତୃ ବିୟୋଗ

ସମ୍ବଲପୁର:୨୮।୫(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ମା' ତଥା ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସଙ୍କ ଜେଜେମା' ବିଷ୍ଣୁପ୍ରିୟା



ଦାସଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ସମ୍ବଲପୁର ମୁଦିପଡ଼ାସ୍ଥିତ ବାସଭବନରେ ଅପରାହ୍ନରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କୁ ୮୮ବର୍ଷ ହୋଇଥିଲା। ଜଣେ ପ୍ରତିଷ୍ଠିତ ପରିବାରର ହୋଇଥିଲେ ସୁଦ୍ଧା ସେ ଅତି ସାଧାରଣ ଜୀବନ ଅତିବାହିତ କରିବା ସହ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ରାଜକିଶୋର, ବ୍ରଜକିଶୋର, ଯୁଗଳକିଶୋର ଓ ଏକମାତ୍ର ଝିଅ ଜ୍ୟୋତିମଞ୍ଜରୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବନ୍ଧୁ, ପରିଜନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସମ୍ବଲପୁର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଜିଲାରେ ୩ ବର୍ଷ ପୂରଣ କରିଥିବା ଅଧିକାରୀଙ୍କ ତଥ୍ୟ ଦିଅ

**ଜିଲାପାଳଙ୍କୁ ଚିଠି ଲେଖିଲା ରାଜସ୍ୱ ବିଭାଗ**

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ଗୋଟିଏ ଜିଲାରେ ୩ ବର୍ଷ ଚାକିରିରେ ଥିବା ଅଧିକାରୀମାନଙ୍କୁ ଏବେ ବଦଳି କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏନେଇ ଗତ ୨୫ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଟି. ମାଝୀ ସବୁ ଜିଲାପାଳଙ୍କୁ ଏକ ଚିଠି କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗତ ୩ ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପ୍ରସ୍ତୁତି ଲାଗି ବଦଳି ଏବଂ ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବା ଆବଶ୍ୟକ। ୨୯ ତାରିଖ ପୂର୍ବରୁ ଜିଲାରେ ଗତ ୪ ବର୍ଷ ଭିତରେ ଯେଉଁ ଓଏଏସ୍, ଓଆର୍‌ଏସ ଏବଂ ଗ୍ରୁପ୍-ବି'ର ଅଧିକାରୀମାନଙ୍କ କାର୍ଯ୍ୟକାଳ ୩ ବର୍ଷ ପୂରଣ ହୋଇସାରିଛି ସେମାନଙ୍କ ତାଲିକା କରି ପ୍ରଦାନ କର। ଏହାସହ ଯେଉଁମାନେ ସେମାନଙ୍କ ନିଜ ଜିଲାରେ ୩ ବର୍ଷ କାମ କଲେଣି ସେମାନଙ୍କ ତାଲିକା ମଧ୍ୟ ଦେବାକୁ କହିଛନ୍ତି। ଏପରିକି ଆସନ୍ତା ନିର୍ବାଚନର ୫ ମାସ ପୂର୍ବରୁ ମଧ୍ୟ ଯେଉଁମାନେ ଗୋଟିଏ ସ୍ଥାନରେ ୩ ବର୍ଷ କାମ କରିଥିବେ ସେମାନଙ୍କ ତାଲିକା ମଧ୍ୟ ଦେବାକୁ କୁହାଯାଇଛି। ଏହାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭଲ ଭାବେ ନିୟମାନୁଯାୟୀ କାର୍ଯ୍ୟକାରୀ କରିବେ। ଆସନ୍ତା ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଲାଗି ଅଫିସରଙ୍କ ବଦଳି, ନିଯୁକ୍ତି ସହ ଜିଲାରେ ଜିଲା ନିର୍ବାଚନ ଅଧିକାରୀ(ଡିଇଓ) ଏବଂ ରିଟର୍ନିଂ ଅଫିସରଙ୍କ ଉପସ୍ଥିତି ସୁଦୃଢ଼ କରିବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ରହିଥିଲା।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୨୦୨୪ ମେ ମାସ ପୂର୍ବରୁ ନିର୍ବାଚନ ହେବାକୁ ଥିବାରୁ ସରକାରୀ ଅଧିକାରୀଙ୍କ ଟ୍ରାନ୍ସଫର ଓ ପୋଷ୍ଟିଙ୍ଗ ସହ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଧିକ ସଶକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ନିର୍ବାଚନ ଅଧିକାରୀ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସମସ୍ତ ତଥ୍ୟ ମାଗିଛନ୍ତି। ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ କରିବାକୁ ଅଧିକାରୀଙ୍କ ପୋଷ୍ଟିଙ୍ଗ ଓ ବଦଳି ନେଇ ନିର୍ବାଚନ କମିଶନ କିଛି କଟକଣା ରଖିଛନ୍ତି। ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ କୌଣସି ଅଧିକାରୀ ନିଜ ଜିଲାରେ ରହିପାରିବେ ନାହିଁ। ଜିଲା ନିର୍ବାଚନ ଅଧିକାରୀ, ରିଟର୍ନିଂ ଅଫିସର, ପୋଲିସ ଇନ୍‌ସପେକ୍ଟର, ସବ-ଇନ୍‌ସପେକ୍ଟର ଯେଉଁମାନେ ୨୦୧୯ ସାଧାରଣ ନିର୍ବାଚନରେ ଯେଉଁଠି ଥିଲେ, ସେମାନେ ୨୦୨୪ରେ ସେହି ଜାଗାରେ ରହିପାରିବେ ନାହିଁ। ଯଦି କେଉଁସି ଛୋଟ ଜିଲାରେ ଅଧିକାରୀଙ୍କ ସମସ୍ୟା ଥାଏ, ତେବେ ସେ ବାବଦରେ ଯଥେଷ୍ଟ କାରଣ ନିର୍ବାଚନ କମିଶନଙ୍କୁ ରାଜ୍ୟ ସରକାର ଜଣାଇବେ। ଏହି ନିୟମ ପୋଲିସ ଆଇଜି, ଡିଆଇଜି, ଏସପି, ଏସ୍‌ଡିପିଓଙ୍କ କ୍ଷେତ୍ରରେ ଲାଗୁ ହେବ। ନିର୍ବାଚନର ୬ ମାସ ମଧ୍ୟରେ ଅବସର ନେବାକୁ ଥିବା କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ଯେଉଁ କର୍ମଚାରୀ ଓ ଅଧିକାରୀମାନେ କମ୍ପ୍ୟୁଟର ସେଲ୍, ଟ୍ରେନିଙ୍ଗ, ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଥିବେ, ସେମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ ବୋଲି ନିର୍ବାଚନ କମିଶନ ମଡ଼େଲ କୋଡ଼ରେ ସ୍ପଷ୍ଟ କରିଛନ୍ତି। ଏହାସହ ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏହି ନିୟମ ମଧ୍ୟ ପ୍ରଯୁଜ୍ୟ ନୁହେଁ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରି ବଦଳି ଓ ନିଯୁକ୍ତି କାମ ସାରିବାକୁ ମଡ଼େଲ କୋଡ଼ରେ ଉଲ୍ଲେଖ ରହିଛି। ସେହିପରି ନିର୍ବାଚନ ପାଇଁ ମଡ଼େଲ କୋଡ଼ ଲାଗୁ ହେବା ପରେ କୌଣସି ମନ୍ତ୍ରୀ, ରାଜନେତା ସରକାରୀ ଅଧିକାରୀଙ୍କ ସହ ଭିଡ଼ିଓ କନଫରେନ୍ସ କରିବାକୁ ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେବାକୁ ପଡ଼ିବ। ଉକ୍ତ ବୈଠକର ବିବରଣୀ ଗଣମାଧ୍ୟମକୁ ଦେବେ ନାହିଁ। ସେହିପରି କୌଣସି ଅଧିକାରୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ରାଜନୈତିକ ଦଳ ସହ ଜଡ଼ିତ ଥିଲେ, ସେହି ଅଧିକାରୀଙ୍କ ଟୁର୍ ଓ ଛୁଟି ଉପରେ ମଧ୍ୟ କଟକଣା ରହିଛି।

# ଇଣ୍ଡୋନେସିଆରେ କଳା ପ୍ରଦର୍ଶନ କରିବେ ଅଳକା ସାହୁ



ଗୁରୁ ଅଳକା ସାହୁ ଓ ଅନ୍ୟମାନେ।

ଛତ୍ରପୁର, ୨୮।୫ (ଡି.ଏନ୍.ଏ.)

ଇଣ୍ଡୋନେସିଆ ବାଲିରେ କଳିଙ୍ଗ ମହୋତ୍ସବ ଅନୁଷ୍ଠିତ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଗଞ୍ଜାମ ଜିଲା ଛତ୍ରପୁରର ଜୟ ଗଣେଶ କଳା ବିକାଶ କେନ୍ଦ୍ରର ଓଡ଼ିଶୀ ନୃତ୍ୟଗୁରୁ ଅଳକା ସାହୁଙ୍କ ଟିମ୍ ଏହି ମହୋତ୍ସବରେ ଜୁନ୍ ୩ ତାରିଖରେ ନିଜର ନୃତ୍ୟକଳା ପ୍ରଦର୍ଶନ କରିବ। କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ ଫାଉଣ୍ଡେଶନ ପକ୍ଷରୁ ଅଳକା ସାହୁଙ୍କୁ ଚିଠି ଆସିଛି। ଆସନ୍ତା ୩୦ ତାରିଖରେ ତାଙ୍କ ଟିମ୍ ଇଣ୍ଡୋନେସିଆ ଯାତ୍ରା କରିବ ଏବଂ ଜୁନ ୮ରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଅଳକା ଏବଂ ତାଙ୍କ ଟିମ। ପୂର୍ବରୁ ମଧ୍ୟ ଅଳକାଙ୍କ ଟିମ ମାଲେସିଆ, ସିଙ୍ଗାପୁର ସମେତ କଟକ ବାଲିଯାତ୍ରା, ଗୋପାଳପୁର ବେଳାଭୂମିରେ କଳା ପ୍ରଦର୍ଶନ କରି ପୁରସ୍କୃତ ହୋଇଛି। ଏହି ଟିମରେ ଦେବୀ କୁମାରୀ ପ୍ରଧାନ, ଶିବାଙ୍ଗୀ ମହାରଣା, ଅଙ୍କିତା ପ୍ରିୟଦର୍ଶିନୀ ରଥ, କେଶବ ବେହେରା, ସାଗର ଦଳେଇ, ସ୍ନେହାଶିଷ ସାମଲ ଯିବାର କାର୍ଯ୍ୟକ୍ରମ ରହିଛି।

# ସ୍ତ୍ରୀଙ୍କୁ ହତ୍ୟା କରି ରାତିସାରା ଜଗିରହିଲେ ସ୍ୱାମୀ

ଭଞ୍ଜନଗର,୨୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଆଖୁପଦର ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଗୀତାଞ୍ଜଳି ମୁଳି (୫୦)। ଅଭିଯୁକ୍ତ ସ୍ୱାମୀ ରାଜୁ ମୁଳି ରାତିସାରା ମୃତଦେହକୁ ଜଗି ରହିଥିଲେ। ରବିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି। ରାଜୁ କମାରଶାଳ କରି ପରିବାର ଚଳାନ୍ତି। ପୁଅ ବାହାର ରାଜ୍ୟରେ କାମ କରୁଛନ୍ତି। କିଛି ଦିନ ହେଲା ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ ରାଜୁଙ୍କର କଳହ ଲାଗି ରହିଥିଲା। ଶନିବାର ରାତିରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ରାଜୁ ଉତ୍ତ୍ୟକ୍ତ ହୋଇ କୌଣସି ଏକ ଧାରୁଆ ଜିନିଷରେ ଗୀତାଞ୍ଜଳିଙ୍କୁ ହାଣି ହତ୍ୟା କରିଥିଲେ। ରାତିସାରା ରାଜୁ ସେହି ଘରେ କବାଟ ବନ୍ଦ କରି ରହିଥିଲେ। ରବିବାର ଶ୍ୱଶୁରଙ୍କ ଶ୍ରାଦ୍ଧ ଥିବା ଯୋଗୁ ଗୀତାଞ୍ଜଳିଙ୍କୁ ତାଙ୍କ ଯା' ଡାକିବାକୁ ଯାଇଥିବା ବେଳେ କେହି ଶୁଣି ନ ଥିଲେ। ସ୍ଥାନୀୟ ସରପଞ୍ଚ ଏହା ଜାଣିବା ପରେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସିବା ପୂର୍ବରୁ ରାଜୁ କବାଟ ଖୋଲି ସ୍ତ୍ରୀଙ୍କ ମୃତଦେହ ପାଖରେ ବସି ରହିଥିଲେ। ପୋଲିସ ତାଙ୍କୁ ଥାନାକୁ ନେଇ ତଦନ୍ତ ଚଳାଇଛି।





ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଛାତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସହ ବ୍ୟାପକ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ରମାନେ ରବିବାର ଭୁବନେଶ୍ୱରସ୍ଥିତ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅନ୍‌ଟାଲେଣ୍ଟେଡଗାଏଙ୍କ ସମେତ ୬ ଗିରଫ

**ଯୁବକଙ୍କୁ ଆକ୍ରମଣ, ଗୁଳିମାଡ଼ ଘଟଣା**

**■୭ ଦାମୀ ମୋବାଇଲ, ଗୋଟିଏ ଖୋକା ସହ ମାଉଜର, ଦୁଇଟି ବାଇକ୍ ଜବତ**

ବାଲେଶ୍ୱର ଅଫିସ, ୨୮।୫



ଗିରଫ ଅଭିଯୁକ୍ତ।

ୟୁଟ୍ୟୁବ୍ ଭିଡିଓକୁ କେନ୍ଦ୍ର କରି ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ବ୍ରିଜ୍ ତଳେ ଗତ ୨୪ ତାରିଖ ସନ୍ଧ୍ୟାରେ ୨ଜଣ ଯୁବକଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ସହ ଗୁଳିମାଡ଼ ହୋଇଥିଲା। ଏହି ଘଟଣାରେ ଅନଟାଲେଣ୍ଟେଡଗାଏ ତଥା ଉଦିତ ନାୟକଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୭ଟି ଦାମୀ ମୋବାଇଲ, ଗୋଟିଏ ଖୋକା ସହ ମାଉଜର ଓ ଦୁଇଟି ବାଇକ୍ ଜବତ କରାଯାଇଛି। ଏନେଇ ଶିଳ୍ପାଞ୍ଚଳ ଥାନା ପରିସରରେ ରବିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ବାଲେଶ୍ୱର ଶୋଭାରାମପୁର ଅଞ୍ଚଳର ଉଦିତ 'ଅନଟାଲେଣ୍ଟେଡ୍‌ଗାଏ' ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ଅଶ୍ଳୀଳ ଭାଷା ବ୍ୟବହାର କରି ଭିଡିଓ ରୋଷ୍ଟ କରନ୍ତି। ଏଥିରୁ ସେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ। ଏହି ଭିଡିଓରେ ଜଣେ ଫଲୋଅରଙ୍କ କମେଣ୍ଟକୁ କେନ୍ଦ୍ର କରି ଆରମ୍ଭ ହୋଇଥିଲା ବିବାଦ। ବିବାଦ ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଏନେଇ ଗତ ୨୪ ତାରିଖ ସନ୍ଧ୍ୟାରେ ରେମୁଣା ଗୋଲେଇ ନିକଟ ବ୍ରିଜ୍ ତଳେ ଉଦିତ ଓ ତାଙ୍କ ୫ଜଣ ସହଯୋଗୀ ବନ୍ଧୁକ ଓ ଭୁଜାଲିରେ ଆକ୍ରମଣ କରିବାରୁ ମନ୍ଦାରପୁରର ପିଙ୍କୁ ଦାସ ଓ ନିଆଳିଗରର ଅମିତ୍ କୁମାର ଦାସ ଗୁରୁତର କରିଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା (ନଂ. ୯୯/୨୩) ରୁଜୁ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡ଼ିପିଓଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଟିମ୍ ଭୁବନେଶ୍ୱରରୁ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଉଦିତ ପୂର୍ବରୁ ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ଅଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ସହ ତାଙ୍କର ୟୁଟ୍ୟୁବ ଚ୍ୟାନେଲକୁ ବନ୍ଦ କରିବାକୁ ପୋଲିସ୍ ୟୁଟ୍ୟୁବ୍‌କୁ ଚିଠି କରିଛି। ତେବେ ଏହି ଘଟଣାରେ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ନାଥ ସୂଚନା ଦେଇଛନ୍ତି।

# କମିପାରେ ଯୁକ୍ତ୨ କଟ୍ ଅଫ୍ ମାର୍କ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଚଳିତବର୍ଷ ମାଟ୍ରିକ ପାସ୍ ହାର ୯୬.୪୦ ପ୍ରତିଶତ ରହିଛି। ମାତ୍ର ମେଧାବୀଙ୍କ ସଂଖ୍ୟା କମିଛି। ପୂର୍ବବର୍ଷ ୮,୧୧୯ଜଣ ଏ-୧ ଗ୍ରେଡ୍ (୫୪୦-୬୦୦ ମାର୍କ) ପାଇଥିବାବେଳେ ଚଳିତବର୍ଷ ମାତ୍ର ୪୧୫୮ ଜଣ ଏ-୧ରେ ରହିଛନ୍ତି। ସେହିପରି ପୂର୍ବବର୍ଷ ୫୪, ୮୮୯ଜଣ ଏ-୨ ଗ୍ରେଡ୍ (୪୮୦-୫୩୯ ମାର୍କ)ରେ ରହିଥିବାବେଳେ ଏବର୍ଷ ୨୯ ହଜାର ୮୩୮ଜଣ ପାଇଛନ୍ତି। ଅନ୍ୟପଟେ ଏବର୍ଷ ସର୍ବାଧିକ ୭୭ ହଜାର ୫୬୭ଜଣ ବି-୧ (୪୨୦-୪୭୯ମାର୍କ) ଓ ୧ଲକ୍ଷ ୧୮ହଜାର ୭୫୦ଜଣ ବି-୨ ଗ୍ରେଡ୍ (୩୬୦-୪୧୯ମାର୍କ)ରେ ପାସ୍ ହୋଇଛନ୍ତି। ପ୍ରତିବର୍ଷ ରାଜ୍ୟର ଅଧିକାଂଶ ମେଧାବୀ ଛାତ୍ରୀଛାତ୍ର ରାଜ୍ୟର ପ୍ରମୁଖ କଲେଜରେ ଯୁକ୍ତ୨ ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କରିଥା'ନ୍ତି । ମାତ୍ର ଚଳିତବର୍ଷ ମେଧାବୀଙ୍କ ସଂଖ୍ୟା କମିଥିବାରୁ ରାଜଧାନୀର ବିଭିନ୍ନ କଲେଜର କଟ୍ ଅଫ୍ ମାର୍କ କମିବା ନେଇ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ କେବଳ ଯୁକ୍ତ୨ ନୁହେଁ, ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇ ପିଲାମାନେ ଭବିଷ୍ୟତ ଗଢ଼ିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ତେଣୁ ଚଳିତବର୍ଷ ଅଧିକ ଛାତ୍ରୀଛାତ୍ର ମାଟ୍ରିକ ପାସ୍ କରିଥିବାରୁ ଧନ୍ଦାମୂଳକ ଶିକ୍ଷା ସେମାନଙ୍କ ପାଇଁ ସୁଯୋଗ ଆଣିବ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

"ଏ-୧ ଗ୍ରେଡ୍‌ରେ ପାସ୍ ହାର କମିଥିବାରୁ ବିଶେଷକରି ବିଜେବି, ରମାଦେବୀ, ଫକୀର ମୋହନ କଲେଜରେ ଏହାର ପ୍ରଭାବ ନିଶ୍ଚୟ ଦେଖିବାକୁ ମିଳିବ। ଏହି ଗ୍ରେଡ୍ ରଖିଥିବା ପିଲାମାନେ ସାଧାରଣତଃ ବିଜ୍ଞାନରେ ନାମ ଲେଖାଇବାକୁ ଚାହାନ୍ତି। ତେଣୁ ବିଜ୍ଞାନର କଟ୍‌ଅଫ୍ ମାର୍କ ଗତବର୍ଷ ତୁଳନାରେ କମିପାରେ। ମାତ୍ର କଳା କିମ୍ବା ବାଣିଜ୍ୟରେ ସେପରି ବିଶେଷ ପ୍ରଭାବ ପଡ଼ିବ ନାହିଁ ଯେହେତୁ ବିଜେବି ରାଜ୍ୟର ପ୍ରମୁଖ କଲେଜଗୁଡ଼ିକ ମଧ୍ୟରୁ ଗୋଟିଏ, ତେଣୁ ସିଟ୍ ଅନୁସାରେ ଏଠାରେ ଅଧିକ ପିଲା ନାମ ଲେଖାଇବାକୁ ଚାହିଁବେ।

-**ରଞ୍ଜନ ବଳ**, ଅଧକ୍ଷ,
ବିଜେବି ଉଚ୍ଚ ମାଧମିକ ବିଦ୍ୟାଳୟ।

"ରାଜ୍ୟର ଅଧିକାଂଶ ପିଲା ଫକୀର ମୋହନ କଲେଜରେ ପାଠପଢ଼ିବାକୁ ସ୍ୱପ୍ନ ଦେଖନ୍ତି। ଯଦିଓ ଏ-୧ ଓ ଏ-୨ ଗ୍ରେଡ୍ ରଖିଥିବା ପିଲାଙ୍କ ସଂଖ୍ୟା ପୂର୍ବବର୍ଷଠାରୁ କମ୍ ରହିଛି। ମାତ୍ର ସିଟ୍ ସେପରି ଅଧିକ ନ ଥିବାରୁ ଏହାର ସେପରି ପ୍ରଭାବ କଟ୍ ଅଫ୍ ମାର୍କ ଉପରେ ରହିବ ନାହିଁ। କଟ୍ ଅଫ୍ ମାର୍କରେ କିଞ୍ଚିତ୍ କମ୍ ବେଶି ହୋଇପାରେ। କାରଣ ପ୍ରତିବର୍ଷ କିଛି କିଛି ଛାତ୍ରୀଛାତ୍ର ଗୋଟିଏ ପ୍ରତିଶତରୁ ମଧ କମ୍ ବ୍ୟବଧାନ କାରଣରୁ ନାମ ଲେଖାଇପାରି ନ ଥା'ନ୍ତି।

- **ପ୍ରଦୀପ କୁମାର ରଣା**,
ଅଧକ୍ଷ, ଫକୀର ମୋହନ ଉଚ୍ଚ ମାଧମିକ ବିଦ୍ୟାଳୟ।

"ଯେପର୍ଯ୍ୟନ୍ତ ପିଲାମାନେ ଆବେଦନ କରିନାହାନ୍ତି ସେପରି କିଛି ଠିକ୍ ତଥ୍ୟ ଦେଇହେବ ନାହିଁ। ମାତ୍ର ଗତବର୍ଷ ତୁଳନାରେ କଟ୍ ଅଫ୍ ମାର୍କ କମିବାର ଆଶଙ୍କା ନିଶ୍ଚିତ ରହିଛି। କିନ୍ତୁ ସିବିଏସ୍‌ଇ ଓ ଆଇସିଏସଇ ପିଲାମାନେ ମଧ ଯୁକ୍ତ୨ ପାଇଁ ଆବେଦନ କରିବେ। ଯଦି ସେମାନଙ୍କ ସଂଖ୍ୟା ଅଧିକ ହୁଏ ତେବେ ପୂର୍ବବର୍ଷ କଟ୍‌ଅଫ୍ ମାର୍କରେ ସେପରି ବଡ ପରିବର୍ତ୍ତନ କିଛି ହେବ ନାହିଁ। କେତେକ ପିଲା ବିଜ୍ଞାନରେ ସିଟ୍ ନ ପାଇ କଳା ବା ବାଣିଜ୍ୟରେ ନାମ ଲେଖାନ୍ତି। ଯଦି କଟ୍ ଅଫ୍ ମାର୍କ ସାମାନ୍ୟ ଖସେ ତେବେ ସେଇଭଳି ପିଲାମାନେ ନାମ ଲେଖାଇବାର ସୁଯୋଗ ପାଇବେ।

- **ଆରତୀ ତ୍ରିପାଠୀ**,
ଅଧକ୍ଷା, ରେଭେନ୍‌ଶା ଉଚ୍ଚ ମାଧମିକ ବିଦ୍ୟାଳୟ।

"ମାଟ୍ରିକ ରେଜଲ୍ଟକୁ ଦେଖିଲେ କଟ୍‌ଅଫ୍ ମାର୍କରେ କିଛିଟା ଖସିଯାଇପାରେ। ମାତ୍ର ଏଥିରେ ଛାତ୍ରୀଛାତ୍ର ପ୍ରଭାବିତ ହେବେ ନାହିଁ ବା କଲେଜର ମାନ କମିବ ନାହିଁ। ଗତବର୍ଷର ମୂଲ୍ୟାୟନ ପ୍ରକ୍ରିୟା ଭିନ୍ନ ଥିଲା, ଚଳିତବର୍ଷ ଭିନ୍ନ ରହିଛି। ତେଣୁ ଯଦିଓ କଟ୍ ଅଫ୍ ମାର୍କ ଖସିବାର ଆଶଙ୍କା ରହିଛି କିନ୍ତୁ ଚଳିତବର୍ଷ ପାସ୍ କରିଥିବା ମେଧାବୀ ଛାତ୍ରୀମାନେ ନିଶ୍ଚିତ ଭାବେ ରମାଦେବୀ କଲେଜକୁ ପ୍ରଥମେ ବାଛିବେ। ସେମାନଙ୍କୁ ଉନ୍ନତମାନ ଶିକ୍ଷାଦେବା କଲେଜର ଲକ୍ଷ୍ୟ।

-**ଉର୍ମିଳା ଦାସ**,
ଅଧକ୍ଷା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ।

ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। –ଶ୍ରୀମା



# ସେ ତ ଭକତ ଭାବରେ ବନ୍ଧା...



ରଞ୍ଜନ କୁମାର ଦାସ

କାଳେ କାଳେ ସେ ଗୋଟିଏ କଥା ରହିଛି ଯେ, ଭଗବାନ ସବୁବେଳେ ଭକ୍ତର ଭାବରେ ବନ୍ଧା। ଯାହାକୁ ସେ ଥରେ ଭଲ ପାଆନ୍ତି ତାକୁ ଅନ୍ତରରେ ନେଇ ସ୍ଥାନ ଦିଅନ୍ତି। ଧ୍ରୁବଙ୍କଠାରୁ ଆରମ୍ଭକରି ପ୍ରହଲ୍ଲାଦ ଯାଏ ଯେଉଁମାନେ ପ୍ରଭୁଙ୍କଠାରେ ନିଜକୁ ଲୀନ କରିଛନ୍ତି, ସେମାନେ ତାଙ୍କ ହୃଦୟରେ ସ୍ଥାନ ପାଇଛନ୍ତି ଏବଂ ନିଜ ଜନ୍ମକୁ ସାର୍ଥକ କରିଛନ୍ତି। ମରଣ ପରେ ବି ମୃତ୍ୟୁଞ୍ଜୟୀ ହୋଇଛନ୍ତି। ସେମିତି ଜଣେ ଭକ୍ତ ହେଲେ ସନ୍ଥ ବଳରାମ ଦାସ। ଲକ୍ଷ୍ମୀପୁରାଣଠାରୁ ଆରମ୍ଭକରି ଦାଣ୍ଡି ରାମାୟଣ, ଜଗମୋହନ ରାମାୟଣ ଆଦି ଅନେକ ଧର୍ମଗ୍ରନ୍ଥର ପ୍ରଣେତା। ତାଙ୍କର ଅନ୍ୟାନ୍ୟ କୃତି ମଧ୍ୟରେ ଭାବସମୁଦ୍ର, ଗୁପ୍ତଗୀତା, ବଉଳାଗାଈ ଗୀତ, ବ୍ରହ୍ମଟୀକା, କମଳଲୋଚନ ଚଉତିଶା, ବ୍ରହ୍ମାଣ୍ଡ ଭୂଗୋଳ, ଗରୁଡ଼ ଗୀତା, ବଜ୍ରକବଚ, ଅମରକୋଷ, କାନ୍ତକୋଇଲି ଗୀତା, ଜ୍ଞାନ ଚୂଡାମଣି, ମୃଗୁଣୀ ସ୍ତୁତି ଆଦି ଅନ୍ୟତମ। ପୁରୀ ଜିଲାର ଗୋପ ବ୍ଲକ ପାଖରେ ଗୋଟିଏ ଛୋଟିଆ ଗାଁ ଏରବାଙ୍ଗରେ ତାଙ୍କ ଜନ୍ମ। ପଞ୍ଚସଖା ମଧ୍ୟରୁ ସେ ଥିଲେ ଅନ୍ୟତମ। କୁହାଯାଏ ସେ ଏକଦା ଗଜପତି ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀ ଥିଲେ। ମାତ୍ର ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସେ ରାଜକାର୍ଯ୍ୟ ଛାଡ଼ି ଧର୍ମକାର୍ଯ୍ୟରେ ବ୍ରତୀ ହେଲେ ଏବଂ ମତ୍ତ ବଳରାମ ଦାସ ନାମରେ ଖ୍ୟାତ ହେଲେ। କୃଷ୍ଣ ଭକ୍ତିରୁ ଆରମ୍ଭକରି ପରେ ସେ ଜଗନ୍ନାଥ ମହାପ୍ରଭୁଙ୍କର ପରମ ଭକ୍ତ ଭାବେ ସ୍ୱୀକୃତି ପାଇଲେ। ମହାପ୍ରଭୁ କେମିତି ସବୁବେଳେ ଭକତ ଭାବରେ ବନ୍ଧା ତାହା ବଳରାମ ଦାସଙ୍କ ଦୁଇଟି କାହାଣୀରୁ ଅନୁମେୟ।

ଶୁଣାଯାଏ ଯେତେବେଳେ ତ୍ରେତୟା ଯୁଗ ଶେଷରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଲଙ୍କେଶ୍ୱର ରାବଣର ନିଧନ କଲେ ଏବଂ ବିଭୀଷଣଙ୍କୁ ରାଜପଦାସୀନ କଲେ। ବିଭୀଷଣ ତାଙ୍କୁ କହିଲେ, ପ୍ରଭୁ ଆପଣ ଲଙ୍କା ଛାଡ଼ି ଯିବା ପରେ ଏହା ଶ୍ରୀହୀନ ହୋଇଯିବ। ଆପଣଙ୍କ ଦର୍ଶନ ବିନା ମୋ ଜୀବନ ଅସାର ହୋଇଯିବ। ରାମଚନ୍ଦ୍ର ସ୍ମିତହାସ୍ୟ କରି କହିଲେ, ନୀଳସିନ୍ଧୁ ମହୋଦଧି ତଟରେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତମେ ମୋତେ ପାଇପାରିବ। ସେହିଦିନୁ ବିଭୀଷଣ କୁଆଡେ ପ୍ରତିଦିନ ନିଶାର୍ଦ୍ଧରେ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଯାଆନ୍ତି। ଦିନେ ବିଭୀଷଣ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, କହିଲେ ମହାପ୍ରଭୁ ମୁଁ ନିତିଦିନ ତୁମ ଦ୍ୱାରକୁ ଆସୁଛି, ତମେ ଦିନେ ମୋ ଦ୍ୱାରକୁ ଆସନ୍ତ ନି? ଶ୍ରୀଜଗନ୍ନାଥ ତ ଭକତ ଭାବରେ ବନ୍ଧା, କହିଲେ ଯିବି ନିଶ୍ଚୟ। ମହାପ୍ରଭୁ ବଳରାମ ଦାସଙ୍କୁ ସ୍ୱପ୍ନାଦେଶ କରି କହିଲେ, ବଳରାମ ମୁଁ ଲଙ୍କା ଯିବି, ତୁ ଯିବୁ ମୋ ସାଥିରେ। ବଳରାମ ନିଦରୁ ଉଠିପଡ଼ି କହିଲେ, ଯିବି ପ୍ରଭୁ। ଶ୍ରୀଜଗନ୍ନାଥ କହିଲେ, ସୁନାଗଡୁରେ ପାଣି ଧରି ମୋ ପଛେ ପଛେ ଆ। ଦୁହେଁ ଯାଇ ଲଙ୍କାରେ ପହଞ୍ଚିଲେ। ଲଙ୍କାପତି ବିଭୀଷଣ ତାଙ୍କୁ ଅତ୍ୟନ୍ତ ବିନମ୍ରତାର ସହ ସ୍ୱାଗତ କରି ଏକ ବିରଳ କଳା ମଲ୍ଲୀଫୁଲର ମାଳ ଓ ମୋତିମାଳ ପିନ୍ଧାଇଦେଲେ। ବିଭୀଷଣଙ୍କୁ ଆଶୀର୍ବାଦ କରି ମହାପ୍ରଭୁ ଫେରିଲେ ଶ୍ରୀମନ୍ଦିରକୁ ଓ ବଳରାମ ଦାସ ଫେରିଗଲେ ମଠକୁ। ସୁନାଗଡୁ ଫେରାଇବାକୁ ଆଉ ତାଙ୍କର ମନେ ନ ଥିଲା। ସକାଳୁ ଯେତେବେଳେ ମହାପ୍ରଭୁଙ୍କ ସୁନାଗଡୁ ମିଳିଲା ନାହିଁ, ଚାରିଆଡ଼େ ଖୋଜା ଚାଲିଲା। ଖବର ପାଇ ବଳରାମ ଦାସ ତାକୁ ଫେରାଇବାକୁ ମନ୍ଦିର ଗଲେ। ବାଟରେ ତାଙ୍କ ହାତରେ ସୁନାଗଡୁ ଦେଖି ସୈନ୍ୟମାନେ ରାଜାଙ୍କ ପାଖକୁ ଧରିନେଲେ। ରାଜା ପ୍ରତାପରୁଦ୍ର ତାଙ୍କୁ ଅତ୍ୟନ୍ତ କଟୁ ଭାଷାରେ ଭର୍ତ୍ସନା କଲେ। ବଳରାମ ଦାସ ଗତ ରାତିର ଘଟଣା ବର୍ଣ୍ଣନା କଲେ। ପ୍ରଥମେ କେହି ତାଙ୍କୁ ବିଶ୍ୱାସ କଲେ ନାହିଁ। ମାତ୍ର ରାଜା ନିଜେ ଗର୍ଭଗୃହକୁ ଯାଇ ଠାକୁରଙ୍କ ବେକରେ ଯେତେବେଳେ କଳା ମଲ୍ଲୀମାଳ ଓ ମୋତିହାର ଦେଖିଲେ, ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ସେ ବଳରାମ ଦାସଙ୍କୁ ଯୋଡ଼ହସ୍ତରେ କ୍ଷମା ମାଗି ବିଦାୟ ଦେଲେ। ସେଇ ଦିନଠୁ ରଥଯାତ୍ରା ବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ ସମୟରେ ଗରୁଡ଼ସ୍ତମ୍ଭ ନିକଟରୁ ଦକ୍ଷିଣକୁ ମୁହଁକରି ବିଭୀଷଣଙ୍କ ପ୍ରଣାମ ଗ୍ରହଣ କରନ୍ତି। ଶୁଣାଯାଏ ବିଭୀଷଣ ଯେତେବେଳେ ପ୍ରତି ରାତିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି, ସାଥିରେ କଳାମଲ୍ଲୀ ନେଇ ଆସନ୍ତି। ପ୍ରଭୁ ବିଭୀଷଣଙ୍କୁ ଯେମିତି ସ୍ୱୀକୃତି ଦେଲେ, ବଳରାମ ଦାସଙ୍କୁ ମଧ୍ୟ ସେମିତି ସ୍ୱୀକୃତି ଦେଇଥିଲେ। ଏକଦା ରଥଯାତ୍ରା ସମୟରେ ବଳରାମ ଦାସ ବଡ଼ଦାଣ୍ଡ ନିକଟରେ ବେଶ୍ୟା ପ୍ରଣୟରେ ଲିପ୍ତ ଥିଲେ। ମାତ୍ର ଜୟ ଜଗନ୍ନାଥ ଧ୍ୱନି ଶୁଣି ସେ ଭାବବିହ୍ୱଳ ହୋଇ ରଥକୁ ଯାଇ ଚଢ଼ିଗଲେ। ଅପବିତ୍ର ହୋଇଥିବାରୁ ରାଜାଙ୍କ ଆଦେଶରେ ତାଙ୍କୁ ରଥ ତଳକୁ ନିକ୍ଷେପ କରାଗଲା। ମାନସିକ ଆଘାତ ପାଇ ସେ ମହୋଦଧି କୂଳକୁ ଚାଲିଗଲେ ଓ ଗଢ଼ିଲେ ଏକ ବାଲିର ରଥ। ବଳରାମ ଦାସଙ୍କ ଆବାହନରେ ମହାପ୍ରଭୁ ନନ୍ଦିଘୋଷ ରଥ ଛାଡ଼ି ଚାଲିଗଲେ ବାଲିରଥକୁ। ଏଣେ ବଡ଼ଦାଣ୍ଡରେ ନନ୍ଦିଘୋଷ ଆଉ ଗଡ଼ିଲା ନାହିଁ। ରାଜା ହାତୀ ଲଗେଇ ଟାଣିଲେ। ମାତ୍ର ରଥଚକ ଗଡ଼ିଲା ନାହିଁ। ରାଜାଙ୍କ କାନକୁ କଥା ଗଲା। ସେ ଯାଇ ବଳରାମଙ୍କୁ କ୍ଷମା ମାଗି ତାଙ୍କୁ ରଥକୁ ଫେରାଇ ଆଣିଲେ। ବଳରାମ ଦାସ ଫେରିଲା ପରେ ପୁଣି ରଥ ଗଡ଼ିଲା।



ଆଉ ଗୋଟିଏ କାହାଣୀ ଅଛି ଯେ, ପ୍ରତି ଗୁରୁବାର ରାତିରେ ଶ୍ରୀମନ୍ଦିରରେ ଏକାନ୍ତରେ ଲକ୍ଷ୍ମୀନାରାୟଣ ଭେଟ ହୁଏ। ବଳରାମ ଦିନେ ଶ୍ରୀଜଗନ୍ନାଥଙ୍କୁ କହିଲେ, ପ୍ରଭୁ ଏକାନ୍ତରେ ଆପଣ କ'ଣ କରନ୍ତି, ଦେଖିବାକୁ ମନ ହେଉଛି। ବିଶେଷ କିଛି ଚିନ୍ତା ନ କରି ମହାପ୍ରଭୁ ତଥାସ୍ତୁ କହିଦେଲେ। ମାତ୍ର ମା ଲକ୍ଷ୍ମୀ ଏ କଥା ଶୁଣି କ୍ରୋଧାନ୍ୱିତ ହୋଇପଡ଼ିଲେ। ସ୍ୱପ୍ନରେ ଆସି ତାଙ୍କୁ କହିଲେ, ସନ୍ତାନ ହୋଇ ତୁ ପିତାମାତାଙ୍କ ରାତ୍ରରାସ ଦେଖିବାକୁ ମନ କରିଚୁ ? ମୁଁ ଅଭିଶାପ ଦେଉଛି ତୁ ଅନ୍ତିମ କାଳରେ ପୁରୀରେ ରହିପାରିବୁ ନାହିଁ। ବଳରାମ ଯାଇ ଶ୍ରୀଜଗନ୍ନାଥଙ୍କ ଶରଣ ପଶିଲେ। କହିଲେ, ପ୍ରଭୁ ଆପଣଙ୍କ ଦର୍ଶନ ଆଉ ପାଇବି ନାହିଁ ? ଶ୍ରୀକ୍ଷେତ୍ର ମାଟି ଛୁଇଁ ପାରିବି ନାହିଁ ? ମହାପ୍ରଭୁ କହିଲେ, ଲକ୍ଷ୍ମୀଙ୍କ କଥା ଅକାଟ୍ୟ। ମାତ୍ର ତୁ ତୋ ଗାଁରେ ଯାଇ ମୋର ମନ୍ଦିର ପ୍ରତିଷ୍ଠା କର। ସେଇଠି ମୋର ଦର୍ଶନ ପାଇବୁ। ବଳରାମ ଗାଁରେ ପ୍ରଭୁଙ୍କ ମନ୍ଦିର ତୋଳିଲେ। ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ନିତି ସଞ୍ଜରେ ସେଠି ବିଜେ କରନ୍ତି ବୋଲି ଶୁଣାଯାଏ। ମାତ୍ର ଶ୍ରୀକ୍ଷେତ୍ର ଯାଇ ନ ପାରୁ ଥିବାର କ୍ଷୋଭ ତାଙ୍କୁ ଘାରୁଥିଲା। ଦିନେ ସେ ଚିନ୍ତା କଲେ ଯାହା ହେଉପଛେ ସେ ଶ୍ରୀକ୍ଷେତ୍ର ଯିବେ। ବୟସ୍କ ଦେହ ଓ କ୍ଲାନ୍ତ ମନକୁ ନେଇ ସେ ଚାଲିଚାଲି ଯାଇ କୁଶଭଦ୍ରା ନଦୀ କୂଳରେ ପହଞ୍ଚିଲେ। ନଦୀରେ ପଶିବା ମାତ୍ରେ ତାଙ୍କ ଦେହ ଅବଶ ହୋଇପଡ଼ିଲା। ଶେଷ ଦର୍ଶନ ପାଇଁ ମହାପ୍ରଭୁଙ୍କୁ ଆବାହନ କଲେ। ଶୁଣାଯାଏ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଦୁହେଁ ଗରୁଡ଼ ବିମାନରେ ଯାଇ ଲକ୍ଷ୍ମୀନାରାୟଣ ବେଶରେ ଆବିର୍ଭୂତ ହେଲେ ତାଙ୍କ ସାମ୍ନାରେ। କହିଲେ, ତୁ ଶ୍ରୀକ୍ଷେତ୍ର ଯିବା ଲୋଡ଼ା ନାହିଁ। ଶ୍ରୀ ଯେଉଁଠି ଥାଆନ୍ତି ତାହା ହେଲା ଶ୍ରୀକ୍ଷେତ୍ର। ଏଇ ଜାଗା ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଲା ତୋ ଯୋଗୁ। ସେଇ ଦିନଠାରୁ କୋଣାର୍କ ନିକଟରେ ସେଇ ଗ୍ରାମ, ଯାହାର ନାମ ଥିଲା ବେଗୁନିଆ। ଏହାକୁ ଗୁପ୍ତ ଶ୍ରୀକ୍ଷେତ୍ର କୁହାଯାଏ। ବଳରାମ ଦାସ ସେଇଠି ଦର୍ଶନ କରି ସମାଧି ନେଲେ। ତାଙ୍କର ସେ ସମାଧି କ୍ଷେତ୍ରକୁ ବଳରାମ ଗାଦି ମଧ୍ୟ କୁହାଯାଏ।

ଆମେ ଅନେକ ସମୟରେ ଭାବୁ ଈଶ୍ୱର କେଉଁଠି ଅଛନ୍ତି, ଆଖିକୁ ଦିଶୁ ତ ନାହାନ୍ତି। ମାତ୍ର ସେ କେଉଁ ମନ୍ଦିରରେ ବାନ୍ଧିହୋଇ ଯେତେ ନ ଥାନ୍ତି, ତାଠୁ ବେଶି ଥାଆନ୍ତି ଭକ୍ତମାନଙ୍କ ଭାବ ବନ୍ଧନରେ। ଭକ୍ତଟିଏ କେଉଁଠି ଅସୁବିଧାରେ ପଡ଼ିଲେ ସେ ସହିପାରନ୍ତି ନାହିଁ। ଥରିଉଠେ ତାଙ୍କ ରତ୍ନସିଂହାସନ। କେବେ ଚକ୍ର, କେବେ ଗଦା ଧରି ସେ ଓହ୍ଲାଇ ଆସନ୍ତି ତାକୁ ସୁରକ୍ଷା ଦେବାକୁ। ସେ ଭକ୍ତଟି ହଉ ପଛେ ମୃଗୁଣୀଟିଏ କି ବଉଳା ଗାଈଟିଏ, ହଉପଛେ ବଳରାମ ଦାସ କି ବନ୍ଧୁ ମହାନ୍ତି, ସେ କୋଳେଇ ନିଅନ୍ତି ତାକୁ ତାଙ୍କ ଅଭୟ ଆଶ୍ରୟ ଭିତରକୁ।

ମୋ–୯୪୩୭୨୮୬୫୧୨

# ପଶୁତ୍ୱର ଆକ୍ରମଣ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ମଣିଷ ମୂଳତଃ ଗୋଟିଏ ପଶୁ ଏବଂ ପ୍ରକୃତିଗତ ଭାବରେ ଆହାର–ନିଦ୍ରା–ଭୟ–ମୈଥୁନର ଆଦିମ ସମ୍ବେଗ ଅନ୍ୟାନ୍ୟ ପଶୁ ଭଳି ତାହାର ଜୀବନକୁ ମଧ୍ୟ ପରିଚାଳିତ କରିଥାଏ। ଏହି ପଶୁ ପ୍ରବୃତ୍ତିର ଊର୍ଦ୍ଧ୍ୱକୁ ଉଠି ଉନ୍ନତ ମାନବ ଧର୍ମର ଆଚାର–ଆଚରଣଗୁଡ଼ିକୁ ଜୀବନରେ ଅଧିଗତ କରି ସେ କ୍ରମେକ୍ରମେ ମନୁଷ୍ୟତ୍ୱର ପର୍ଯ୍ୟାୟକୁ ଉନ୍ନତି ହୋଇପାରିଛି। ଆଦିମ ମଣିଷ ପଶୁଭଳି ବଣଜଙ୍ଗଲରେ ବାସ କରୁଥିଲା, ବଣର କଞ୍ଚା ଫଳମୂଳ, କଞ୍ଚାମାଂସ ଭକ୍ଷଣ କରୁଥିଲା, ହୁଏତ ଉଲଗ୍ନ ରହୁଥିଲା ଏବଂ ପଶୁଭଳି ଅବାଧ ଯୌନାଚାରରେ ଲିପ୍ତ ରହୁଥିଲା। ମଣିଷର ଅନ୍ତର୍ନିହିତ ଉନ୍ନତ ଆତ୍ମିକ ସଂବେଗ ଯୋଗୁ ପରିବେଶର ପ୍ରଭାବରେ କ୍ରମେ କ୍ରମେ ତାହା ମଧ୍ୟରେ ଉନ୍ନତ, ଶୃଙ୍ଖଳିତ, ଶୁଚିମନ୍ତ, ସୁସଭ୍ୟ ଜୀବନଯାପନର ପ୍ରେରଣା ସୃଷ୍ଟିହେଲା। ଏହାକୁ ହିଁ କହନ୍ତି ମାନବ–ଧର୍ମ, ଯାହାର ପରିଭାଷା ହେଲା– ପାରସ୍ପରିକ ପ୍ରୀତି, ସଂହତି, ସ୍ନେହ, ଶ୍ରଦ୍ଧା, ଉଦାରତା, ସୁନିୟନ୍ତ୍ରିତ, ଶୃଙ୍ଖଳିତ ଯୌନ ଜୀବନ ଏବଂ ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନର ସମ୍ବେଗ ଇତ୍ୟାଦି ଯାହାକିଛି ମନୁଷ୍ୟତ୍ୱର ପରିଚୟ ପ୍ରଦାନ କରେ। ଅପରପକ୍ଷରେ ପଶୁତ୍ୱର ପରିଭାଷା ହେଲା–ସଂକୀର୍ଣ୍ଣତା, ସ୍ୱାର୍ଥପରତା, ଅଜ୍ଞାନ, ପାରସ୍ପରିକ ବିଦ୍ୱେଷ, ବିକୃତ ଯୌନାଚାର ଏବଂ ନିମ୍ନମୁଖୀ ପ୍ରବୃତ୍ତିବଶ୍ୟତା। ପଶୁମାନେ କେବଳ ନିଜ କଥା ହିଁ ଭାବନ୍ତି, କିନ୍ତୁ ମଣିଷ ନିଜର କଥା ଭାବିବା ସହିତ ଅନ୍ୟମାନଙ୍କର ଭଲ ମନ୍ଦ ବିଷୟ ମଧ୍ୟ ଚିନ୍ତା କରେ। ବିଶ୍ୱାସ କରାଯାଏ, ମାନବୀୟ ବିବର୍ତ୍ତନର ବିଭିନ୍ନ ସ୍ତରରେ କୌଣସି ଐଶୀବିଭାଯୁକ୍ତ ବ୍ୟକ୍ତିତ୍ୱର ଆବିର୍ଭାବ ଘଟି ମଣିଷ ସମାଜକୁ ଧର୍ମଜ୍ଞାନ ପ୍ରଦାନ କରିଛନ୍ତି। ସେହିମାନଙ୍କୁ କୁହାଯାଏ ଅବତାର, ପ୍ରେରିତପୁରୁଷ ଅଥବା ସଦ୍‌ଗୁରୁ। ଆମ ଶାସ୍ତ୍ରର ଦଶାବତାର ସ୍ତୋତ୍ରରେ ଏହାର ସୁସ୍ପଷ୍ଟ ଇଙ୍ଗିତ ରହିଛି। ଏହା ଏକ ଚିରନ୍ତନ ପ୍ରକ୍ରିୟା। ମଣିଷ ଯେତେବେଳେ ବିବର୍ତ୍ତନର ଯେଉଁସ୍ତରରେ ଥାଏ ପ୍ରେରିତପୁରୁଷ ଆବିର୍ଭୂତ ହୋଇ ତାହାକୁ ଅଧିକ ଉନ୍ନତ ଧର୍ମଜ୍ଞାନ ପ୍ରଦାନ କରି ଊର୍ଦ୍ଧ୍ୱପଥରେ ପରିଚାଳିତ କରନ୍ତି। ପରନ୍ତୁ ମଣିଷ ମଧ୍ୟରେ ତାହାର ଆଦିମ ସମ୍ବେଗ ବା ପଶୁତ୍ୱର ଆକର୍ଷଣ ସର୍ବଦା ବଳବତ୍ତର ଥାଏ ଏବଂ ସୁବିଧା ପାଇଲେ ହିଁ ତାହା ସମସ୍ତ ମାନବୀୟ ମୂଲ୍ୟବୋଧ ଏବଂ ସଂସ୍କାରକୁ ପଦଦଳିତ କରି ମଣିଷକୁ ପଶୁଭଳି ହିଂସା, ଦ୍ୱେଷ, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ବିକୃତ ଯୌନାଚାର ଇତ୍ୟାଦିରେ ଲିପ୍ତ କରାଏ। ଧର୍ମଜ୍ଞାନ ପାଶବିକ ମଣିଷ ହାତରେ ପଡ଼ି ଅଧର୍ମରେ ପରିଣତ ହୁଏ। ସେତେବେଳେ ପୁଣି କୌଣସି ମହାପୁରୁଷ ଆବିର୍ଭୂତ ହୋଇ ତାହାକୁ ସଂଶୋଧିତ କରି ଉନ୍ନତମାର୍ଗରେ ପରିଚାଳିତ କରିବାକୁ ପ୍ରୟାସ କରନ୍ତି। ଏହିପରି ଭାବରେ କ୍ରମାଗତ ଉତ୍ଥାନ–ପତନ ମଧ୍ୟ ଦେଇ ମାନବୀୟ ଚେତନା ଏବଂ ସଭ୍ୟତା ବିବର୍ତ୍ତନ ପଥରେ ଅଗ୍ରସର ହୋଇଚାଲିଛୁ। ତେଣୁ କୁହାଯାଇଛି 'ଧର୍ମ ଯେବେ ବିପାକ ବାହନେ ବ୍ୟର୍ଥ ଅର୍ଥରେ ଧାଏଁ/ ପ୍ରେରିତ ସେକାଳେ ହୁଅନ୍ତି ଆବିର୍ଭୂତ ପାପୀ ପରିତ୍ରାଣ ପାଏ।' କଥାଟା ଗୋଟିଏ ଉଦାହରଣ ଦେଇ ବୁଝାଯାଇପାରେ, ମନେକରନ୍ତୁ ଗୋଟିଏ ପୋଖରୀରେ ପଥରବନ୍ଧା ଘାଟଟିଏ ଅଛି। ସେହି ଘାଟରେ ବହୁଲୋକ ପାଣି ନେବାକୁ ଆସନ୍ତି। କ୍ରମେ ସେଠାରେ ଶିଉଳି ପଡ଼ିଗଲା, ଲୋକମାନେ ଗୋଡ଼ ଖସି ପଡ଼ିଯାଇ ହାତଗୋଡ଼ ଭାଙ୍ଗିବାକୁ ଲାଗିଲେ। କିଛିଦିନ ପରେ କୌଣସି ବିଜ୍ଞ ଲୋକର ଆବିର୍ଭାବ ଘଟିଲା, ସେ ସେହି ଶିଉଳିକୁ ଘଷି ପରିଷ୍କାର କରିଦେଲେ। ପୁଣି ଲୋକମାନେ ନିରାପଦରେ ପାଣି ନେବାକୁ ଲାଗିଲେ। ଆଉ ଗୋଟିଏ କଥା ହେଲା ମହାପୁରୁଷମାନଙ୍କର ଆବିର୍ଭାବ ଘଟିଲେ ହିଁ ଯେ ମଣିଷର ଚରିତ୍ର ପରିବର୍ତ୍ତିତ ହେବ ସେପରି କିଛି କଥା ନାହିଁ। ମଣିଷ ସେହି ପ୍ରେରିତଙ୍କୁ ଗ୍ରହଣ ନକଲେ, ଅନୁସରଣ ନକଲେ କାହାରି କିଛି ହେବନାହିଁ। ସେଲୁନରେ ଭଲ ବାରିକ ଚାହିଁ ବସିଥିଲେ ମଧ୍ୟ ଜଣେ ତାହା ନିକଟକୁ ନଗଲେ ତାହାର ବାଳ କଟା ହୋଇପାରିବ ନାହିଁ। କହିବାବାହୁଲ୍ୟ ଆଜିର ମାନବସମାଜ ସେହି ପଶୁପ୍ରବୃତ୍ତିର ପ୍ରବଳ ଆକ୍ରମଣର ଶିକାର ହୋଇ ସମସ୍ତ ଜ୍ଞାନ, ବିଜ୍ଞାନ, ବିଦ୍ୟାବୁଦ୍ଧି ସତ୍ତ୍ୱେ ପୁନର୍ବାର ଅନୁଦାର, ଅସଂଯତ, ପଶୁବତ୍ ଜୀବନକୁ ଆଲିଙ୍ଗନ କରିବାକୁ ଯାଉଛି। ଏହି ତଥାକଥିତ ସଭ୍ୟ–ପଶୁତ୍ୱ ଆଜି ମାନବୀୟ ସଂସ୍କୃତିର ବିନାଶର କାରଣ ହୋଇଛି। ସାମ୍ପ୍ରତିକ ସମାଜରେ କ୍ରମବୃଦ୍ଧିତ୍ୱର ଭ୍ରଷ୍ଟାଚାର, ଅନୀତି, ହିଂସା, ବଳାତ୍କାର, ହତ୍ୟା, ଲୁଣ୍ଠନ ଇତ୍ୟାଦିର ବ୍ୟାପକତାକୁ ଲକ୍ଷ୍ୟ କଲେ କଥାଟା ସହଜରେ ବୁଝିହେବ। ତେଣୁ ଆମେ ପ୍ରତ୍ୟେକଙ୍କୁ ଆମର ଅନ୍ତର୍ନିହିତ ପଶୁପ୍ରବୃତ୍ତି ପ୍ରତି ସର୍ବଦା ସଚେତନ ରହିବାକୁ ପଡ଼ିବ। ଈଶ୍ୱର ଆମ ମଧ୍ୟରେ ଦେଇଛନ୍ତି ବିବେକର ଚେତନା। ଏହାକୁ ସମ୍ବଳ କରି ଏବଂ ମହାପୁରୁଷମାନଙ୍କ ଦିଗ୍‌ଦର୍ଶନକୁ ଆଶ୍ରୟ କରି ଆମକୁ ପଶୁପ୍ରବୃତ୍ତିର ଦୁର୍ବାର ଆକ୍ରମଣକୁ ପ୍ରତିହତ କରିବାକୁ ପଡିବ।

ମୋ: ୯୪୩୭୨୮୭୯୬୪

## ଏଇ ଭାରତରେ

କୀଟନାଶକର ନକାରାତ୍ମକ ପ୍ରଭାବରୁ ପ୍ରତିବର୍ଷ ଅନେକ ହଜାର ଚାଷୀଙ୍କ ଜୀବନ ଯାଉଛି। କୀଟନାଶକ ସ୍ପ୍ରେ କରିବା ସମୟରେ ସିଧାସଳଖ ଏହା ସଂସ୍ପର୍ଶରେ ଆସିବା ଯୋଗୁ ଏଭଳି ଘଟୁଛି। ତେବେ ଏହି ସମସ୍ୟାର ସମାଧାନ କରିବା ସହ ମୃତ୍ୟୁ ସଂଖ୍ୟା କମାଇ ପାରୁଛି ଡ୍ରୋନ୍ ସ୍ପ୍ରେ। ଡ୍ରୋନ ଦ୍ୱାରା କୀଟନାଶକ ସ୍ପ୍ରେ କରି ହରିୟାଣାର ନିଶା ସୋଲାଙ୍କି ଚାଷୀମାନଙ୍କ ଜୀବନ ରକ୍ଷା କରିବା ଲାଗି ଅଭିଯାନ ଚଳାଇଛନ୍ତି। ସେ ଫାର୍ମ ମେଶିନାରୀ ଆଣ୍ଡ୍ ପାଓ୍ୱାର ଇଞ୍ଜିନିୟରିଂ ଶିକ୍ଷା ଶେଷ କରି ଉଦ୍ୟାନ ବିଭାଗରେ ଚାକିରି କରିଥିଲେ। ସେତେବେଳେ ସେ ଡ୍ରୋନ୍ ଦ୍ୱାରା କୀଟନାଶକ ସ୍ପ୍ରେ କରିବା କୌଶଳ ଶିକ୍ଷା କରିଥିଲେ। ଏବେ ସେ ସେହି ପଦ୍ଧତି ଆପଣାଇ ଏଗ୍ରି ଡ୍ରୋନ୍ ଦ୍ୱାରା ହରିୟାଣାର ଚାଷୀମାନଙ୍କୁ କୀଟନାଶକ ସ୍ପ୍ରେ କରିବାରେ ସାହାଯ୍ୟ କରୁଛନ୍ତି। ଏଥିପାଇଁ ସେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କଠାରୁ ରିମୋଟ୍ ପାଇଲଟ୍ ସାର୍ଟିଫିକେଟ ପାଇଛନ୍ତି। ସେ ଏବେ ରାଜ୍ୟରେ ୭୫୦ ଊର୍ଦ୍ଧ୍ୱ କୀଟନାଶକ ସ୍ପ୍ରେ ପ୍ରଦର୍ଶନ କରିସାରିଲେଣି। ୧୫ କେଜି ଓଜନର ଏହି ଏଗ୍ରି ଡ୍ରୋନ୍‌ରେ ୧ ଏକର ପିଛା ପାରମ୍ପରିକ ପଦ୍ଧତିରେ ଯେତିକି ଜଳ ସ୍ପ୍ରେ କରାଯାଏ ତା'ଠାରୁ ୧୫ ଗୁଣ କମ୍‌ରେ ହୋଇପାରୁଛି। କମ୍ ସମୟରେ ବି ଏହା ହୋଇପାରୁଛି। ଏଗ୍ରି ଡ୍ରୋନ୍ ସ୍ପ୍ରେ ପ୍ରତି ସେ ହରିୟାଣାର ଅର୍ଦ୍ଧାଧିକ ଜିଲାର କୃଷକଙ୍କ ଦୃଷ୍ଟି ଆକର୍ଷଣ କରିସାରିଲେଣି। କମ୍ କୀଟନାଶକ, କମ୍ ପାଣିରେ ଅଧିକ ଜମିରେ ଏଗ୍ରି ଡ୍ରୋନ୍ ସହଜରେ ସ୍ପ୍ରେ କରି କୃଷକଙ୍କ ଜୀବନ ବଞ୍ଚାଇବାରେ ଭୂମିକା ନେଉଛି ବୋଲି କୁହନ୍ତି ନିଶା।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୨୯ ମେ ୧୯୯୮

- ସୁପ୍ରସିଦ୍ଧ ଗାୟକ ତଥା ସଂଗୀତ ନିର୍ଦ୍ଦେଶକ ଅପରେଶ ଲାହିରୀଙ୍କ ୭୪ ବର୍ଷ ବୟସରେ ପରଲୋକ।
- ପୌରୁଷତ୍ୱ ବୃଦ୍ଧି ପାଇଁ ପ୍ରସ୍ତୁତ ହୋଇଥିବା ନୂଆ ବଟିକା 'ଭାଏଗ୍ରା'ର ଖୋଲା ବିକ୍ରିକୁ ମାଲେସିଆରେ ନିଷେଧ କରାଯାଇଛି।
- ପାକିସ୍ତାନ ଅନ୍ତର୍ଗତ ବେଲୁଚିସ୍ତାନର ଚାଗାଇ ଅଞ୍ଚଳରେ ଭୂଗର୍ଭରେ ୫ଟି ଆଣବିକ ବୋମାର ସଫଳ ପରୀକ୍ଷଣ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 7 | 8 | | | 3 | |
| | | | 3 | | | | | |
| | | | | | | 7 | | 5 |
| | 4 | 1 | | | 7 | | 9 | 8 |
| | | | | | | | 7 | 1 |
| | 9 | | 8 | 2 | | | | |
| | | 8 | 6 | 3 | | | 4 | 7 |
| 9 | | | | 4 | | 3 | | |
| | | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 7 | 2 | 5 | 3 | 8 | 4 |
| 8 | 5 | 4 | 3 | 9 | 1 | 7 | 2 | 6 |
| 2 | 7 | 3 | 6 | 4 | 8 | 9 | 1 | 5 |
| 1 | 3 | 7 | 5 | 6 | 2 | 8 | 4 | 9 |
| 4 | 6 | 9 | 1 | 8 | 3 | 5 | 7 | 2 |
| 5 | 8 | 2 | 9 | 7 | 4 | 6 | 3 | 1 |
| 9 | 2 | 6 | 4 | 3 | 7 | 1 | 5 | 8 |
| 7 | 1 | 8 | 2 | 5 | 6 | 4 | 9 | 3 |
| 3 | 4 | 5 | 8 | 1 | 9 | 2 | 6 | 7 |

ଗତକାଲିର ଉତ୍ତର

# ବିଜୁଳି କାଟ୍‌ର ପ୍ରତିକାର କାହିଁ



ଗଙ୍ଗାଧର ସାମଲ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଏବେ ଝାଞ୍ଜି ପବନ ଆରମ୍ଭ ହୋଇଯାଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ଖରା ତାତିରେ ସିଝିବା ପରେ ଏବେ ଉପକୂଳ ଓଡ଼ିଶାରେ ତାତି ଅନୁଭବ ହେଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ସୁତରାଂ ଜନଜୀବନ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି। ଏଭଳି ସ୍ଥିତିରେ କଂକ୍ରିଟ୍ ଜଙ୍ଗଲରେ ପରିପୂର୍ଣ୍ଣ ସହରାଞ୍ଚଳଗୁଡ଼ିକର ଜନଜୀବନ ଅସ୍ୱାଭାବିକ ହୋଇପଡ଼ିଥିବା ବେଳେ ଏହା ଉପରେ ପୁଣି ବିଜୁଳି କାଟ୍ ଓ ଲୋ–ଭୋଲ୍‌ଟେଜ୍ ସମସ୍ୟା ସହରୀ ଜୀବନକୁ ଦୁର୍ବିସହ କରିଦେଇଛି। ପାଣିପାଗର ଏହି ଅସ୍ୱାଭାବିକତାର ଏକ ନିର୍ଦ୍ଦିଷ୍ଟ କାରଣ ରହିଛି, ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଯେଉଁ ଖରାଦିନିଆ ବର୍ଷା ଓ କାଳବୈଶାଖୀ ହୁଏ, ଏ ବର୍ଷ ତାହା ଏପର୍ଯ୍ୟନ୍ତ ଦେଖାଯାଇନାହିଁ। ଆହୁରି ମଧ୍ୟ ଦକ୍ଷିଣ ଦିଗରୁ ରାଜ୍ୟକୁ ଆସୁଥିବା ସାମୁଦ୍ରିକ ଶୀତଳ ପବନ ପ୍ରବାହ ମଧ୍ୟ କେତେକ ପ୍ରାକୃତିକ କାରଣରୁ ଦୁର୍ବଳ ହୋଇପଡ଼ିଛି। ତେଣୁ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିସହିତ ପଶ୍ଚିମା ଉତ୍ତପ୍ତ ବାୟୁର ଆଗୁଆ ପ୍ରବାହ ଓଡ଼ିଶାକୁ ଏକ ତତଲା କଡ଼େଇରେ ପରିଣତ କରିଛି। ଏକେତ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ ପଡୁଛି। ପ୍ରାକୃତିକ ପରିବେଶର ଅବକ୍ଷୟ ମଧ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି। ପ୍ରାୟ ଦୁଇ ଦଶନ୍ଧି ତଳର ଅଂଶୁଘାତ ମୃତ୍ୟୁ ବିଭୀଷିକା ଓଡ଼ିଶାବାସୀ ଭୁଲିନାହାନ୍ତି। ସେଥର ମଧ୍ୟ ଖରାଦିନେ ବର୍ଷା ଆଦୌ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ତାପମାତ୍ରା ଏକ ସ୍ଥାନୀୟ ଘଟଣା। ଏହା ସ୍ଥଳବିଶେଷରେ କେତେକ ସ୍ଥାନରେ ଅଧିକ ତ ଆଉ କେତେକ ସ୍ଥାନରେ କମ୍ ଅନୁଭୂତ ହୁଏ। ଏବେ କିନ୍ତୁ ସମଗ୍ର ଓଡ଼ିଶାରେ ଅତ୍ୟଧିକ ତାତି ଓ ଝାଞ୍ଜି ଅନୁଭୂତ ହେବା ଆମ ଜଳବାୟୁ ଓ ପାଣିପାଗ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି। ଏଭଳି ଅସ୍ୱାଭାବିକ ଘଟଣା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ପ୍ରୟାସକୁ ତତ୍ପର କରିବ ବୋଲି ଆଶା। ତାପମାତ୍ରା ବୃଦ୍ଧି ସହିତ ଆଉ ଏକ ସମସ୍ୟା ହେଲା ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଏବେ ରାଜ୍ୟର ଅନେକ ଅଞ୍ଚଳରେ ଜଳକଷ୍ଟ ଉତ୍କଟ ହୋଇଛି। ଅନେକ ସ୍ଥାନରେ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଆଉ କେଉଁଠି ବିଜୁଳି ବିଭ୍ରାଟ ଯୋଗୁ ଜଳଯୋଗାଣ ବ୍ୟାହତ ହେଉଥିବା ଖବର ମିଳୁଛି। ଉଭୟ ଗ୍ରାମ ଓ ସହରାଞ୍ଚଳରେ ସମାନ ସମସ୍ୟା ଦେଖାଦେଇଛି। ପ୍ରାକୃତିକ ଜଳାଶୟ, ଜଳଉତ୍ସ ଆଦି ଶୁଖିଯିବାରୁ ସମସ୍ୟା ଗୁରୁତର ହେଉଛି। ତଥାପି ସ୍ୱତନ୍ତ୍ର ପଦକ୍ଷେପ ଜରିଆରେ ଲୋକଙ୍କୁ ପାନୀୟଜଳ ଯୋଗାଇବା ପାଇଁ ପ୍ରଶାସନକୁ ଆଶୁ ପଦକ୍ଷେପ ନେବାକୁ ପଡ଼ିବ। ପରିସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ସବୁସ୍ତରରେ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ବିଜୁଳିର ଗୁରୁତ୍ୱ କେତେ ଅଧିକ ତାହା କହିବା ନିଷ୍ପ୍ରୟୋଜନ। ବିଡ଼ମ୍ବନା ହେଉଛି ରାଜ୍ୟର ବିଦ୍ୟୁତ୍ ଆବଣ୍ଟନକାରୀ କମ୍ପାନୀ ଓ କର୍ତ୍ତୃପକ୍ଷ ଘୋଷିତ ବିଜୁଳି କାଟ୍ ଆରମ୍ଭ କରିଦେଇଛନ୍ତି।



ଅନେକ ସ୍ଥାନରେ ଦୀର୍ଘସମୟ ଧରି ଅଘୋଷିତ ବିଜୁଳି କାଟ୍ ହେଉଥିବା ଅଭିଯୋଗମାନ ଆସୁଛି। ଯେଉଁ ସମୟତକ ବିଜୁଳି ମିଳୁଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର। ସେଥିରେ ପୁଣି ଲୋ–ଭୋଲ୍‌ଟେଜ୍ ସମସ୍ୟା ରହୁଛି। ବିଦ୍ୟୁତ୍ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି ଯେ, ଚାହିଦା ମୁତାବକ ବିଜୁଳି ଉତ୍ପାଦନ ହେଉ ନ ଥିବାରୁ ସେମାନେ ବରାଦ ଅନୁସାରେ ତାହା ପାଉନାହାନ୍ତି। ତେଣୁ ବିଜୁଳି କାଟ୍ ଓ ଲୋ–ଭୋଲ୍‌ଟେଜ୍ ସମସ୍ୟା ରହିବ। ଅବଶ୍ୟ ବର୍ଷା ଅଭାବ ଓ କୋଇଲା ସଙ୍କଟ ଯୋଗୁ ରାଜ୍ୟରେ ଉଭୟ ଜଳ ଓ ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଅପରପକ୍ଷରେ ଖରାଦିନେ ବିଜୁଳି ଚାହିଦା ବଢ଼ିଛି। ତେଣୁ ବିଜୁଳି କାଟ୍ କରିବା ଅନୁଚିତ। ଏହା ବ୍ୟବସାୟିକ ସାଧୁତା ନୁହେଁ। ଚୁକ୍ତି ମୁତାବକ ସେମାନେ ଉପଭୋକ୍ତାଙ୍କୁ ଉତ୍ତମମାନର ବିଜୁଳି ନିରନ୍ତର ଯୋଗାଇବାକୁ ବାଧ୍ୟ। ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ। ଜାତୀୟ ଗ୍ରୀଡ୍ ଓ ଅନ୍ୟ ରାଜ୍ୟକୁ ବିଜୁଳି ଦିଆଯାଉଥିବାବେଳେ ଓଡ଼ିଶାବାସୀ କାହିଁକି କଷ୍ଟ ଭୋଗିବେ? ବିଦ୍ୟୁତ୍ ସଂସ୍କାର ପାଇଁ ବିପୁଳ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଏଥିରେ ଗ୍ରୀଡ୍ ସଂଯୋଗ, ସରବରାହ ଲାଇନ୍‌ର ରକ୍ଷଣାବେକ୍ଷଣ, ନୂଆ ଟ୍ରାନ୍ସଫର୍ମର ବସାଇବା ଏବଂ ପରିବହନ କ୍ଷତିକୁ ହ୍ରାସ କରିବା ଆଦି ଯୋଜନା ରହିଛି। କିନ୍ତୁ ସମ୍ପୃକ୍ତ ବିତରକ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କ ସ୍ୱାର୍ଥପ୍ରତି ଆଖିବୁଜି ଦେଇ ମନଇଚ୍ଛା ବେପାର କରୁଛନ୍ତି। ଜଣେ ଖାଉଟିଠାରୁ ସମ୍ପୃକ୍ତ କମ୍ପାନୀ ବିଭିନ୍ନ ଶୁଳ୍କ ଆକାରରେ ଏବେ ପାଖାପାଖି ୧୦୦ ଟଙ୍କା ଏବଂ ମିଟର ବାବଦରେ ଚଢ଼ା ଭଡ଼ା ଆଦାୟ କରୁଛନ୍ତି। ଉପଭୋକ୍ତାଙ୍କ ଦାବି ସତ୍ତ୍ୱେ ସେମାନଙ୍କୁ ଅନୁମୋଦିତ ନିଜସ୍ୱ ମିଟର ବ୍ୟବହାର ପାଇଁ ସୁଯୋଗ ଦିଆଯାଉନାହିଁ।

ଗୋଟିଏ ବିଜୁଳି ମିଟରର ବଜାର ମୂଲ୍ୟ ସର୍ବାଧିକ ୧୫୦୦ ଟଙ୍କା। ଅଥଚ ବିଜୁଳି ବିତରକ ସଂସ୍ଥା ନିଜସ୍ୱ ପୁରୁଣାକାଳିଆ ମିଟର ଦେଇ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କ ଠାରୁ ମାସିକ ୪୦ ଟଙ୍କା ଲେଖାଏଁ ଭଡ଼ା ଆଦାୟ କରୁଛନ୍ତି। ଏହା ଖାଉଟିଙ୍କୁ ସିଧା ଶୋଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ବିଜୁଳିର ଏହି ହୁଗୁଳା ଶାସନରେ ସରକାର ଓ ନିୟାମକ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପ୍ରତିକାର ବ୍ୟବସ୍ଥା କରିବା ଏକାନ୍ତ ଜରୁରୀ। ତା' ନ ହେଲେ ଜନଅସନ୍ତୋଷ ତୀବ୍ର ହେବ। ଲୋକେ ଏହି ଅସୁବିଧା ପାଇଁ କମ୍ପାନୀ ଅପେକ୍ଷା ସରକାରଙ୍କୁ ଅଧିକ ଦୋଷ ଦେବେ। ସରକାର ଏଥିପ୍ରତି ସଚେତନ ରୁହନ୍ତୁ।

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ: ୯୪୩୭୨୨୬୬୪୭

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଅର୍ଥର ସୁବିନିଯୋଗ ହେଉ

ମହାଶୟ,

ଯାଜପୁର ଜିଲାରେ ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ଦୁର୍ନୀତି ସଡକ ସୁରକ୍ଷାକୁ ବିପର୍ଯ୍ୟସ୍ତ କରୁଛି। ସଡକ ସୁରକ୍ଷା ବୈଠକରେ ହେଉଥିବା ନିଷ୍ପତ୍ତିକୁ ରାଜପଥ ନିର୍ମାଣ ଠିକା ସଂସ୍ଥାମାନେ ମାନୁ ନାହାନ୍ତି। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଠିକା ସଂସ୍ଥାର ବେପରୁଆ ମନୋଭାବ ଅଧିକ ବଳବତ୍ତର ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ଡି.ବି.ଏଲ. କମ୍ପାନୀ ଲୁଟିଥିବା ବାଲି, ଗୋଡ଼ି, ମାଟି ନେଇ ଯାଜପୁର ଜିଲା ବହୁକୋଟି ଟଙ୍କାର ରାଜସ୍ୱ ହରାଇଛି। ହେଲେ ରାସ୍ତା ନିର୍ମାଣ ସରିବା ପରେ ବିଭିନ୍ନ ସ୍ଥାନରେ ରାସ୍ତାକୁ ଯେଭଳି ଅଧାପନ୍ତରିଆ ପକାଇଛି, ତାହା ଦୁର୍ଘଟଣାର କାରଣ ହେଉଛି। ଯାରକା ସମେତ ଅନେକ ସ୍ଥାନରେ ରାସ୍ତାର ଡ୍ରେନ ଉପରେ କଭର ନାହିଁ। ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡିବା ଫଳରେ ସଡକ ସୁରକ୍ଷା ବିପନ୍ନ ହେଉଛି। ରାସ୍ତା ଯାକ ଖାଲରେ ପରିପୂର୍ଣ୍ଣ। ଚାଳକଟିଏ କେଉଁ ଆଡକୁ ଗାଡିଟି ନେବ ତାହା ଚିନ୍ତା କରିପାରୁନି। ଏହି କାରଣରୁ ନୀତିଦିନ ଏହି ରାସ୍ତାରେ ଲୋକେ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ନିର୍ମାଣରେ ମନମୁଖି କାର୍ଯ୍ୟ ଏବଂ ଦୁର୍ନୀତି ନେଇ ଏକ କମିଟି କରାଯାଇ କାର୍ଯ୍ୟର ଅନୁଧ୍ୟାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ରାସ୍ତା ନିର୍ମାଣରେ ଆଖିବୁଜା ଦୁର୍ନୀତି କମିଟି ନଜରକୁ ଆସିବା ସହ କମିଟି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା। ହେଲେ ଅଦ୍ୟାବଧି କମିଟି କ'ଣ ରିପୋର୍ଟ ଦେଲା ଏବଂ ଏଥିନେଇ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହା କାହାକୁ ଜଣାନାହିଁ। ତୁରନ୍ତ ଏହି କମିଟି ରିପୋର୍ଟ ଏବଂ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରାଯାଉ।

–ସତୀଶ ବିଶ୍ୱାଳ, ସଭ୍ୟ ସଡ଼କ ସୁରକ୍ଷା କମିଟି, ଯାଜପୁର

### ଶ୍ରମିକଙ୍କ ପ୍ରାପ୍ୟ ମିଳୁ

ରାଜ୍ୟରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ଦୟନୀୟ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ସାଇକେଲ, ଯନ୍ତ୍ରପାତି, କନ୍ୟା ବିବାହ ସହାୟତା, ପାଠପଢ଼ା ଏବଂ ଷାଠିଏ ବର୍ଷ ପରେ ଭତ୍ତା ସହିତ ଗୃହ ଯୋଗାଣ ବ୍ୟବସ୍ଥା ରହିଛି। ବିଳମ୍ବ ଏବଂ ମଧ୍ୟସ୍ଥତା ସମସ୍ୟା ହେଉଛି। ସମସ୍ତ ସହାୟତା ଅର୍ଥ ଆକାଉଣ୍ଟକୁ ପଠାଯାଉ। ସବୁ ଶ୍ରମିକଙ୍କୁ ବିବରଣୀ ଦିଆଯାଉ। ଯେପରି ଅଜ୍ଞତାବଶତଃ ଜାଣିପାରୁନାହାନ୍ତି। ସେମାନେ ରାଜ୍ୟର ଗୃହସୃଷ୍ଟିର ଅଗ୍ରଦୂତ ଅଟନ୍ତି।

– ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ
ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ
ଜ୍ଞାନୀ ମୂର୍ଖ ଲୋକ।
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ ନେତୃତ୍ୱକୁ ଟାର୍ଗେଟ ପରେ ମୋକିମ୍, ଚିରଞ୍ଜୀବଙ୍କୁ ନୋଟିସ

■ ଚିଠି ପାଇ ନ ଥିବା କହିଲେ ମୋକିମ୍

■ ବିଶୃଙ୍ଖଳିତ ଆଚରଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ଶରତ

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନୋଟିସ୍ ଜାରି କରିଛି। ଏହାଦ୍ୱାରା ଉଭୟ ନେତାଙ୍କ ପାଇଁ ଅଡୁଆ ବଢ଼ିଲା ବୋଲି ଏବେ ଚର୍ଚ୍ଚା ହେଉଛି। ଗତ କିଛିଦିନ ତଳେ ମୋକିମ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏକ ସଭାରେ ଦଳୀୟ ନେତୃତ୍ୱ ଏବଂ ସଙ୍ଗଠନକୁ ନେଇ ଉଭୟ ଟାର୍ଗେଟ କରିବା ଯୋଗୁ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଏଆଇସିସି ଶୃଙ୍ଖଳା କମିଟି ପକ୍ଷରୁ ନୋଟିସ୍ ଜାରି ହୋଇଥିବା ଜଣାପଡ଼ିଛି।

ସେପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଚିରଞ୍ଜୀବ ଓ ମୋକିମ୍‌ଙ୍କୁ ଏଆଇସିସି ପକ୍ଷରୁ ଆସିଥିବା କାରଣଦର୍ଶାଅ ନୋଟିସ୍ ବାବଦରେ ଅଧିକ କିଛି କହିବେନି। ଯାହା ଅଭିଯୋଗ ଆସିଥିଲା, ତାକୁ ଆମେ ଏଆଇସିସି ନିକଟକୁ ପଠାଇ ଦେଇଥିଲୁ। ତାହା ଉପରେ ଏଆଇସିସି ଯାହା ନିଷ୍ପତ୍ତି ନେଇଥିବ। କଂଗ୍ରେସ ସମସ୍ତଙ୍କୁ ନେଇ ଭାଜପା ଓ ବିଜେଡି ବିରୋଧରେ ଲଢ଼ିବାକୁ ଚେଷ୍ଟା କରୁଛି। ସେହି ରାସ୍ତାରେ ଯଦି କିଏ ବିରୋଧ କିମ୍ବା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରେ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ହାଇକମାଣ୍ଡଙ୍କ ନିଷ୍ପତ୍ତି ବୋଲି ଶରତ କହିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ଚିଠି ପାଇ ନ ଥିବା ମୋକିମ୍ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୮ ତାରିଖରେ ସ୍ଥାନୀୟ ସୂଚନା ଭବନରେ 'ଜାନକୀ-ବସନ୍ତ ଯୋଡ଼ି ଓଡ଼ିଶା ରାଜନୀତିର ସୁବର୍ଣ୍ଣ ଯୁଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୋକିମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ସମାରୋହରେ ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ ରାଜ୍ୟ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା ବିଧାନସଭାରେ କଂଗ୍ରେସରୁ ବର୍ତ୍ତମାନ ୯ ଜଣ ବିଧାୟକ ଥିବାବେଳେ ୨୦ ଜଣ କିନ୍ତୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ଦିନକୁଦିନ ଏ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ଚିରଞ୍ଜୀବ କହିଥିଲେ। ସମାନ ଢଙ୍ଗରେ ମହମ୍ମଦ ମୋକିମ୍ ମଧ୍ୟ ସମାଲୋଚନା କରିଥିଲେ। ଏହାସହ ଏହି ବୈଠକରେ ଅନ୍ୟ ଦଳର ନେତାଙ୍କୁ ମଧ୍ୟ ସାମିଲ କରାଯାଇଥିଲା, ଯେଉଁଥିଲାଗି ଉଭୟଙ୍କୁ କାରଣଦର୍ଶାଅ ନୋଟିସ୍ ହୋଇଥିବା ଜଣାପଡ଼ିଛି।



ମହମ୍ମଦ ମୋକିମ୍



ଚିରଞ୍ଜୀବ ବିଶ୍ୱାଳ

# ନୂଆ ଭାରତ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରବିବାର ନୂତନ ପବିତ୍ର ସଂସଦ ଭବନ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ଅବସର ନୂଆ ଭାରତ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## ନୂଆ ସଂସଦ ଭବନ ଉଦ୍‌ଘାଟିତ

ସଂସଦ ଭବନର ଉଦ୍‌ଘାଟନ ସମାରୋହରେ ସାମିଲ ହେବା ସହ ଏଥିପାଇଁ ଦେଶବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଧର୍ମେନ୍ଦ୍ର ଟ୍ୱିଟ୍ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ କରକମଳରେ ସମର୍ପଣ କରାଯାଇଥିବା ନୂଆ ସଂସଦ ଭବନ ସମସ୍ତଙ୍କୁ ଗୌରବାନ୍ୱିତ କରୁଥିବା ଭଳି ସମୟ। ଆମ ସଂସ୍କୃତି, ସାମର୍ଥ୍ୟ ଓ ସଂକଳ୍ପ ଶକ୍ତିର ପ୍ରତୀକ ଲୋକତନ୍ତ୍ରର ଏହି ମନ୍ଦିର ଆମ ସମସ୍ତଙ୍କୁ କର୍ତ୍ତବ୍ୟ ପଥରେ ଚାଲିବା, ଜନ ଭାଗୀଦାରି ସହିତ ଦେଶକୁ ନୂଆ ଉଚ୍ଚତାକୁ ନେବା ପାଇଁ ପ୍ରେରିତ କରୁଥିବ ବୋଲି ସେ ଉଲ୍ଲେଖ କରିଛନ୍ତି।


## ବ୍ରତୋପନୟନ ଶୁଭେଚ୍ଛା



ବିଶ୍ୱଭୂଷଣ ପଣ୍ଡା
ଗୁଆମାଳ ପଞ୍ଚାୟତ, ତିହିଡ଼ି ବ୍ଲକ୍
ଓଁ ବ୍ରତେନ ଦୀକ୍ଷାମାପ୍ନୋତି
ଦୀକ୍ଷୟାପ୍ନୋତି ଦକ୍ଷିଣାମ୍
ଦକ୍ଷିଣାଂ ଶ୍ରଦ୍ଧାମାପ୍ନୋତି ଶ୍ରଦ୍ଧୟା
ସତ୍ୟମାପ୍ୟତେ ।
ପଣ୍ଡା ପରିବାର ଓ ବନ୍ଧୁବାନ୍ଧବ ବର୍ଗ ।
ଧ-୦୪୫୮

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜୁନ୍ ୧୨ରେ ପାଟନାରେ ଏକାଠି ହେବେ ବିରୋଧୀ

ନୂଆଦିଲ୍ଲୀ, ୨୮।୫

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଅଣଭାଜପା ଦଳଗୁଡ଼ିକୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରୟାସ ଚଳାଇଛନ୍ତି। ଆସନ୍ତା ମାସ ୧୨ ତାରିଖରେ ନୀତୀଶଙ୍କ ଅଧ୍ୟକ୍ଷତାରେ ପାଟନାରେ ବିରୋଧୀ ଦଳଗୁଡ଼ିକର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଜେଡିୟୁ ନେତା ମନ୍‌ଜିତ ସିଂ ରବିବାର ସୂଚନା ଦେଇଛନ୍ତି। ଗତ ୨୨ ତାରିଖରେ ନୀତୀଶ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର ମିଳିତ ବିରୋଧୀ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସେତେବେଳେ ଜେଡିୟୁ ନେତା ଘୋଷଣା କରିଥିଲେ। ଏହା ପୂର୍ବରୁ ନୀତୀଶ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବିଭିନ୍ନ ଆଞ୍ଚଳିକ ଦଳର ନେତାଙ୍କୁ ଭେଟିଥିଲେ। ତେବେ ପାଟନା ବୈଠକରେ କେଉଁ କେଉଁ ଦଳ ଭାଗନେବେ ତାହା ସ୍ପଷ୍ଟ ହୋଇନାହିଁ।

# ପ୍ରତି ବୁଥ୍‌ରେ ମନୋନୀତ ହେବେ ସେବାଦଳ କର୍ମୀ: ଶରତ

ଭୁବନେଶ୍ୱର, ୨୮।୫(ବ୍ୟୁରୋ)




ଆୟୋଜିତ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ବରିଷ୍ଠ ନେତୃବୃନ୍ଦ।

କଂଗ୍ରେସ ସେବା ଦଳର ଏକ ଗୌରବମୟ ଇତିହାସ ରହିଛି। ସେହି ଇତିହାସର ମୂକସାକ୍ଷୀ ଭାବେ ଉପସ୍ଥିତ ସମସ୍ତ କଂଗ୍ରେସ ସେବାଦଳର କର୍ମକର୍ତ୍ତାମାନେ ଆଗାମୀ ନିର୍ବାଚନରେ ନିଜ ଅଞ୍ଚଳରେ ସେନାପତି ଭୂମିକା ଗ୍ରହଣ କରିବା ଦରକାର। ଖୁବଶୀଘ୍ର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖା କର୍ମକର୍ତ୍ତାଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଶିବିର ଅନୁଷ୍ଠିତ ହେବ। ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖା ସେବାଦଳ କର୍ମୀଙ୍କୁ ମନୋନୀତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କଂଗ୍ରେସ ଭବନଠାରେ ରବିବାର ସେବାଦଳ ଜିଲା କର୍ମକର୍ତ୍ତା ସମ୍ମିଳନୀ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

ମୁଖ୍ୟଅତିଥି ଭାବେ ଯୋଗଦେଇ ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, ପୂର୍ବଦିନଗୁଡିକରେ କଂଗ୍ରେସ ସେବାଦଳର କାର୍ଯ୍ୟକ୍ରମକୁ ଯେଭଳି ଗୁରୁତ୍ୱ ଦିଆଯାଉଥିଲା, ଆଗାମୀ ଦିନରେ ସେହିଭଳି ଗୁରୁତ୍ୱ ଦିଆଯିବ। ବିଗତ ଦିନରେ ସେବାଦଳ କର୍ମୀମାନେ ସାଇକେଲରେ ରାଜ୍ୟର ୧୮ ଶହ କିମି ଯାତ୍ରା କରି ତତ୍କାଳୀନ ସରକାର ବିରୋଧରେ ଲକ୍ଷେ ପ୍ରଚାରପତ୍ର ବଣ୍ଟିଥିଲେ। ଆଗାମୀ ଦିନରେ ସେବାଦଳ କର୍ମକର୍ତ୍ତାଙ୍କୁ ସେହି କାର୍ଯ୍ୟରେ ପୁନଃ ବିନିଯୋଗ କରାଯିବ। ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବିଜେଡିରେ ବଢ଼ିଚାଲିଛି ଅସନ୍ତୋଷ, ବିସ୍ଫୋରଣ ଘଟିବ'

ବ୍ରହ୍ମପୁର ଅଫିସ,୨୮।୫

ରାଜ୍ୟସାରା ବିଜେଡି କର୍ମୀଙ୍କ ଅସନ୍ତୋଷ ବଢ଼ିଚାଲିଛି। ଶାସନ କଳ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ସବୁ କ୍ଷେତ୍ରରେ ଉପେକ୍ଷା କରୁଛି। ତେଣୁ ସେମାନେ ଅପଦସ୍ତ ହେବାକୁ ପଡୁଛି। ଶାସକ ଦଳ ନେତା ଓ କର୍ମୀଙ୍କ ପାଟି ନ ଖୋଲିବାକୁ ତାଗିଦ କରାଯାଉଛି। ଆଗାମୀ ନିର୍ବାଚନରେ ବିଜେଡିରେ ଭୟଙ୍କର ବିସ୍ଫୋରଣ ଘଟିବ। ସରକାରୀ ଦଳକୁ ଶକ୍ତ ଧକ୍କା ଲାଗିବ। ଏହା ଭାଜପାକୁ ସୁହାଇବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ରବିବାର ବ୍ରହ୍ମପୁରଠାରେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ହେବା ପରେ ମନମୋହନ ପ୍ରଥମ କରି ରବିବାର ବ୍ରହ୍ମପୁର ଗସ୍ତରେ ଆସିଥିଲେ। ଗଞ୍ଜାମ ଜିଲା ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିରୋଡସ୍ଥ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନମୋହନ ଭାଷଣ ପ୍ରସଙ୍ଗରେ ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ବିଜେଡି ସହ ଲଢ଼େଇ ପାଇଁ କର୍ମୀମାନେ ଏବେଠୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲା ଓ ମଣ୍ଡଳ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ୨୩ ବର୍ଷର ବିଫଳ ଶାସନ ସମ୍ପର୍କରେ ଜନ ସଚେତନତାକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଜିଲା ସଭାପତି ବିଭୂତି ଜେନା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଗଠନ ନେତା ବିରଞ୍ଚି ତ୍ରିପାଠୀ, ଭୃଗୁ ବକ୍ସିପାତ୍ର, ଅଶୋକ ମିଶ୍ର, ପୂର୍ବତନ ଜିଲା ସଭାପତି କାହ୍ନୁଚରଣ ପତି ପ୍ରମୁଖ ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ପ୍ରଶାନ୍ତ କର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ଉପସଭାପତି ସୁନୀଲ ସାହୁ, ସୁବାସ ସାହୁ, ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖବରଦାତାଙ୍କ ସହ ସାକ୍ଷାତକାରରେ ବ୍ରହ୍ମପୁର ବିମାନବନ୍ଦର, ଉପକୂଳ ରାଜପଥ ନିର୍ମାଣ ଲାଗି କେନ୍ଦ୍ର ସବୁଜ ସଂକେତ ଦେଇଥିଲେ ମଧ୍ୟ ଜମି ଯୋଗାଇ ଦିଆଯାଉ ନ ଥିବା ଦର୍ଶାଇ ରାଜ୍ୟ ସରକାରଙ୍କୁ ଦୋଷାରୋପ କରିଥିଲେ। ଗସ୍ତ ଅବସରରେ ମନମୋହନ ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ, ଗୋଷାଣୀ ନୂଆଗାଁ କାଳୁଆ ମନ୍ଦିର ଓ ଲାଞ୍ଜିପଲ୍ଲୀ ଯାତ୍ରା ଦାଣ୍ଡକୁ ଯାଇ ତାରାଦେବୀ ଠାକୁରାଣୀଙ୍କ ଦର୍ଶନ କରିଥିଲେ ।

# ଶିକ୍ଷା, ଦକ୍ଷତା ବିକାଶ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ସିଙ୍ଗାପୁର ଗସ୍ତରେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ଓ ସହଯୋଗ ବଢ଼ାଇବା ଉଦ୍ଦେଶ୍ୟରେ ରବିବାର ୩ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି। ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଗସ୍ତ କରିଛନ୍ତି। ସେଠାରେ କେନ୍ଦ୍ରମନ୍ତ୍ରୀ ସିଙ୍ଗାପୁର ସରକାରଙ୍କ ପ୍ରମୁଖ ମନ୍ତ୍ରୀମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ ସିଙ୍ଗାପୁରର ଉପ ପ୍ରଧାନମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ଲରେନ୍ସ ୱଙ୍ଗ, ବରିଷ୍ଠ ମନ୍ତ୍ରୀ ଥରମନ୍ ଶନମୁଗରତନମ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡା. ଭିଭାନ ବାଲକ୍ରୀଷ୍ଣନ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଗାନ କିମ୍ ୟୋଙ୍ଗ୍ ଓ ଶିକ୍ଷା ମନ୍ତ୍ରୀ ଚାନ ଚୁନ ସିଙ୍ଗଙ୍କ ସହ ବୈଠକରେ ଯୋଗଦେବେ। ସ୍ପେକ୍ଟ୍ରା ସେକେଣ୍ଡାରୀ ସ୍କୁଲ, ନାନୟାଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି (ଏନଟିୟୁ), ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ଏଜୁକେସନାଲ ସର୍ଭିସେସ (ଆଇଟିଇଏସ), ସିଙ୍ଗାପୁର ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ଡିଜାଇନ(ଏସୟୁଟିଡି) ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଆଦି ସେ ପରିଦର୍ଶନ କରିବେ।




# Classified Everyday
0674-2580101, 2549949


AUTOMOBILE

SALE

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869


REAL ESTATE

SALE

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

Gharabari plots with boundary wall at Balianta ready to construction for sale. Contact: 9438620034. D-0414

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399. D-0410

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ - 9178704897. D-74865

Duplex sale at Bhubaneswar @ 55 lakhs only. Contact: 9777433701. D-74864

ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834. D-74866

PURCHASE

ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206




Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Full body massage in homely atmosphere in all therapy. Mob: 8114881641. D-73433

Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Newly open SPA positively health benefits with expert therapist. 8114322659. D-75111

Full body massage relax body mind by trend lady therapist. 7008773793. D-75110

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଏମିନା ଉପାସନା
ଆବିର୍ଭାବ: ୨୯।୦୮।୧୯୮୮
ତିରୋଧାନ: ୨୯।୦୫।୨୦୦୭
ମା'ରେ ଇମୁନି,
ତୋ'ର ଅଭୁଲା ସ୍ମୃତି ଆମର ଅମୂଲ୍ୟ ସମ୍ପତ୍ତି । ତୋ ଅମର ଶାଶ୍ୱତ ଆତ୍ମାର ସଦ୍‌ଗତି ହେଉ, ଚିର ଶାନ୍ତି ଲଭୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣେ ପ୍ରାର୍ଥନା ।
ତୋର ହତଭାଗା ପାପା, ମମ୍ମି ଓ ଭାଇ ସୋନୁ ।
ଧ-୦୪୫୭


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୨୯/୨୦୨୩ Bhubaneswar, Monday, May 29/ 2023





ଇଣ୍ଡିଆନ ପ୍ରିମିୟର ଲିଗ୍ ଫାଇନାଲ ଦେଖିବା ପାଇଁ ଅହମଦାବାଦ ଷ୍ଟାଡିୟମ ବାହାରେ ଦର୍ଶକଙ୍କ ଗହଳି।



ବର୍ଷା ଯୋଗୁ ପିଚ୍‌କୁ କଭର କରି ରଖାଯାଇଛି।




ଷ୍ଟାଡିୟମ ଆକାଶରେ ଘନ କଳା ବାଦଲ।

# ଉତ୍ତର ପ୍ରଦେଶ ଚାମ୍ପିୟନ

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

**ଓଡ଼ିଶାକୁ ରୌପ୍ୟ, ହରିୟାଣାକୁ ବ୍ରୋଞ୍ଜ**

ରାଉରକେଲା ଅଫିସ, ୨୮।୫

ସ୍ଥାନୀୟ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜାତୀୟ ସବ୍-ଜୁନିୟର ପୁରୁଷ ହକି ଚାମ୍ପିୟନସିପରେ ଉତ୍ତରପ୍ରଦେଶ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦଳ ଓଡ଼ିଶାକୁ ୭-୧ ଗୋଲରେ ପରାସ୍ତ କରିଛି। ମ୍ୟାଚରେ ଉତ୍ତରପ୍ରଦେଶ ଦଳ ଖେଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଫରୱାର୍ଡ ଖେଳାଳି ଉଜ୍ଜଳ ପାଲ (୬ଷ୍ଠ, ୩୮ ତମ ଓ ୪୭ ତମ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ରାହୁଲ ଯାଦବ (୩୦ ତମ),କେତନ କୋସୱାଲା (୩୯ ତମ), ଅଧିନାୟକ ଅଜିତ ଯାଦବ (୫୪ ତମ) ଓ ରାହୁଲ ରାଜଭର (୫୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଓଡ଼ିଶା ଦଳ ପକ୍ଷରୁ ଦେଓନାଥ ନାୟୁଆର ଏକମାତ୍ର ଗୋଲ୍ ୫୭ ମିନିଟରେ ସ୍କୋର କରିଥିଲେ। ଅନ୍ୟପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ମଧ୍ୟପ୍ରଦେଶ ଓ ହରିୟାଣା ମଧ୍ୟରେ ପ୍ରଥମ ମ୍ୟାଚ ଖେଳା ଯାଇଥିବାବେଳେ ହରିୟାଣା ଦଳ ମଧ୍ୟପ୍ରଦେଶ ହକିକୁ ୪-୨ ଗୋଲରେ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ମଧ୍ୟପ୍ରଦେଶ ଦଳ ପକ୍ଷରୁ ତୁଷାର ପରମାର (୧୪ତମ ମିନିଟ୍) ଗୋଟିଏ ଗୋଲଦେଇ ଦଳକୁ ଆଗୁଆ ରଖିଥିଲେ। ପରେ ଖେଳର ଦ୍ୱିତୀୟ ପର୍ଯ୍ୟାୟର ୨୨ ମିନିଟ୍‌ରେ ଶୁଭାନ ଆବିଦ୍ ପୁଣି ଏକ ଗୋଲଦେଇ ୨-୦ ଗୋଲରେ ହରିୟାଣା ଉପରେ ଚାପ ପକାଇ ଥିଲା। କିନ୍ତୁ ହରିୟାଣା ଦଳ ଆକ୍ରମକ ଖେଳ ପ୍ରଦର୍ଶନ କରି ଦ୍ୱିତୀୟ କ୍ୱାର୍ଟର ୨୯ ମିନିଟ୍ ଓ ଶେଷ ପର୍ଯ୍ୟାୟରେ ସୁନିଲ ସର୍ଭିକ ୨ଟି ଗୋଲ ମଧ୍ୟପ୍ରଦେଶ ବିପକ୍ଷରେ ମାରିଥିଲେ। ପରେ ଫରୱାର୍ଡ ଖେଳାଳି ହାପି ଖେଳର ତୃତୀୟ ପର୍ଯ୍ୟାୟର ୩୭ ମିନିଟ୍‌ରେ ଗୋଟିଏ ଗୋଲ ଓ ନିଜର ଖେଳର ଶେଷ ପର୍ଯ୍ୟାୟ ୪୮ ମିନିଟ୍‌ରେ ଗୋଟିଏ ଗୋଲମାରିଦଳକୁ ବିଜୟୀ କରିଥିଲେ। ସୂଚନାଯୋଗ୍ୟ, ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପରେ ଭାରତର ୨୮ଟି ରାଜ୍ୟର ହକି ଦଳ ଅଂଶ ଗ୍ରହଣ କରିଥିଲେ।

# ପ୍ରଣୟଙ୍କୁ ମାଲେସିଆ ମାଷ୍ଟର୍ସ ଟାଇଟଲ

କୁଆଲାଲମ୍ପୁର, ୨୮।୫ (ପି.ଟି.)

ଭାରତର ଷ୍ଟାର୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ୩୦ ବର୍ଷୀୟ ଭାରତୀୟ ଚାଇନାର ବିଶ୍ୱର ୩୪ ନମ୍ବର ମାନ୍ୟତାପ୍ରାପ୍ତ ୱେଙ୍ଗ୍ ହଙ୍ଗ୍ ୟାଙ୍ଗଙ୍କୁ ୨୧-୧୯, ୧୩-୨୧, ୨୧-୧୮ରେ ପରାସ୍ତ କରିଛନ୍ତି। ୟାଙ୍ଗ୍ ହେଉଛନ୍ତି ୨୦୨୨ ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା। ପ୍ରଣୟ ଦୀର୍ଘ ୬ ବର୍ଷ ପରେ ଏକ ଟୁର୍ନାମେଣ୍ଟ ଜିତିଛନ୍ତି। ଏହା ହେଉଛି ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ। ଭାରତ ପାଇଁ ମଧ୍ୟ ଏହା ହେଉଛି ସିଜନର ପ୍ରଥମ ଟାଇଟଲ। ଗତବର୍ଷ ଭାରତର ଐତିହାସିକ ଥୋମାସ କପ୍ ବିଜୟରେ ପ୍ରଣୟଙ୍କର ବଡ଼ ଭୂମିକା ରହିଥିଲା। କିନ୍ତୁ ୨୦୧୭ ୟୁଏସ୍ ଓପନ ଗ୍ରାଁ ପ୍ରି ସ୍ୱର୍ଣ୍ଣ ପରେ ସେ ଏକ ବ୍ୟକ୍ତିଗତ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନ ଥିଲେ। କେରଳର ଏହି ବ୍ୟାଡ୍‌ମିଣ୍ଟନ ଖେଳାଳି ଗତବର୍ଷ ସୁଇସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ।

# ବ୍ରାଜିଲ୍ ଗ୍ରୁପ୍ ଡି'ରେ ଏକ ନମ୍ବର

**୨୦ ବର୍ଷରୁ କମ୍ ଫୁଟବଲ୍ ବିଶ୍ୱକପ୍**

**ରାଉଣ୍ଡ ଅଫ୍-୧୬ରେ ଇଟାଲୀ, ନାଇଜେରିଆ**

ବୁଏନ୍ସ ଏୟାର୍ସ, ୨୮।୫(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି ବ୍ରାଜିଲ୍, ଇଟାଲୀ ଓ ନାଇଜେରିଆ। ୩ଟି ଯାକ ଦଳ ଗ୍ରୁପ୍ ଡି'ରେ ସ୍ଥାନ ପାଇଥିବା ବେଳେ ସମାନ ୨ଟି ଲେଖାଏ ବିଜୟ ହାସଲ କରିଛନ୍ତି। ଉନ୍ନ ଗୋଲ ବ୍ୟାବଧାନରେ ବ୍ରାଜିଲ୍ ଗ୍ରୁପ୍ ଟପ୍ପର ରହିଥିବା ବେଳେ ଇଟାଲୀ ଦ୍ୱିତୀୟ ଓ ନାଇଜେରିଆ ତୃତୀୟ ସ୍ଥାନରେ ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବ୍ରାଜିଲ୍ ୨-୦ରେ ନାଇଜେରିଆକୁ ହରାଇଥିବା ବେଳେ ଇଟାଲୀ ୩-୦ରେ ଡୋମିନିକାନ୍ ରିପବ୍ଲିକ୍‌କୁ ପରାସ୍ତ କରିଛି।

ଲା ପ୍ଲାଟାରେ ଅନୁଷ୍ଠିତ ମ୍ୟାଚରେ ନାଇଜେରିଆ ଦୃଢ଼ ଭାବରେ ଖେଳ ଆରମ୍ଭ କରିଥିଲା। ଜୁଡ୍ ସଣ୍ଡେଙ୍କ ପ୍ରୟାସ କ୍ରସ୍ ବାର୍‌ରେ ବାଜିଥିବା ବେଳେ ଗୋଲ୍‌କିପର ମାୟାସେଲ୍ ଏହାକୁ ନିଷ୍ଫଳ କରି ଦେଇଥିଲେ। ତେବେ ମ୍ୟାଚ୍‌ର ୪୩ ତମ ମିନିଟରେ ବ୍ରାଜିଲ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଡିଫେଣ୍ଡର ଜିନ୍‌ଙ୍କ ହେଡର ଜରିଆରେ ଦଳ ଆଗୁଆ ରହିଥିଲା। ଏହାପରେ ବ୍ରାଜିଲ୍ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯିବା ସହିତ ମାର୍କ୍ୱିନୋସ୍ ଏହାର ୪ ମିନିଟ୍ ପରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ନାଇଜେରିଆ ମଧ୍ୟ ସାମାନ୍ୟ ଧୀମା ଖେଳ ପ୍ରଦର୍ଶନ କରିବାରୁ ବ୍ରାଜିଲ୍ ୨-୦ରେ ଜିତି ରାଉଣ୍ଡ ଅଫ୍-୧୬ରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଇଟାଲୀ ୩-୦ ଗୋଲରେ ଡୋମିନିକାନ୍ ରିପବ୍ଲିକକୁ ପରାସ୍ତ କରିଛି। ମିଡ ଫିଲ୍ଡର ସିଜାରେ କାସାଡେଇ ଡବଲ୍ ଗୋଲ (୧୯ ଓ ୮୪ ମିନିଟ) ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ରବିବାର ଓଡ଼ିଶା ଫୁଟବଲ ଏକାଡେମୀରେ ଭାରତୀୟ ଫୁଟବଲ ଦଳର ସଦସ୍ୟଙ୍କ ସହ ପରିଚିତ ହୋଇଛନ୍ତି। ଏହି ଅବସରରେ ଅଧିନାୟକ ସୁନୀଲ ଛେତ୍ରୀ ଏକ ଟିମ୍ ଜର୍ସି ତାଙ୍କୁ ଉପହାର ସ୍ୱରୂପ ଦେଇଛନ୍ତି।

# ଆଇପିଏଲ୍ ଅହମଦାବାଦରେ ବର୍ଷା

ଅହମଦାବାଦ, ୨୮।୫

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। କ୍ରମାଗତ ବର୍ଷା ଲାଗି ରହିବାଦ୍ୱାରା ଠିକ୍ ସମୟରେ ଟସ୍ ପଡ଼ି ପାରିନାହିଁ। ଫଳରେ ପିଚ୍‌କୁ କଭର କରି ରଖା ଯାଇଛି। କିଛି ସମୟ ବର୍ଷା ଛାଡ଼ିଥିବାବେଳେ ସୁପର ସପ୍ପର ମାଧ୍ୟମରେ ପଡ଼ିଆକୁ ଶୁଖାଯିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପୁଣି ବର୍ଷା ଆରମ୍ଭ ହୋଇ ଯାଇଥିଲା। କଟ୍‌ଅଫ୍ ଟାଇମ୍ ରାତି ୧୨ଟା ୬ଟା ସୁଦ୍ଧା ଯଦି ବର୍ଷା ଛାଡ଼ିଯାଏ ତେବେ ୫ ଓଭର ବିଶିଷ୍ଟ ମ୍ୟାଚ ପାଇଁ ନିଷ୍ପତ୍ତି ହୋଇଥିଲା। ସୋମବାରକୁ ରିଜର୍ଭ ଦିବସଭାବେ ରଖା ଯାଇଛି। ଯଦି ରବିବାର ଆଦୌ ମ୍ୟାଚ ସମ୍ଭବ ନ ହୁଏ ତେବେ ସୋମବାର ମ୍ୟାଚ ହେବ।

# ସାବାଲେଙ୍କା, ଖାଚାନୋଭ୍, ସିତ୍‌ସିପାସ୍ ବିଜୟୀ

ପ୍ୟାରିସ୍, ୨୮।୫

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ରବିବାର ଆରମ୍ଭ ହୋଇଛି। ସିଡେଡ୍ ଖେଳାଳି ମାନେ ବିଜୟ ସହିତ ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଆରିନା ସାବାଲେଙ୍କା, କାରେନ୍ ଖାଚାନୋଭ୍ ଓ ଷ୍ଟିଫାନୋସ୍ ସିତ୍‌ସିପାସଙ୍କ ପରି ଖେଳାଳି ସହଜ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ କାରେନ୍ ଖାଚାନୋଭ୍, ଷ୍ଟିଫାନୋସ୍ ସିତ୍‌ସିପାସ, ସେବାଷ୍ଟିଆନ୍ କୋର୍ଡା ଓ ହ୍ୟୁବର୍ଟ ହୁରକାଜଙ୍କ ପରି ଖେଳାଳି ଜିତିଥିବା ବେଳେ ମହିଳା ବର୍ଗରେ ଆରିନା ସାବାଲେଙ୍କା, ଏଲେନ୍ ମର୍ଟେନ୍ସ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ପକ୍ଷରେ ପ୍ରଥମ ଦିନରେ କିଛି ବିପର୍ଯ୍ୟୟ ମଧ୍ୟ ଦେଖିବାକୁ ମିଳିଛି।

**ଫ୍ରେଞ୍ଚ ଓପନରେ ରୁଷ୍-ୟୁକ୍ରେନ୍ ବିବାଦ: ହାତ ମିଳାଇଲେନି ଖେଳାଳି**

**ପ୍ୟାରିସ୍, ୨୮।୫ (ପି.ଟି.):** ଫ୍ରେଞ୍ଚ ଓପନ ପ୍ରଥମ ରାଉଣ୍ଡରେ ଦେଖିବାକୁ ମିଳିଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବ। ମ୍ୟାଚ୍ ଶେଷ ହେବା ପରେ ୟୁକ୍ରେନ ଖେଳାଳି ମାର୍ଟା କୋଷ୍ଟ୍ୟୁକ ବେଲାରୁଷର ଆରିନା ସାବାଲେଙ୍କାଙ୍କ ସହିତ ହାତ ମିଳାଇ ନ ଥିଲେ। ଏହାକୁ ନେଇ ଫିଲିପ୍ ଚାର୍ଟର ଦର୍ଶକ ଷ୍ଟାଣ୍ଡରୁ ତାଙ୍କୁ ବୁ (ଛିଗୁଲେଇବା) କରାଯାଇଥିଲା। ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ସାବାଲେଙ୍କା ୬-୩, ୬-୨ ସେଟରେ ମାର୍ଟା କୋଷ୍ଟ୍ୟୁକଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ହାରିବା ପରେ ମାର୍ଟା କୋଷ୍ଟ୍ୟୁକ ଅମ୍ପାୟାରଙ୍କ ସହିତ ହାତ ମିଳାଇଥିଲେ ଓ ନିଜ ସିଟ୍‌କୁ ଚାଲି ଯାଇଥିଲେ। ଏହାପରେ ଦର୍ଶକ ଷ୍ଟାଣ୍ଡରୁ ତାଙ୍କୁ ବୁ କରାଯାଇଥିଲା। ଏହି ଘଟଣା ପରେ ପ୍ରତିକ୍ରିୟା ପ୍ରକାଶ କରି ଦର୍ଶକଙ୍କୁ ସମାଲୋଚନା କରିଥିଲେ କୋଷ୍ଟ୍ୟୁକ। ଯେଉଁ ମାନେ ମୋତେ ବୁ କରୁଥିଲେ ସେମାନଙ୍କୁ ଲଜ୍ଜା ଲାଗିବା କଥା ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ୍ ଉପରେ ଆକ୍ରମଣକୁ ନେଇ ବେଲାରୁଷ ଆକ୍ରମଣକାରୀ ରାଷ୍ଟ୍ର ରୁଷକୁ ସମର୍ଥନ ଦେଇଥିଲା। ଏହି କାରଣରୁ ମାର୍ଟା କୋଷ୍ଟ୍ୟୁକ ମ୍ୟାଚ୍ ପୂର୍ବରୁ ହେବାକୁ ଥିବା ଫଟୋ ଶୁଟ୍‌ରେ ମଧ୍ୟ ଅଂଶ ଗ୍ରହଣ କରି ନ ଥିଲେ। ଏପରିକି ସାବାଲେଙ୍କା ମଧ୍ୟ ଦର୍ଶକଙ୍କ ଏଭଳି ବ୍ୟବହାରକୁ ନାପସନ୍ଦ କରିଛନ୍ତି।

ପୁରୁଷ ବର୍ଗରେ ୨୦ ନମ୍ବର ସିଡ୍ ଡାନ୍ ଏଭାନ୍ସ, ମହିଳା ବର୍ଗରେ ୭ ନମ୍ବର ସିଡ୍ ମାରିଆ ସାକ୍କାରି ଓ ମାଗଦା ଲିନେଟ୍ ପରାଜିତ ହୋଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ହ୍ୟୁବର୍ଟ ହୁରକାଜ ୬-୩, ୫-୭, ୬-୪, ୨-୬ ଓ ୬-୪ ସେଟରେ ଡେଭିଡ୍ ଗଫିନଙ୍କୁ ପରାସ୍ତ କରିଛନ୍ତି। ୧୧ ନମ୍ବର ସିଡ୍ କାରେନ୍ ଖାଚାନୋଭ ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କନଷ୍ଟାଣ୍ଟ ଲେଷ୍ଟିନ୍ନେଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ଦୁଇ ସେଟ୍ ହାରିବା ପରେ ଖାଚାନୋଭ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୩-୬, ୧-୬, ୬-୨, ୬-୧ ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଟାଲୋନ ଗ୍ରୀକସ୍ପୋର ୬-୪, ୨-୬, ୦-୬, ୭-୫ ଓ ୬-୩ ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ ପରାସ୍ତ କରିଥିଲେ। ମାକ୍ସିମ୍ କ୍ରେସିଙ୍କ ବିପକ୍ଷ ମ୍ୟାଚକୁ ୬-୪, ୭-୬ ଓ ୬-୨ ରେ ଜିତି ନେଇଥିଲେ ସେବାଷ୍ଟିଆନ୍ ଅଫନର। ମଲଡୋଭାର ରାଡୁ ଆଲବୋଟ୍ ୬-୩, ୬-୨, ୪-୬ ଆମେରିକାର ପ୍ୟାଟ୍ରିକ୍ କିପ୍‌ସନଙ୍କୁ ହରାଇଥିଲେ। ଆମେରିକାର ଥାନାସି କୋକ୍କିନାକିସ୍ ୨୦ ନମ୍ବର ସିଡ୍ ଇଂଲଣ୍ଡର ଡାନ୍ ଏଭାନ୍ସଙ୍କୁ ୬-୪, ୬-୪,୬-୪ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି। ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ୍ ୭-୫, ୬-୩, ୪-୬ ଓ ୭-୬ ସେଟ୍‌ରେ ଚେକିଆର ଜିରି ଭେସଲିଙ୍କୁ ହରାଇଛନ୍ତି। ୨୪ ନମ୍ବର ସିଡେଡ୍ ଆମେରିକୀୟ ସେବାଷ୍ଟିଆନ୍ କୋର୍ଡା ନିଜ ଦେଶର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡ ୬-୪, ୭-୫ ଓ ୬-୪ ସେଟ୍‌ରେ ପରାସ୍ତ କରଥିଲେ।

ମହିଳା ବର୍ଗରେ ଆରିନା ସାବାଲେଙ୍କା ୬-୩, ୬-୨ ସେଟରେ ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକଙ୍କୁ ପରାସ୍ତ କରିଥିଲେ।

# ଗଣେଶଙ୍କ ଏଭରେଷ୍ଟ ମାରାଥନକୁ ୧୦ ବର୍ଷ

**ଆଜି ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ**

ଭୁବନେଶ୍ୱର, ୨୮।୫ (କ୍ରୀଡ଼ା ପ୍ରତିନିଧି)

ଆଜକୁ ୭୦ ବର୍ଷ ତଳେ ମେ' ୨୯, ୧୯୫୩ରେ ସାର ଏଡମଣ୍ଡ ହିଲାରି ଏବଂ ତେନଜିଂ ନର୍ଗେ ପ୍ରଥମ ଥର ପାଇଁ ମାଉଣ୍ଟ ଏଭେରେଷ୍ଟ ଆରୋହଣ କରି ଦୁଃସାହସିକ ପର୍ବତାରୋହଣର ଶୀର୍ଷ ସଫଳତା ପାଇଥିଲେ। ତେନଜିଂ ନର୍ଗେଙ୍କର ୨୦୦୮ ମସିହାରେ ପରଲୋକ ଘଟିଥିଲେ ମଧ୍ୟ ଏହି ଦିନଟିକୁ ଅନ୍ତର୍ଜାତୀୟ ଏଭେରେଷ୍ଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏହି ଅବସରରେ ରାଜ୍ୟର ପ୍ରଥମ ପୁରୁଷ ଏଭେରେଷ୍ଟ ବିଜେତା ଗଣେଶ ଚନ୍ଦ୍ର ଜେନା ସମସ୍ତ ଏଭେରେଷ୍ଟ ବିଜେତା, ଦୁଃସାହସିକ କ୍ରୀଡ଼ାବିତ୍ ଓ ଯୁବ ପର୍ବାତରୋହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗଣେଶ ମଧ୍ୟ ଚଳିତ ବର୍ଷ ନିଜର ଏଭେରେଷ୍ଟ ବିଜୟ (ମେ'୧୮)ର ଦ୍ୱାଦଶ ବାର୍ଷିକୀ ଏବଂ ଏଭେରେଷ୍ଟ ମାରାଥନ (ମେ' ୨୯)ର୍ ହେବାର ଦଶମ ବାର୍ଷିକୀ ପାଳନ କରିଛନ୍ତି।



ଗଣେଶ ଚନ୍ଦ୍ର ଜେନା

୨୦୧୧ରେ ସେ ଏଭେରେଷ୍ଟ ଆରୋହଣ କରିଥିବା ବେଳେ ୨୦୧୩ରେ ଏକମାତ୍ର ଭାରତୀୟ ଭାବେ ଏଭେରେଷ୍ଟ ମାରାଥନ୍‌ରେ ଭାଗ ନେଇଥିଲେ। ଅଦ୍ୟାବଧି ଗଣେଶ ଏକମାତ୍ର ଭାରତୀୟ ଭାବେ ଏଭରେଷ୍ଟ ମାରାଥନର୍ ହେବାର ଗୌରବ ବହନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ଏଭେରେଷ୍ଟ ବାଲକୋନିରେ ପ୍ରାଣ ହରାଇଥିବା କଳ୍ପନା ଦାଶ ଦୁଇ ଥର ଏଭେରେଷ୍ଟ ଅରୋହଣ କରିଛନ୍ତି। କଳ୍ପନା ଓ ଗଣେଶଙ୍କ ବାଦ୍ ଓଡ଼ିଶାର ଦେବୀଦତ୍ତ ପଣ୍ଡା, ଯୋଗବ୍ୟାସ ଭୋଇ, ଚେତନା ସାହୁ, ସ୍ୱର୍ଣ୍ଣଲତା ଦଳାଇ, ସିଦ୍ଧାର୍ଥ ରାଉତରାୟ, ସ୍ୱର୍ଗତ ପ୍ରଦୀପ ସାହୁ ଏହି ବିରଳ ଏଭେରେଷ୍ଟ ଆରୋହଣ କ୍ଲବର ସଦସ୍ୟ ରହିଛନ୍ତି।

# ରେସ୍‌ଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

**ନୂଆଦିଲ୍ଲୀ, ୨୮।୫ (ପି.ଟି.):** ନୂତନ ସଂସଦ ଭବନ ଉଦ୍‌ଘାଟନ ସମୟରେ ଦେଶର ପ୍ରମୁଖ ରେସ୍‌ଲରମାନଙ୍କୁ ଦିଲ୍ଲୀ ପୋଲିସ୍‌ର ଦୁର୍ବ୍ୟବହାରକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ଓ ପୂର୍ବତନ କ୍ରିକେଟର ମନୋଜ ତିୱାରୀ। ଏହି ଘଟଣାର ଭିଡିଓ ଦେଖି ମୁଁ ଅତ୍ୟନ୍ତ ଦୁଃଖିତ। ଏହାକୁ ଭିନ୍ନ ଉପାୟରେ ହାତେଇ ହୋଇପାରିଥାନ୍ତା ବୋଲି ସେ ଟୁଇଟ୍ କରିଛନ୍ତି। ଭିଡିଓଟିରେ ସଙ୍ଗୀତା ଓ ଭିନେଶଙ୍କୁ ପୋଲିସ ଟାଣି କରି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ରିକେଟର ତଥା ଟିଏମ୍‌ସି ବିଧାୟକ ମନୋଜ ତିୱାରୀ ଏହାକୁ ସମାଲେଚନା କରଛନ୍ତି। ଏହା କ'ଣ ଦେଶର ଆଜାଦୀ କା ଅମୃତ ମହୋତ୍ସବ। ଦେଶବାସୀ ଆପଣଙ୍କ ସହିତ ଅଛନ୍ତି ତେଣୁ ଆପଣମାନେ ଲଢେଇ ଜାରି ରଖନ୍ତୁ ବୋଲି କହିଛନ୍ତି।

# ପ୍ରତ୍ୟାଶାଙ୍କୁ ଆଉ ଏକ ରୌପ୍ୟ

ଭୁବନେଶ୍ୱର, ୨୮।୫ (କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଗ୍ରେଟର ନଏଡାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ରବିବାର ଆଉ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୨୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ସେ ୨:୧୭.୮୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଏହାକୁ ମିଶାଇ ସେ ପ୍ରତିଯୋଗିତାରେ ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ସେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟର ଫ୍ରିଷ୍ଟାଇଲ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ପାଇଥିଲେ।



ମା' ଚାରୁଶ୍ରୀଙ୍କ ସହ ପ୍ରତ୍ୟାଶା ରାୟ।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ' ୨୯/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, May 29/2023 Page 16 BALASORE



## ଡେଟ୍ ସିଲିଂ ବୃଦ୍ଧି ପାଇଁ ସହମତି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ରିପବ୍ଲିକାନ୍ସଙ୍କ ମଧ୍ୟରେ ଡେଟ୍ ସିଲିଂ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି।

୦୨

୦୬

## ଗେହଲଟ୍-ପାଇଲଟ୍ ଦ୍ୱନ୍ଦ୍ୱର ଅବସାନ ପାଇଁ ଖାର୍ଗେଙ୍କ ଉଦ୍ୟମ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ମଲ୍ଲିକାର୍ଜୁନ ଖାର୍ଗେ ଯୋଜନା କରୁଛନ୍ତି।



# ଭାରତର ବିକାଶ ଯାତ୍ରାରେ ଅବିସ୍ମରଣୀୟ ମୁହୂର୍ତ୍ତ: ମୋଦି

## ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୮।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପୂର୍ବାହ୍ନରେ ନୂଆ ପାର୍ଲାମେଣ୍ଟ ଭବନର ଉଦ୍‌ଘାଟନ କରିଛନ୍ତି। ଦେଶର ବିକାଶ ଯାତ୍ରାରେ ଏହା ଏକ ଅବିସ୍ମରଣୀୟ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଏକ ଆତ୍ମନିର୍ଭର ଏବଂ ବିକଶିତ ଭାରତର ସୂର୍ଯ୍ୟୋଦୟର ସଙ୍କେତ, ଯାହା ଅନ୍ୟ ଦେଶଗୁଡ଼ିକର ପ୍ରଗତିକୁ ଅନୁପ୍ରାଣିତ କରିବ ବୋଲି ଉଲ୍ଲେଖ କରିଛନ୍ତି। ମୟୂର ଆକୃତିର ସୁସଜ୍ଜିତ ବିଶାଳ ଲୋକ ସଭା ପ୍ରକୋଷ୍ଠରୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ନୂତନ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ଲାଗି ନୂଆ ପାର୍ଲାମେଣ୍ଟ ଭବନ ନୂତନ ଭାରତର ଆଶା ଆକାଂକ୍ଷା ଏବଂ ସଂକଳ୍ପକୁ ପ୍ରତିଫଳିତ କରୁଛି। ଏଠାରେ ନିଆଯିବାକୁ ଥିବା ପ୍ରତ୍ୟେକ ନିଷ୍ପତ୍ତି ଭାରତର ଗୌରବମୟ ଭବିଷ୍ୟତର ମୂଳଦୁଆ ପକାଇବ, ଯାହା ଗରିବ, ଦଳିତ, ପଛୁଆ, ଆଦିବାସୀ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କ ସଶକ୍ତୀକରଣ ଦିଗରେ କାର୍ଯ୍ୟ କରିବ। ଏହି ବିଲ୍ଡିଂର ପ୍ରତି ଇଟା ଓ କାନ୍ଥ ଗରିବମାନଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନୂତନ ସଂସଦ ଭବନର ସ୍ଥାପତ୍ୟରେ ଭାରତର ବିବିଧତା ଏବଂ ଉନ୍ନତ ସଂସ୍କୃତି ପ୍ରତିଫଳିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଏହାର ଭୂୟସୀ ପ୍ରଶଂସା କରିଥିଲେ। ନୂତନ ଭାରତ ଉପନିବେଶୀୟ ମାନସିକତା ତ୍ୟାଗକରି ନୂଆ ଯାତ୍ରା ଆରମ୍ଭ କରିଛି। ଆଗାମୀ ୨୫ ବର୍ଷରେ ଅର୍ଥାତ୍ ୨୦୪୭ରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତିପାଳନ କରିବ। ୧୯୨୨ରେ ଶେଷ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଏବଂ ଦେଶର ସ୍ୱାଧୀନତା ମଧ୍ୟରେ ୨୫ ବର୍ଷର ଅନ୍ତର ଥିଲା। ଗାନ୍ଧିଜୀଙ୍କ ଆନ୍ଦୋଳନ ଦେଶବାସୀଙ୍କ ମଧ୍ୟରେ ନୂତନ ଚେତନା ଆଣିଥିଲା, ଯାହା ସେମାନଙ୍କୁ ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ କରିବା ଲାଗି ଆତ୍ମବିଶ୍ୱାସ ଦେଇଥିଲା। ଆଗାମୀ ୨୫ ବର୍ଷରେ ବିକଶିତ ଭାରତ ପାଇଁ ପ୍ରତ୍ୟେକ ନାଗରିକ ସେହିଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆ ପାର୍ଲାମେଣ୍ଟ ଭବନ ୧୪୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷା ଓ ସ୍ୱପ୍ନର ପ୍ରତିଫଳନ। ଏହା ଗଣତନ୍ତ୍ରର ମନ୍ଦିର, ଯାହା ବିଶ୍ୱକୁ ଭାରତର ସଂକଳ୍ପର ବାର୍ତ୍ତା ଦେଉଛି। ପ୍ରତି ରାଷ୍ଟ୍ରର ଇତିହାସରେ ଅଳ୍ପ ☞ପୃଷ୍ଠା-୬



ନୂଆ ସଂସଦ ଭବନ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ଟଙ୍କିଆ ମୁଦ୍ରାକୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ।

# ନ୍ୟାୟ ମାଗି ଦଣ୍ଡିତ

## ମହିଳା କୁସ୍ତିଯୋଦ୍ଧାଙ୍କୁ ଗୋଇଠା ମାରି ଉଠାଇନେଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୨୮।୫

ରବିବାର ଦେଶକୁ ମିଳିଛି ଗଣତନ୍ତ୍ରର ନୂଆ ମନ୍ଦିର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ଲୋକାର୍ପଣ କରି ସମ୍ବୋଧନ କରୁଥିବାବେଳେ ସେଠାରୁ ଅଳ୍ପ ଦୂରରେ ଦେଶ ପାଇଁ ପଦକ ଜିତି ଗର୍ବ ଓ ଗୌରବ ଆଣିଦେଇଥିବା କୁସ୍ତିଯୋଦ୍ଧାମାନଙ୍କୁ ପାଦ ତଳେ ଦଳି ଦିଆଯାଉଥିଲା। ଉତ୍ତର ପ୍ରଦେଶର କୈସରଗଞ୍ଜରୁ ପ୍ରତିନିଧିତ୍ୱ କରୁଥିବା ୬୬ ବର୍ଷୀୟ ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂ ନୂଆ ସଂସଦ ଭବନର ଭବ୍ୟ ଉଦ୍‌ଘାଟନୀ ସମାରୋହରେ ଅତିଥିମାନଙ୍କୁ ସ୍ୱାଗତ କରୁଥିବା ସମୟରେ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଯନ୍ତରମନ୍ତର ଧାରଣାସ୍ଥଳରେ ମାସାଧିକ କାଳ ଧାରଣା ଦେଇଥିବା ମହିଳା ଖେଳାଳିମାନଙ୍କୁ ଦିଲ୍ଲୀ ପୋଲିସ ଲାଠିମାଡ଼ ସହ ଗୋଇଠା ଓ ବିଧା ମାରୁଥିଲା। ନ୍ୟାୟ ଦାବିରେ ମହିଳା ମହାପଞ୍ଚାୟତ ଆୟୋଜନ ପାଇଁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିବା ଭିନେଶ ଫୋଗତ, ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆଙ୍କ ସମେତ ଅନେକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ସୁରକ୍ଷା ଭଙ୍ଗ ଏବଂ ଆଇନଶୃଙ୍ଖଳା ଉଲ୍ଲଂଘନ ନାମରେ ଅଟକ ରଖାଯାଇଥିଲା। ଭାରତୀୟ ଗଣତନ୍ତ୍ରକୁ କଳଙ୍କିତ କରିଦେବା ଭଳି ଏପରି ଚିତ୍ରକୁ ସାରା ବିଶ୍ୱ ଦେଖିଛି। କେନ୍ଦ୍ର ସରକାରଙ୍କ ଆଚରଣ ଓ ଉଚ୍ଚାରଣରେ ଥିବା ତାରତମ୍ୟ ଏବଂ ଦିଲ୍ଲୀ ପୋଲିସର ବର୍ବରତାକୁ ବହୁ ରାଜନେତା ତଥା କ୍ରୀଡ଼ା ବ୍ୟକ୍ତିତ୍ୱ ନିନ୍ଦା କରିଛନ୍ତି। ଗତ ଜାନୁୟାରୀରେ ଡବ୍ଲୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ବଜରଙ୍ଗ ପୁନିଆ, ଭିନେଶ ଫୋଗତ, ସାକ୍ଷୀ ମଲିକଙ୍କ ସମେତ ☞ପୃଷ୍ଠା-୬

> ଖେଳାଳିଙ୍କ ଛାତିରେ ଥିବା ମେଡାଲ ଆମ ଦେଶର ଗୌରବ। କିନ୍ତୁ ଭାଜପା ସରକାରର ଅହଂକାର ଏତେ ବଢ଼ିଯାଇଛି ଯେ ମହିଳା ଖେଳାଳିଙ୍କ ସ୍ୱରକୁ ନିର୍ମମ ଭାବେ ବୁଟ୍ ତଳେ ଦଳି ଦିଆଯାଉଛି। ସାରା ଦେଶ ସରକାରଙ୍କ ଅହଂକାର ଓ ଅନ୍ୟାୟକୁ ଦେଖୁଛି।
>
> **-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**



ମହିଳା କୁସ୍ତିଯୋଦ୍ଧାଙ୍କୁ ଦିଲ୍ଲୀ ପୋଲିସ ମାଡ଼ମାରି ଜୋରଜବରଦସ୍ତ ଉଠାଇ ନେଉଛି।




## ପାକିସ୍ତାନରେ ଭୂକମ୍ପ

ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ରବିବାର ସକାଳେ ୬.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ଯୋଗୁ ଭୟଭୀତ ଲୋକେ ଘର ଛାଡ଼ି ପଳାଇବାକୁ ବାଧ ହୋଇଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ ଓ ତାଜିକିସ୍ତାନ ସାମାନ୍ତରେ ୨୨୩ କିଲୋମିଟର ଗଭୀରରେ ହୋଇଥିବାରୁ ବିଶେଷ କ୍ଷୟକ୍ଷତି ଘଟାଇ ନ ଥିବା କୁହାଯାଉଛି। ଇସ୍‌ଲାମାବାଦ ସମେତ ପେଶାୱର, ସ୍ୱାତ୍, ହରିପୁର, ଆବୋଟାବାଦ, ବାଗ୍ରାମ, ପାକ୍ ଅଧିକୃତ କଶ୍ମୀର ଆଦି ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ଧନଜୀବନ ହାନି ସମ୍ପର୍କିତ ଖବର ମିଳିନାହିଁ।

**ସଂକ୍ଷେପରେ**

## ମଣିପୁରରେ ସଂଘର୍ଷ: ୨ ନିହତ

**ଇମ୍ଫାଲ, ୨୮।୫:** ମଣିପୁରର ବିଭିନ୍ନ ସ୍ଥାନରେ ସାଧାରଣ ନାଗରିକଙ୍କ ଉପରେ ଗୁଳିମାଡ଼ ଏବଂ ଉଗ୍ରପନ୍ଥୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୧୨ ଜଣ ଆହତ ହୋଇଛନ୍ତି। କୁକି ଉଗ୍ରପନ୍ଥୀଙ୍କ ଗୁଳିରେ ଇମ୍ଫାଲ ୱେଷ୍ଟ ଜିଲାର ଫୟେଙ୍ଗ୍‌ରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଶାନ୍ତି ସ୍ଥାପନ ଲାଗି କୁକି ସମ୍ପ୍ରଦାୟକୁ ଅସ୍ତ୍ରବିହୀନ କରିବା ନିମନ୍ତେ ସେନା ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିବାବେଳେ ସଂଘର୍ଷ ହୋଇଥିଲା। ମଣିପୁରରେ ଜାତିଆଣ ସଂଘର୍ଷ ପରେ ଶାନ୍ତି ସ୍ଥାପନ ପାଇଁ ନିୟୋଜିତ ସଶସ୍ତ୍ର ବଳ ସହ ବିଭିନ୍ନ ସମୟରେ ଉଗ୍ରପନ୍ଥୀମାନଙ୍କ ସଂଘର୍ଷ ଘଟୁଛି। ଏହି ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦ ସଶସ୍ତ୍ର ଉଗ୍ରପନ୍ଥୀ ନିହତ ହେଲେଣି ବୋଲି ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ରବିବାର କହିଛନ୍ତି। ଏହି ଉଗ୍ରପନ୍ଥୀମାନେ ଗୃହଦାହ ଏବଂ ସାଧାରଣ ନାଗରିକଙ୍କ ଉପରକୁ ଗୁଳି ଚଳାଇବାରେ ସମ୍ପୃକ୍ତ। ସଦ୍ୟତମ ସଂଘର୍ଷ ଦୁଇ ସମ୍ପ୍ରଦାୟ ମଧ୍ୟରେ ନୁହେଁ, ଉଗ୍ରପନ୍ଥୀ ଓ ସୁରକ୍ଷା ବଳ ମଧ୍ୟରେ ହୋଇଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ନ୍ୟୁ ମେକ୍ସିକୋରେ ଗୁଳିକାଣ୍ଡ: ୩ ମୃତ

**ହ୍ୟୁଷ୍ଟନ୍, ୨୮।୫(ଆଇଏଏନ୍ଏସ୍):** ଆମେରିକାର ନ୍ୟୁ ମେକ୍ସିକୋ ରାଜ୍ୟର ରେଡ୍ ରିଭରରେ ମୋଟରସାଇକେଲ ରାଲି ବେଳେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଗୋଷ୍ଠୀବିବାଦକୁ ନେଇ ଶନିବାର ଏହି ଗୁଳିକାଣ୍ଡ ଘଟିଥିବା ରେଡ୍ ରିଭର ମେୟର ଲିଣ୍ଡା କାଲୌନ୍ କହିଛନ୍ତି। ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୪୧ତମ ବାର୍ଷିକ ରେଡ୍ ରିଭର ସ୍ମାରକୀ ମୋଟରସାଇକେଲ ରାଲିରେ ବିଭିନ୍ନ ଅଞ୍ଚଳରୁ ୨୮ ହଜାର ବାଇକ ଚାଳକ ଯୋଗଦେଇଛନ୍ତି। ଗୁଳିକାଣ୍ଡରେ ସମ୍ପୃକ୍ତ ଲୋକଙ୍କୁ ପୋଲିସ ଗିରଫ କରିଥିବାବେଳେ ଆହତମାନଙ୍କୁ ଟାଓସ୍‌ସ୍ଥିତ ହୋଲି କ୍ରସ୍ ହସ୍ପିଟାଲ ଏବଂ ଆଲ୍‌ବୁକ୍ୱେରକ୍‌ର ନ୍ୟୁ ମେକ୍ସିକୋ ହେଲ୍‌ଥ ୟୁନିଭର୍ସିଟିରେ ଭର୍ତ୍ତି କରାଯାଇଥିବା ମେୟର କହିଛନ୍ତି।

## ରାହୁଲଙ୍କୁ ୩ ବର୍ଷିଆ ପାସ୍‌ପୋର୍ଟ

**ନୂଆଦିଲ୍ଲୀ, ୨୮।୫:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୩ ବର୍ଷ ପାଇଁ ପାସ୍‌ପୋର୍ଟ ମିଳିଛି। ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ତାଙ୍କୁ ୧୦ ବର୍ଷ ପରିବର୍ତ୍ତେ ୩ ବର୍ଷିଆ ପାସ୍‌ପୋର୍ଟ ପ୍ରଦାନ ପାଇଁ ଅନୁମତି ଦେଇଥିଲେ। ରାହୁଲଙ୍କ ଏମ୍‌ପି ପଦ ଯିବା ପରେ ସେ ତାଙ୍କର କୂଟନୈତିକ ପାସ୍‌ପୋର୍ଟ ଫେରାଇଦେଇଥିଲେ। ପାସ୍‌ପୋର୍ଟ ଅବଧି କମ୍ କରିବାକୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ କୋର୍ଟ ନିଷ୍ପତ୍ତି ନେଇଥିଲେ। ନ୍ୟାଶନାଲ ହେରାଲ୍ଡ ମାମଲାରେ ରାହୁଲ ଅଭିଯୁକ୍ତ ରହିଛନ୍ତି। ସୋମବାରଠାରୁ ରାହୁଲ ଆମେରିକା ଗସ୍ତରେ ଯାଉଛନ୍ତି। ସେ ୱାଶିଂଟନ ଡିସି, ନ୍ୟୁୟର୍କ ଏବଂ ସାନ୍ ଫ୍ରାନ୍ସିସ୍କୋରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। ଏହା ବ୍ୟତୀତ ଭାରତୀୟ ଆମେରିକୀୟଙ୍କୁ ଉଦ୍‌ବୋଧନ ଦେବା ସହ ୟୁଏସ୍ କ୍ୟାପିଟୋଲରେ ସେ ଆଇନପ୍ରଣେତାମାନଙ୍କୁ ଭେଟିବେ।

# ଗଣତନ୍ତ୍ରର ନୂଆ ମନ୍ଦିର





## ଆଧୁନିକ ପ୍ରଯୁକ୍ତି ସଂସଦ ଭବନର ବିଶେଷତ୍ୱ



ସେଙ୍ଗୋଲ ସ୍ଥାପନ ବେଳେ ତାମିଲନାଡୁର ବିଭିନ୍ନ ଆଧୀନମ୍‌ର ସନ୍ଥମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ, ୨୮।୫

ଟାଟା ପ୍ରୋଜେକ୍ଟସ୍ ଲିଃ ଦ୍ୱାରା ନିର୍ମିତ ନୂତନ ପାର୍ଲାମେଣ୍ଟ ବିଲ୍ଡିଂରେ ପ୍ରାଣୀ ଆକୃତିଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତି ପର୍ଯ୍ୟନ୍ତ ବିଶେଷତ୍ୱ ଦେଖିବାକୁ ମିଳିଛି। ୬୪,୫୦୦ ବର୍ଗମିଟର ସ୍ଥାନରେ ନିର୍ମିତ ତ୍ରିଭୁଜ ଆକୃତିର ଚାରି ମହଲା ବିଲ୍ଡିଂରେ ବିଶାଳ ସମ୍ବିଧାନ ହଲ୍ ରହିଛି, ଯେଉଁଠି ଭାରତର ଗଣତାନ୍ତ୍ରିକ ଐତିହ୍ୟ ପ୍ରଦର୍ଶିତ ହେବ। ଏଥିସହିତ ଏମ୍‌ପିମାନଙ୍କ ପାଇଁ ଲାଉଞ୍ଜ, ଲାଇବ୍ରେରି, ବିଭିନ୍ନ କମିଟି ପାଇଁ ପ୍ରକୋଷ୍ଠ, ଡାଇନିଂ ଅଞ୍ଚଳ ଏବଂ ଗାଡ଼ି ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ବିଲ୍ଡିଂରେ ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଏବଂ କର୍ମ ଦ୍ୱାର ନାମରେ ତିନୋଟି ଦ୍ୱାର ରହିଛି। ଉଦ୍‌ଘାଟନ ସମୟରେ ନୂଆ ପାର୍ଲାମେଣ୍ଟ ଭବନ ଉପରେ ଏକ ସଂକ୍ଷିପ୍ତ ଚଳଚ୍ଚିତ୍ର ପ୍ରଧାନମନ୍ତ୍ରୀ, ଏମ୍‌ପି ଓ ମୁଖ୍ୟମନ୍ତ୍ରୀମାନଙ୍କ ଉପସ୍ଥିତିରେ ପ୍ରଦର୍ଶିତ ହୋଇଥିଲା। ୯ ମିନିଟ ୨୬ ସେକେଣ୍ଡର ଏହି ଫିଲ୍ମରେ ନୂଆ ବିଲ୍ଡିଂର ବିଶେଷତ୍ୱ ଦେଖିବାକୁ ମିଳିଥିଲା। ଏହାର ବିଭିନ୍ନ ଫାଟକରେ ଗରୁଡ଼, ଗଜ, ଅଶ୍ୱ, କୁମ୍ଭୀର, ହଂସ, ଶାର୍ଦ୍ଦୂଳ ଆକୃତି ସ୍ଥାପନ କରାଯାଇଛି। ଲୋକ ସଭାକୁ ଜାତୀୟ ପକ୍ଷୀ ମୟୂର ଆକୃତିରେ କରାଯାଇଥିବାବେଳେ ରାଜ୍ୟ ସଭା ଜାତୀୟ ଫୁଲ ପଦ୍ମ ଆକୃତିର ହୋଇଛି। ନୂଆ ବିଲ୍ଡିଂରେ ଏମ୍‌ପିମାନେ ସୁବିଧାରେ ବସିବା ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଛି। ଲୋକ ସଭା ପ୍ରକୋଷ୍ଠରେ ୮୮୮ ସଦସ୍ୟ ବସିବା ଲାଗି ଆସନ ରହିଥିବାବେଳେ ରାଜ୍ୟ ସଭା ଚାମ୍ବରରେ ୩୦୦ ଆସନ ରହିଛି। ସେହିପରି ଉଭୟ ଗୃହର ମିଳିତ ଅଧିବେଶନରେ ୧,୨୮୦ ସଦସ୍ୟ ବସିବା ଲାଗି ଆସନ ବ୍ୟବସ୍ଥା କରାଯାଇଛି। ଲୋକ ସଭା ଓ ରାଜ୍ୟ ସଭାର ପ୍ରତି ସଦସ୍ୟଙ୍କ ଡେସ୍କରେ ଟଚ୍ ସ୍କ୍ରିନ୍ ବ୍ୟବସ୍ଥା ରହିଛି।

ନୂଆ ପାର୍ଲାମେଣ୍ଟ ଭବନର ଉଭୟ ସଦନକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ କରାଯାଇଛି, ଯାହାକି ସମ୍ପୂର୍ଣ୍ଣ କାଗଜବିହୀନ ହେବ। ସେହିପରି ଭୋଟିଂକୁ ସହଜ କରିବା ପାଇଁ ଏମ୍‌ପିମାନଙ୍କ ନିମନ୍ତେ ବାୟୋମେଟ୍ରିକ୍ ବ୍ୟବସ୍ଥା ହୋଇଛି। ଉଭୟ ସଦନରେ ବିଶାଳ ମଲ୍ଟିମିଡିଆ ଡିସ୍‌ପ୍ଲେ ଲଗାଯାଇଛି, ଯାହା ଅଧିବେଶନର ସମସ୍ତ କାର୍ଯ୍ୟ ଓ ବିଲ୍ ଉପରେ ଭୋଟ ଗ୍ରହଣ ଆଦିକୁ ପ୍ରଦର୍ଶିତ କରିବ। ଏହା ବ୍ୟତୀତ ବିଲ୍ଡିଂରେ ସ୍ୱୟଂକ୍ରିୟ କ୍ୟାମେରା କଣ୍ଟ୍ରୋଲ ଏବଂ ପୂରା ଉପକରଣରେ ସଜ୍ଜିତ କମାଣ୍ଡ ସେଣ୍ଟର ରହିଛି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ୨.୫ ବର୍ଷରେ ନିର୍ମିତ ହୋଇଛି। ନିର୍ମାଣ କାର୍ଯ୍ୟରେ ୬୦,୦୦୦ ଶ୍ରମିକ ନିୟୋଜିତ ହୋଇଥିଲେ।

ନୂଆ ସଂସଦ ଭବନ କର୍ମଦ୍ୱାରରେ ବ୍ରୋଞ୍ଜ ନିର୍ମିତ କୋଣାର୍କ ସୂର୍ଯ୍ୟମନ୍ଦିର ଚକ ଲଗାଯାଇଛି। ଭବନରେ ବ୍ୟବହୃତ ଶାଗୁଆନ୍ କାଠ ମହାରାଷ୍ଟ୍ରର ନାଗପୁରରୁ ଆସିଥିବାବେଳେ ନାଲି ଓ ଧଳା ବାଲିପଥର ରାଜସ୍ଥାନର ସାର୍‌ମଥୁରାରୁ ଆସିଛି। କେଶରିଆ ସବୁଜ ପ୍ରସ୍ତର ଉଦୟପୁରରୁ, ଲାଲ୍ ଗ୍ରାନାଇଟ୍ ଆଜ୍‌ମେର ନିକଟ ଲାଖାରୁ ଏବଂ ଧଳା ମାର୍ବଲ ରାଜସ୍ଥାନର ଅମ୍ବାଜୀରୁ ଅଣାଯାଇଛି। ଗଣତନ୍ତ୍ରର ମନ୍ଦିର ନିର୍ମାଣରେ ସାରା ଦେଶ ଏକାଠି ହୋଇଛନ୍ତି, ଯାହା 'ଏକ ଭାରତ ଶ୍ରେଷ୍ଠ ଭାରତ' ବାସ୍ତବ ଭାବନାକୁ ପ୍ରତିଫଳିତ କରୁଛି। ଲୋକ ସଭା ଓ ରାଜ୍ୟ ସଭାର ଫଲ୍ସ ସିଲିଂ ପାଇଁ ବ୍ୟବହୃତ ଇସ୍ପାତ ଷ୍ଟ୍ରକ୍ଚର ଡାମନ ଓ ଡିଉ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବାବେଳେ ଆସବାବପତ୍ର ମୁମ୍ବାଇରେ ପ୍ରସ୍ତୁତ ହୋଇଛି। ବିଲ୍ଡିଂରେ ଲାଗିଥିବା ପଥରର ଜାଲି କାମ ରାଜସ୍ଥାନର ରାଜନଗର ଓ ଉତ୍ତରପ୍ରଦେଶର ନୋଏଡ଼ାରୁ ଆସିଛି। ଅଶୋକ ଚକ୍ର ପାଇଁ ଆବଶ୍ୟକ ଉପକରଣ ମହାରାଷ୍ଟ୍ରର ଔରଙ୍ଗାବାଦ ଏବଂ ରାଜସ୍ଥାନର ଜୟପୁରରୁ ଅଣାଯାଇଥିଲା। ହରିୟାଣାର ଚର୍ଖି ଦାଦ୍ରିରୁ ଆସିଥିବା ନିର୍ମାଣ ବାଲିରେ ନୂଆ ସଂସଦ ଭବନ ତିଆରି ହୋଇଛି। ବିଶାଳ ପଥର ଓ ଗ୍ରାନାଇଟ୍ ଗୁଣ୍ଡ କଲାବେଳେ ଏହି ବାଲି ବାହାରିଥିବାରୁ ଏହାକୁ ପରିବେଶ ଅନୁକୂଳ ବାଲି ବିବେଚନା କରାଯାଏ। ବିଲ୍ଡିଂରେ ଲାଗିଥିବା ଫ୍ଲାଏ ଆଶ୍ ଇଟା ହରିୟାଣା ଓ ଉତ୍ତରପ୍ରଦେଶରୁ ଆସିଥିବାବେଳେ ପିତ୍ତଳ କାର୍ଯ୍ୟ ଏବଂ ପ୍ରି-କାଷ୍ଟ ଟ୍ରେଞ୍ଚ୍ ଗୁଜରାଟର ଅହମଦାବାଦରୁ ଅଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ଡିସେମ୍ବର ୧୦ରେ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ନୂଆ ପାର୍ଲାମେଣ୍ଟ ଭବନର ଶିଳାନ୍ୟାସ କରିବା ପରେ ୨୦୨୧ ପ୍ରଥମ ଭାଗରୁ କାର୍ଯ୍ୟ ଆରମ୍ଭ ହୋଇଥିଲା।



ଲୋକ ସଭା କକ୍ଷରେ ବାଚସ୍ପତି ଓମ୍ ବିର୍ଲାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା।

## 'ଭବନ ନୁହେଁ, ଲୋକଙ୍କ ଦ୍ୱାରା ଗଣତନ୍ତ୍ର ଚାଲେ'

ନୂଆଦିଲ୍ଲୀ, ୨୮।୫



ମଲ୍ଲିକାର୍ଜୁନ ଖାର୍ଗେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନୂତନ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଉତ୍ସବକୁ କଂଗ୍ରେସ ସମେତ ୨୧ ବିରୋଧୀ ଦଳ ବର୍ଜନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉଦ୍‌ଘାଟନରୁ ବାଦ୍ ଦିଆଯିବା ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଭବନ ଦ୍ୱାରା ନୁହେଁ, ବରଂ ଲୋକମାନଙ୍କ ଦ୍ୱାରା ଗଣତନ୍ତ୍ର ଚାଲିଥାଏ ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କଠାରୁ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଅଧିକାର ଛଡ଼ାଇ ନିଆଗଲା ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି।

ଉଦ୍‌ଘାଟନକୁ ମୋଦି ରାଜ୍ୟାଭିଷେକ ବିବେଚନା କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ପାର୍ଲାମେଣ୍ଟ ଜନସାଧାରଣଙ୍କ ସ୍ୱର ବୋଲି ସେ କହିଛନ୍ତି। ଏକଛତ୍ରବାଦୀ ପ୍ରଧାନମନ୍ତ୍ରୀ ସଂସଦୀୟ ପ୍ରକ୍ରିୟାକୁ ଘୃଣା କରିଥାନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିବା ସହ ରାଷ୍ଟ୍ରପତି ମୁର୍ମୁଙ୍କୁ ଉଦ୍‌ଘାଟନ ଉତ୍ସବକୁ ଡକା ନ ଯିବା ନେଇ ଭାଜପାକୁ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନରେ ବିଭିନ୍ନ ରୀତିନୀତି ସମ୍ପନ୍ନ ହେବାରୁ ଯାହା ଜଣାପଡୁଛି, ଦେଶ ବହୁ ଦଶନ୍ଧି ପଛକୁ ଫେରାଇ ନିଆଯାଇଛି ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି। ସେହିପରି ବାମଦଳଗୁଡ଼ିକ ଉଦ୍‌ଘାଟନ ଉତ୍ସବକୁ ରାଜ୍ୟାଭିଷେକ ସହ ତୁଳନା କରିଛନ୍ତି। ଏହା ଦ୍ୱାରା ଦେଶର ଜନସାଧାରଣଙ୍କୁ ପ୍ରଜା ଭାବେ ପଦାବନତ କରାଯାଇଥିବା ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ବିରୋଧୀ ଦଳ ଅନୁପସ୍ଥିତିରେ ନୂଆ ଭାରତ ଘୋଷଣା କରାଯାଇଛି। ନୂଆ ଭାରତ ରାଜା ଓ ପ୍ରଜାର ଭାରତ ବୋଲି ୟେଚୁରୀ କହିଛନ୍ତି।

## ସଂସଦ ଭବନ ସ୍ଥାପତ୍ୟକୁ କଫିନ୍ ସହ ତୁଳନା କଲା ଆର୍‌ଜେଡି

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନୂଆ ପାର୍ଲାମେଣ୍ଟ ଭବନର ସ୍ଥାପତ୍ୟକୁ କଫିନ୍ ସହ ତୁଳନା କରିବା ପରେ ଭାଜପା ଏହାର କଡ଼ା ସମାଲୋଚନା କରିଛି। ୨୦୨୪ ଲୋକ ସଭା ନିର୍ବାଚନରେ ବିହାର ଜନସାଧାରଣ ଆରଜେଡିକୁ ସମାଧି ଦେଇଦେବେ ବୋଲି ଭାଜପା କହିଛି। ଆର୍‌ଜେଡି ପକ୍ଷରୁ କଫିନ୍ ଏବଂ ନୂଆ ପାର୍ଲାମେଣ୍ଟ ବିଲ୍ଡିଂର ଫଟୋ ପାଖାପାଖି ଥରଖି ଟୁଇଟ୍ କରାଯାଇଥିଲା। ପ୍ରଥମ ଫଟୋ ଆର୍‌ଜେଡିର ଭବିଷ୍ୟତ ଏବଂ ଦ୍ୱିତୀୟଟି ଭାରତର ଭବିଷ୍ୟତ ବୋଲି ବିହାର ଭାଜପା ଶାଖା ପକ୍ଷରୁ ଟୁଇଟ୍ କରାଯାଇଛି।

## ଏର୍ଡୋଗାନ୍ ଆଗରେ



ଆଙ୍କାରା, ୨୮।୫

ତୁର୍କୀ ସାଧାରଣ ନିର୍ବାଚନ ଫଳାଫଳ ରାଷ୍ଟ୍ରପତି ରେସେପ ତୈୟିପ୍ ଏର୍ଡୋଗାନ୍‌ଙ୍କ ସପକ୍ଷରେ ଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ୯୬% ଭୋଟ ଗଣତି ହୋଇଥିବାବେଳେ ଏର୍ଡୋଗାନ୍‌ଙ୍କୁ ୫୨.୩% ଏବଂ ତାଙ୍କ ସେକ୍ୟୁଲାର ଚ୍ୟାଲେଞ୍ଜର କେମାଲ କିଲିକ୍‌ଡାରୋଗ୍ଲୁଙ୍କୁ ୪୭.୭% ଭୋଟ ମିଳିଥିବା ଜଣାପଡ଼ିଛି। ତୁର୍କୀ ୟୁରୋପ, ଏସିଆ ସମେତ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଥିବାରୁ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଏର୍ଡୋଗାନ୍‌ଙ୍କ ବିଜୟ ବିଶେଷ ଗୁରୁତ୍ୱ ବହନ କରେ। ଦୀର୍ଘ ୨୦ ବର୍ଷ ଧରି କ୍ଷମତାରେ ରହିଆସିଥିବା ଏର୍ଡୋଗାନ୍ ଆଉ ୫ ବର୍ଷ ତୁର୍କୀକୁ ଶାସନ କରିବା ଆପାତତଃ ନିଶ୍ଚିତ ହୋଇଛି। ଏଥିଲାଗି ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଡେଟ୍ ସିଲିଂ ବୃଦ୍ଧି ପାଇଁ ସହମତି

ୱାଶିଂଟନ୍, ୨୮।୫



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ହାଉସ୍ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି।

ବାହ୍ୟ ଋଣ ବୋଝରେ ନଇଁ ପଡ଼ିଥିବା ଆମେରିକା ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣି ଖିଲାପି ଅବସ୍ଥା ଏଡ଼ାଇବା ପାଇଁ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ ରିପବ୍ଲିକ୍ ବିରୋଧୀମାନେ ରବିବାର ଡେଟ୍ ସିଲିଂ ବୃଦ୍ଧି କରିବା ସକାଶେ ସହମତି ପ୍ରକାଶ କରିଛନ୍ତି। ବାଇଡେନ୍ ଏହାକୁ ଏକ 'କମ୍ପ୍ରମାଇଜ୍' ଭାବେ ଅଭିହିତ କରିଥିବାବେଳେ ହାଉସ୍ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି କହିଛନ୍ତି, ଆମେରିକାବାସୀଙ୍କ ପାଇଁ ଏହା ଏକ ଯୋଗ୍ୟ ଡିଲ୍। ଅନେକ ସପ୍ତାହ ଧରି ତିକ୍ତତାପୂର୍ଣ୍ଣ ଆଲୋଚନା ପରେ ବର୍ତ୍ତମାନ ବିଭାଜିତ କଂଗ୍ରେସ ଡିଲ୍‌କୁ ଅନୁମୋଦନ କରିବା ଜରୁରୀ। କାରଣ ଡିଲ୍ ସମ୍ପନ୍ନ ହୋଇ ନ ପାରିଲେ ଜୁନ୍ ୫ ସୁଦ୍ଧା ଆମେରିକା ନିଜ ସରକାରୀ ଷ୍ଟାଫ୍‌ଙ୍କୁ ଦରମା ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ ଦେଇପାରିବ ନାହିଁ ବୋଲି ଟ୍ରେଜେରି ପକ୍ଷରୁ ସତର୍କ କରାଯାଇଛି। ପୂର୍ବରୁ ଏହି ଡେଡ୍‌ଲାଇନ୍ ରହିଥିଲା ଜୁନ୍ ୧।

ଆମେରିକାରେ ସଂଗୃହୀତ ଟିକସଠାରୁ ଖର୍ଚ୍ଚ ଅଧିକ ହେଉଥିବାରୁ ସରକାର ଚଳାଇବା ପାଇଁ ଅର୍ଥ ଋଣ କରିବାକୁ ପଡ଼ିବ। ରିପବ୍ଲିକାନ୍‌ମାନେ ୩୧.୪ ଟ୍ରିଲିୟନ୍ ଡେଟ୍ ସୀମାକୁ ବୃଦ୍ଧି କରିବା ବଦଳରେ ଶିକ୍ଷା ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମଗୁଡ଼ିକରେ ଖର୍ଚ୍ଚ କାଟ୍ କରାଯାଉ ବୋଲି ଦାବି କରୁଛନ୍ତି। ଡିଲ୍‌ର ବିସ୍ତୃତ ବିବରଣୀ ଆନୁଷ୍ଠାନିକ ଭାବେ ଜାରି କରାଯାଇନାହିଁ। କିନ୍ତୁ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ସରକାରଙ୍କ ଅଣପ୍ରତିରକ୍ଷା ବ୍ୟୟରେ ୨ ବର୍ଷ ପର୍ଯ୍ୟନ୍ତ କିଛି ପରିବର୍ତ୍ତନ ଅଣାଯିବ ନାହିଁ। ୨୦୨୫ରେ ଏଥିରେ ୧% ବୃଦ୍ଧି କରାଯିବ। ସ୍ୱଳ୍ପ ଆୟକାରୀ ଲୋକଙ୍କୁ ଖାଦ୍ୟ କିଣିବା ପାଇଁ ସହାୟତା ପ୍ରଦାନକାରୀ ସରକାରୀ ଯୋଜନାରେ ମଧ୍ୟ କେତେ ପରିବର୍ତ୍ତନ ଅଣାଯିବ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ରାଷ୍ଟ୍ରପତି ବାଇଡେନ୍ ଏକ ବିବୃତିରେ କହିଛନ୍ତି, ଉକ୍ତ ଚୁକ୍ତିନାମା ଏକ ସାଲିସ, ଯାହାକି ଦେଶ ପାଇଁ ଶୁଭଙ୍କର। କାରଣ ଏହାଦ୍ୱାରା ବିପଦପୂର୍ଣ୍ଣ ଖିଲାପିରୁ ସୃଷ୍ଟି ହେବାକୁ ଯାଉଥିବା ଆର୍ଥିକ ମାନ୍ଦାବସ୍ଥା, ରିଟାୟାରମେଣ୍ଟ ଆକାଉଣ୍ଟଗୁଡ଼ିକର ବିପର୍ଯ୍ୟୟ ଓ ଅନେକ ଲକ୍ଷ ନିଯୁକ୍ତି ଛଟେଇକୁ ଏଡ଼ାଯାଇପାରିବ। ହାଉସ୍ ସ୍ପିକର ମ୍ୟାକ୍‌କାର୍ଥି କହିଛନ୍ତି, ଖର୍ଚ୍ଚରେ ଐତିହାସିକ ହ୍ରାସ ଓ ସଂସ୍କାର ଲୋକଙ୍କୁ ଦାରିଦ୍ର୍ୟରୁ ଶ୍ରମଶକ୍ତିକୁ ଉଠାଇବ। ନୂଆ ଟିକସ କିମ୍ବା ସରକାରଙ୍କ ନୂଆ କାର୍ଯ୍ୟକ୍ରମ ରହିବ ନାହିଁ। ବୁଧବାର କଂଗ୍ରେସରେ ଏହା ଉପରେ ଭୋଟ କରାଯିବ। ଜୁନ୍ ୫ ପୂର୍ବରୁ ଡିଲ୍‌କୁ କଂଗ୍ରେସ ଅନୁମୋଦନ ନ କଲେ ଆର୍ଥିକ ବଜାର ଦୋହଲିଯିବ। ଆମେରିକା ରିସେସନ୍ ଭିତରକୁ ଚାଲିଯିବ। ୪୩୫ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ବିରୋଧୀ ରିପବ୍ଲିକାନ୍ସଙ୍କ ସଂଖ୍ୟା ୨୨୨ ଏବଂ ଶାସକ ଡେମୋକ୍ରାଟ୍ସଙ୍କ ସଂଖ୍ୟା ୨୧୩। ସେହିପରି ଉଚ୍ଚ ସଦନ ସିନେଟ୍‌ର ମୋଟ ୧୦୦ ଆସନ ମଧ୍ୟରୁ ଡେମୋକ୍ରାଟ୍ସଙ୍କ ଦଖଲରେ ୫୧ ଆସନ ଥିବାବେଳେ ରିପବ୍ଲିକାନ୍ସଙ୍କ ଦଖଲରେ ୪୯ ରହିଛି। ତେଣୁ ଏହି ଡିଲ୍ ସମ୍ପର୍କିତ ବିଲ୍ ପାରିତ ହେବା ପାଇଁ ଉଭୟ ଶାସକ ଓ ବିରୋଧୀଙ୍କ ସମର୍ଥନ ଜରୁରୀ। ଆଇନରେ ପରିଣତ କରିବା ପୂର୍ବରୁ ହାଉସ୍ ମେମ୍ବରମାନେ ୭୨ ଘଣ୍ଟା ଭିତରେ ଏହାକୁ ଭଲ ଭାବେ ପଢ଼ନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ରୂପସା,(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ଦୁବୁଲାଗଡ଼ି ଗାଁରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମର ହରେନ୍ଦ୍ର ଦାସଙ୍କ ପୁଅ ଜଗବନ୍ଧୁ ଶନିବାର ରାତିରେ ଘରଠାରୁ ପ୍ରାୟ ୨୦ ମିଟର ଦୂରରେ ଏକ ଝାଉଁ ଗଛରେ ବେକରେ ଦଉଡ଼ି ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରବିବାର ମୃତଦେହକୁ ଜବତ କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୪/୨୩)ରେ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ହୋଇଛି। ପୋଲିସ ତଦନ୍ତ ଜାରି ରହିଛି।



## ସଂକ୍ଷେପରେ

### ୨ ଶିକାରୀ ଗିରଫ, ୩ ବନ୍ଧୁକ ଜବତ

ଉଦଳା,୨୮।୫(ଡି.ଏନ.ଏ.)- ଉଦଳା ପୋଲିସ୍ ଏବଂ ବନବିଭାଗ ରବିବାର ଭୋର ସମୟରେ ମିଳିତ ଭାବେ ଶିମିଳିପାଳର ଫୁଲବାଡିଆ ଅଞ୍ଚଳରେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀ ଦ୍ୱୟ ହେଲେ ଶିବ ସିଂ ଏବଂ ବାସୁଦେବ ସିଂ। ସେମାନଙ୍କଠାରୁ ୩ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ, ଫାଶ, ଧନୁ ଓ ତୀର ପ୍ରଭୃତି ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟର ଗୋଟିଏ ଭଙ୍ଗା ଦେଶୀ ବନ୍ଧୁକ ମଧ୍ୟ ରହିଛି। ଦୁଇ ଦିନ ପୂର୍ବେ ବନବିଭାଗ କପ୍ତିପଦା ରେଞ୍ଜ ଅଞ୍ଚଳରେ ଚଢ଼ାଉ କରି ୬ ଶିକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୪ ବନ୍ଧୁକ, ବଜ୍ରକାପ୍ତା କାତି ସହିତ ବନ୍ୟପ୍ରାଣୀ ମାଂସ ଜବତ ହୋଇଥିଲା। ଶିମିଳିପାଳରେ ଶିକାରୀ ଗୁଳିରେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟଣା ପରେ ବନବିଭାଗ ଏବଂ ପୋଲିସ୍ ଶିକାରୀଙ୍କୁ ଧରିବାରେ ତତ୍ପରତା ପ୍ରକାଶ କରିଥିବା ଦେଖିବାକୁ ମିଳିଛି।

### ଫାଇନାନ୍ସ କମ୍ପାନୀ ଅଧିକାରୀଙ୍କଠାରୁ ଲୁଟ ଘଟଣା, ୩ ଗିରଫ

ବୈଶିଙ୍ଗା,୨୮।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବନ୍ଧୁକ ଦେଖାଇ ଫାଇନାନ୍ସ କମ୍ପାନୀ ଅଧିକାରୀମାନଙ୍କଠାରୁ ୧ଲକ୍ଷ ୯୦ ହଜାର ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ବିଭିନ୍ନ ଛକ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ଆଧାରରେ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ କଳମା ପଞ୍ଚାୟତର ଚଷାଖଣ୍ଡ ଗ୍ରାମରେ ଚଢ଼ାଉ କରି ସମ୍ପୃକ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେଖ ମହିମୁଦ୍ଦିନ ଓରଫ ଟୁଙ୍ଗୁରୁ, ସେଖ ସୋବାନୀ ଓରଫ ଜୁଲୁ ଓ ସେଖ ସେମିରୁଦ୍ଦିନ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ.୨୧୦/୨୩) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଲୁଟ ହୋଇଥିବା ଟଙ୍କା ଜବତ କରାଯାଇ ପାରିନାହିଁ।

### ଗାଦିଗୋସେଇଁ ପୀଠରେ ରଜ ଉତ୍ସବ ପ୍ରସ୍ତୁତି

କୋଡ଼ପଡ଼ା,୨୮।୫(ଡି.ଏନ୍.ଏ.): ଆନନ୍ଦପୁର ଉପଖଣ୍ଡ ୭ ନଂ. ୱାର୍ଡ ମାଳିସାହି ଅଞ୍ଚଳର ଗାଦିଗୋସେଇଁ ଅନୁଷ୍ଠାନ ପକ୍ଷରୁ ରବିବାର ରଜ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ମଠବାଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଉତ୍ସବ ମଠବାଡ଼ିଠାରେ ଆୟୋଜନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଉପଖଣ୍ଡର ବିଭିନ୍ନ ନୃତ୍ୟ ଅନୁଷ୍ଠାନକୁ ନେଇ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବାକୁ ଥିବାବେଳେ, ୧୬ ତାରିଖ ଶେଷ ଦିନରେ କଟକର ପ୍ରତିଷ୍ଠିତ ମେଲୋଡି ଦଳଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସୂଚନା ମିଳିଛି। ବୈଠକରେ କମିଟିର ସଦସ୍ୟ ସିକୁଲ ଦାସ, ମିକୁଲ ଦାସ, ରାମହରି ରଣା, ରାଜା ରଣା, ଫୁକୁଲୁ ଦାସ, ଟୁକୁଲୁ ଦାସ, ବାପି ଦାସ, ଜଗା ରଣା, ବାୟା ରଣା, ଆଶୁତୋଷ ରଣା, ଟୁଲୁ ରଣା, ଲିଟୁ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିନା ନିର୍ଦ୍ଦେଶନାମାରେ ଲୁଟୁଛନ୍ତି ଶାରୀଶୁଆ ପାହାଡ଼

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୨୮।୫

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ର ଅଧୀନ ଶାରୀଶୁଆ ପାହାଡରେ ଥିବା ପଥର ଖଣିଗୁଡିକ କାର୍ଯ୍ୟକ୍ଷମ ପାଇଁ ରାଜସ୍ୱ ଏବଂ ଇସ୍ପାତ, ଖଣି ବିଭାଗ ତରଫରୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଲୁଟେରାମାନେ ଦିନରାତି ଏକ କରି ଟ୍ରିପ ଟ୍ରିପ ପଥର ବିଭିନ୍ନ କ୍ରଶର ତଥା ଜିଲା ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଆଇନ ଅନୁସାରେ ଶ୍ରମିକ ନିଯୁକ୍ତି, ହାତୀ ଚଲାପଥ, ରାଜସ୍ୱ ଆମଦାନୀ ଆଦିକୁ ଦୃଷ୍ଟି ଦେଇ ଖଣି ଚଲାଇବାକୁ ଅନୁମତି ଦେବାକୁ ଗୁଆପାଳ, କଦଳୀଗଡିଆ, ବଗେଇପୁର, ଗଗୁଆ ଓ ଭୁଦେଇଶୁଳ ଆଦି ଗ୍ରାମର ଅଧିବାସୀ ଦାବି କରିଛନ୍ତି।

୨୦୧୭ରେ ପାହାଡରେ ଥିବା ୧୦୭ ଖଣି ମଧ୍ୟରୁ ଜୈବ ସମ୍ବେଦନକ୍ଷେତ୍ର ମଧ୍ୟରେ ଆସୁଥିବା ୧୦ଟି ଖଣିକୁ ବାଦ୍ ଦିଆଯାଇ ୯୭ ଖଣିକୁ ୫ବର୍ଷିଆ ନିଲାମ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୫୧ଟି ଖଣି


ଶାରୀଶୁଆ ପାହାଡରେ ଖଣି ଚୋରି।

ନିଲାମ ପ୍ରକ୍ରିୟାରେ ଭାଗ ନେଇଥିବା ବେଳେ ୪୬ଜଣ ସର୍ତ୍ତ ପୂରଣ କରି ନ ଥିଲେ । ଏହି ଖଣି ନିଲାମଧାରୀମାନେ ୨ବର୍ଷ ୪ମାସ ବ୍ୟବହାର ଚଳାଇଥିବା ବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ରାୟ ପରେ ହାତୀ ଚଲାପଥ ଓ ପରିବେଶ ସୁରକ୍ଷା ଆଦି ବିଷୟ ଉପରେ ରାଜ୍ୟ ସରକାରଙ୍କ ନିକଟରୁ ଜାଣିବାକୁ ଚାହିଁଥିଲେ ଓ ଖଣି ବ୍ୟବହାର ଉପରେ କଟକଣା ଲଗାଇଥିଲେ। ଏହାସହିତ ସମସ୍ତ ଖଣିରେ ୧୪୪ ଧାରା ଲାଗୁ ହୋଇଥିଲା। ଏବେ କିଛି ବର୍ଷ ଖଣି ବ୍ୟବହାର କରିଥିବା ଏବଂ ନିଲାମ ପାଇଁ ଅନୁମତି ପାଇଥିବା ବ୍ୟକ୍ତିମାନେ ଅଦାଲତରେ ଆଶ୍ରୟ ନେବା ଏବଂ ରାୟ ଆସିବା ପରେ ପୁଣି ଥରେ ଖଣି ଚଲାଇବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ଏଥର ଚିଠି ନମ୍ବର ୦୭୪୧ତା୧୪/୧୧/୨୨ରିଖରେ ଦିଆଯାଇଥିବା ବିଜ୍ଞପ୍ତିରେ ଲଘୁ ଖଣିଜ ପଦାର୍ଥର ପରିଚାଳନା ଦାୟିତ୍ୱ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିଲା।} ଯେଉଁ ଜିଲାରେ ଖଣି ଅଧିକାରୀ ନିଯୁକ୍ତ ଥିବେ ସେଠାରେ ତାଙ୍କୁ ଏହାର ପରିଚାଳନା

### ପୁଣି ମାତିଲେ ଖଣି ଲୁଟେରା

ଦାୟିତ୍ୱ ପ୍ରଦାନ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା । ଯଦି କୌଣସି ଜିଲାରେ ଖଣି ଅଧିକାରୀ ନାହାନ୍ତି ତେବେ ଅଧିକାରୀ ନିଯୁକ୍ତି ପର୍ଯ୍ୟନ୍ତ ସମସ୍ତ ଖଣି ଜିଲାପାଳ, ବନ ସଂରକ୍ଷକ, ରାଜସ୍ୱ ବିଭାଗ ଅଧିକାରୀ ଏହାର ତଦାରଖ କରିବାକୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ବାଲେଶ୍ୱର ଜିଲାରେ କୌଣସି ଖଣି ଅଧିକାରୀ ନିଯୁକ୍ତ ହୋଇ ନ ଥିବା ବେଳେ ଖଣି ଲୁଟେରାମାନେ ଖଣି ଚଲାଇବାକୁ ଅନୁମତି ମିଳିଥିବା ଏକ ଗୁଜବ ସୃଷ୍ଟି କରି ରୀତିମତ ଚୋରି କାର୍ଯ୍ୟରେ ଲାଗି ପଡିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ପଚାରିବାରେ କେବଳ ପ୍ରସ୍ତୁତି ଚାଲିଛି ହେଲେ ଖଣି ଚଳାଇବାକୁ କୌଣସି ଚିଠି ତାଙ୍କ ପାଖରେ ନାହିଁ। ଖଣିଚୋରି ସମ୍ପର୍କରେ ଖବର ପାଇ ରାତିରେ ପାହାଡରେ ପହଞ୍ଚିବା ପୂର୍ବରୁ ଆଗୁଆ ସୂଚନା ପାଇ ଖଣି ଚୋରମାନେ ଖସି ପଳାଉଥିବା ସେ କହିଛନ୍ତି ।

# ସିପିଆଇର ସଚେତନତା ପଦଯାତ୍ରା



ପଦଯାତ୍ରାରେ ବାହାରିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତା ଓ କର୍ମକର୍ତ୍ତା।

ଯୋଡ଼ା,୨୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରବିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କେନ୍ଦୁଝର ପରିଷଦ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାଙ୍କ ଜନ ବିରୋଧୀ ନୀତି ବିରୋଧରେ ଏକ ଜନସଚେତନତା ପଦଯାତ୍ରା କରାଯାଇଥିଲା। ସକାଳ ୮ ଘଟିକା ସମୟରେ ଯୋଡ଼ା ସହରସ୍ଥିତ ଧରଣୀଧର ଛକ ନିକଟରୁ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ସିପିଆଇର ସହ ସମ୍ପାଦକ କପିଳ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇ ଧାନର ସହାୟକ ମୂଲ୍ୟ ୩୫୦୦ ଟଙ୍କାକୁ ବୃଦ୍ଧି କରିବା, ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କା କରିବା, ସ୍ଥାନୀୟ ଖଣି ଓ ଶିଳ୍ପରେ ଖଣି ଓ ଶିଳ୍ପ ଦ୍ୱାରା ପ୍ରଭାବିତ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେବା, କେନ୍ଦ୍ରୀୟ ଡାକ୍ତରଖାନାକୁ ନବୀକରଣ କରାଯାଇ ଅତ୍ୟାଧୁନିକ ଯନ୍ତ୍ରପାତି ସହିତ ଆବଶ୍ୟକ ହେଉଥିବା ଡାକ୍ତର, ନର୍ସଙ୍କୁ ନିଯୁକ୍ତି ଦେବା, ବଢୁଥିବା ବଜାରଦରକୁ ନିୟନ୍ତ୍ରଣରେ ରଖିବା ପ୍ରଭୃତି ଦାବିକୁ ସରକାରଙ୍କ ନିକଟରେ ପହଞ୍ଚାଇବା ସହ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇ ଦାବି ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ସିପିଆଇର ଜିଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ସହ ସମ୍ପାଦକ କପିଳ ମହାନ୍ତି, ଶ୍ରୀହରି ଘଣା, କାହ୍ନୁଚରଣ ସାମଲ, ବାଗ୍ରା ଚାତର, ମହମ୍ମଦ ମହଜମା, ହୃଦାନନ୍ଦ ପ୍ରଧାନ, ଦଶମା ମୁଣ୍ଡା, ପୁରୁଷୋତ୍ତମ ମହାନ୍ତି, ସୀତାକାନ୍ତ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ ସକ୍ରିୟ ସଦସ୍ୟ ଓ କର୍ମୀ ଉପସ୍ଥିତ ଥିଲେ। ବିଭିନ୍ନ ଦାବି ନେଇ ପୂର୍ବରୁ ଜଜାଙ୍ଗ, ଝୁରୁଡ଼ି ଅଞ୍ଚଳରେ ପଦଯାତ୍ରା ହୋଇଥିଲା।

### ଗୋରୁ ବୋଝେଇ ଟ୍ରକ୍ ଜବତ, ୧୮ ଗୋରୁ ଉଦ୍ଧାର

ବସ୍ତା, ୨୮।୫(ଡି.ଏନ.ଏ.)

୬୦ ନଂ. ଜାତୀୟ ରାଜପଥରେ ଅବାଧରେ ଚାଲିଛି ଗୋରୁ ଚୋରାଚାଲାଣ। ପ୍ରତ୍ୟେକ ଦିନ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ହଜାର ହଜାର ଗୋରୁ। ମାତ୍ର ପୋଲିସ ସାଜିଛି ନୀରବଦ୍ରଷ୍ଟା। ଶନିବାର ରାତିରେ ବସ୍ତା ଥାନା ଅଧୀନ ୬୦ ନଂ. ଜାତୀୟ ରାଜପଥ ଗୁଡ଼ିଖାଳ ବାଘାବଜାର ଛକ ନିକଟରୁ ସ୍ଥାନୀୟ ଲୋକେ ଏକ ଗୋରୁ ବୋଝେଇ ଟ୍ରକ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ବାଲେଶ୍ୱର ଆଡୁ ଏକ ଟ୍ରକ (ନଂ. ଡବ୍ଲ୍ୟୁବି ୩୩ବି-୨୦୭୧)ରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ବାଗା ବଜାର ଛକ ନିକଟରେ ସ୍ଥାନୀୟ ଲୋକେ ଟ୍ରକ୍‌କୁ ଅଟକ ରଖି ବସ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହିତ ସେଥିରୁ ୧୮ଟି ଗୋରୁ ଉଦ୍ଧାର କରିଛି। ଉଦ୍ଧାର ଗୋରୁଗୁଡିକୁ ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇ ଦେଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ପୁପୁନ୍


@ଶୁଭକାନ୍ତ


@ରାଜେଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

### ଜୁନ୍ ୧ରୁ ଅମଲାଙ୍କ ସମୂହ ଛୁଟି ନିଷ୍ପତ୍ତି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅମଲା ସଂଘ ସଦସ୍ୟମାନେ।

କେନ୍ଦୁଝର,୨୮।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସ୍ନାତକ ଯୋଗ୍ୟତା ଭିତ୍ତିକ ମୂଳ ଦରମା (ଗ୍ରେଡ୍ ପେ ୪୨୦୦-ଲେବଲ ୯) ଦାବି ପୂରଣ ନେଇ ଅମଲା ସଂଘ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ୩୧ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ଜୁନ୍ ୧ରୁ ଅମଲାମାନେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ହୋଇଛି। କେନ୍ଦୁଝର ଶାଖା ପକ୍ଷରୁ ସ୍ଥାନୀୟ କର୍ମଚାରୀ ସଂସ୍କୃତି କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଆବାହକ ପ୍ରସନ୍ନ କୁମାର ବେହେରା କହିଛନ୍ତି। ରାଜ୍ୟର ୪ ଅମଲା ସଂଘକୁ ନେଇ ମିଳିତ ଅମଲା ମଞ୍ଚ ଗଠନ କରାଯାଇ ଦାବି ଉପସ୍ଥାପନ କରିଆସୁଛନ୍ତି। ଦାବି ପୂରଣ ନ ହେଲେ ଜିଲାର ପ୍ରାୟ ୮୦୦ ଅମଲା ସମୂହ ଛୁଟିରେ ଯିବା ସହ ବାହାରେ ପ୍ରତିବାଦ ଜାରି କରିବେ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମିଳିତ ମଞ୍ଚ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ରଣା, ଜିତେନ୍ଦ୍ର ମହାପାତ୍ର, ପୀତବାସ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣିଗାରେଡିରୁ ଉତ୍ତେଜନା ଘଟଣା: ୩ମାସ ପରେ ୪ ଗିରଫ

ବାହାନଗା, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ୧୧ନମ୍ବର ୱାର୍ଡରେ ଗୁଣିଗାରେଡି ସନ୍ଦେହରେ ଗତ ଫେବୃୟାରୀ ୧୪ତାରିଖରେ ଗଣ୍ଡଗୋଳ ହୋଇଥିଲା। ସେହି ଘଟଣାର ୩ ମାସ ପରେ ସୋର ଥାନା ପୋଲିସ ରବିବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ସୋର ଥାନାରେ ଏକ ମାମଲା(ନଂ.୧୬୪/୨୩) ରୁଜୁ କରାଯାଇଥିଲା। ଗୁଣିଗାରେଡି ନେଇ ଗ୍ରାମବାସୀ ଓ ପୋଲିସ୍ ମୁହାଁମୁହିଁ ହୋଇଥିଲେ। ପରେ ସୋର ଥାନା ଅଧିକାରୀ ସୁଜାତା ଖମାରୀ ଗ୍ରାମରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଖରାସାହାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାଳିକ ଏବଂ ତାଙ୍କ ସ୍ତ୍ରୀ ଜାନକୀ ମହାଳିକ ଦୀର୍ଘଦିନ ଧରି ଗୁଣିଗାରେଡି କରୁଥିବା ନେଇ ଲୋକେ ସନ୍ଦେହ କରିଥିଲେ। ଭରତ ମହାଳିକ (୨୯) ଦେହ ଅସୁସ୍ଥ ହେବା ସହିତ ଭଲ ନ ହେବାରୁ ଲୋକମାନେ ଜାନକୀଙ୍କ ଉପରେ ସନ୍ଦେହ କରି ଫେବୃୟାରୀ ୧୪ତାରିଖରେ ତାଙ୍କ ଘର ଭିତରେ ପଶି ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସୋର ଥାନାରେ ଜାନକୀ ମହାଳିକ ଗ୍ରାମର କିଛି ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସୋର ଥାନା ପୋଲିସ୍ ପ୍ରଥମ ପର୍ଯ୍ୟାୟରେ ଗ୍ରାମର ବାପି ମହାଳିକ୯(୨୭), ଲିଟୁ ମହାଳିକ(୪୦), ଶଙ୍କର ମହାଳିକ(୨୩), ଗୌତମ ମହାଳିକ (୩୬)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅସୁସ୍ଥ ଯୁବକ ଭରତ ମହାଳିକ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସା ହେବା ପରେ ସୁସ୍ଥ ହୋଇଛି । ତେବେ ଜଣେ ମହିଳାଙ୍କୁ ଗୁଣିଗାରେଡି କରିଥିବା ସନ୍ଦେହ କରି ଗଣ୍ଡଗୋଳ କରି ଭଙ୍ଗାରୁଜା କରିବା ଘଟଣା ବାବଦରେ ପୋଲିସ୍ ଏବେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି ।

### ପାଲାଗାୟକ ସଂଘ ସଭାପତିଙ୍କ ପରଲୋକ

ବାରିକପୁର,୨୮।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପାଲାଗାୟକ ସଂଘର ସଭାପତି ଯୋଗେନ୍ଦ୍ର ସେନାପତି(୬୨)ଙ୍କ ରବିବାର ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଘର ରାଜେନ୍ଦ୍ରପୁର ପଞ୍ଚାୟତର ଦେ ପଦା ଗ୍ରାମରେ। ସେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପାଲାଗାୟକ ଭାବେ ପରିଚିତ ଥିଲେ। ଅପରାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ସେ ଟଳି ପଡ଼ିଥିଲେ। ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭଦ୍ରକ କଲେଜରୁ ଚୋରି

**ଭଦ୍ରକ ଅଫିସ, ୨୮।୫:** ଭଦ୍ରକ କଲେଜରୁ ଫ୍ୟାନ ଓ ଟ୍ୟୁବ୍‌ୱେଲ ଚୋରି ହୋଇଥିବା ନେଇ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୫ ତାରିଖ ରାତିରେ ରୁମ୍ ନଂ ୧, ୨, ୩, ୯, ୧୦ ଓ ୧୧ରୁ ୧୦ଟି ସିଲିଂ ଫ୍ୟାନ, ଗଣିତ ଓ ଉଦ୍ଭିଦ ବିଜ୍ଞାନ ବିଭାଗରୁ ଗୋଟିଏ ଲେଖାଏ ମୋଟ ୨ଟି ଟ୍ୟୁବ୍‌ୱେଲ ଚୋରି ହୋଇଛି। ୨୬ ତାରିଖ ସକାଳେ ରାତ୍ରଜଗୁଆଳିଙ୍କଠାରୁ ଖବର ପାଇବା ପରେ ଅଧ୍ୟକ୍ଷ ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସମ୍ପାଦକ,ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ

ବାରିପଦା ଅଫିସ,୨୮।୫

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇ ଦିନିଆ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବୋତ୍ତର ସମ୍ଭାଗର ସମ୍ପାଦକ ମୁକ୍ତେଶ୍ୱର ସେଠୀ ଓ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲା ପ୍ରମୁଖ କିରଣ କୁମାର ମହାରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବକ୍ଷେତ୍ରର କାର୍ଯ୍ୟକାରିଣୀ ସଦସ୍ୟା ପ୍ରଭାତୀ ସାହୁ ଯୋଗଦେଇ ନିଜର ଲକ୍ଷ୍ୟ ପଥକୁ ଆଗେଇ ନେବା ସହିତ ରାଷ୍ଟ୍ରର ବିକାଶ ଦିଗରେ ଚିନ୍ତନ ମନ୍ଥନର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ଦିବଙ୍ଗତ କାର୍ଯ୍ୟକର୍ତ୍ତାମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମାତୃ ଭାରତୀର ମା'ମାନେ ଦେଶ ପ୍ରେମ ସଙ୍ଗୀତ ପରିବେଷଣ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବାଲେଶ୍ୱର ଜିଲା ସହ ନୀରିକ୍ଷକ ଯୁବରାଜ କୁଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲା ଅଧୀନ ୫୨ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଶ୍ରୀ ଭାରତୀ କୃଷ୍ଣ ଗଣିତ ମେଧାବୃତ୍ତି ଓ ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବାଲେଶ୍ୱର ବିଭାଗର ୨୦ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ନୀଳାଦ୍ରି ବିହାରୀ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ବାହାଘର ପୂର୍ବରୁ ଜଳିଗଲା ଘର

ଭଣ୍ଡାରିପୋଖରୀ, ୨୮।୫(ସ୍ୱ.ପ୍ର.)

ରବିବାର ଥିଲା ପୁଅ ବାହାଘର। ଏଥିପାଇଁ ଜିନିଷପତ୍ର ସହ ବନ୍ଧୁବାନ୍ଧବରେ ଘର ଉଚ୍ଛୁଳି ଉଠିଥିଲା। ହେଲେ ମାଙ୍ଗଳିକ କାର୍ଯ୍ୟର କିଛି ଘଣ୍ଟା ପୂର୍ବରୁ ଶନିବାର ରାତିରେ ବଜ୍ରପାତ ଘଟି ଜଳିଗଲା ୪ ବଖରା ଘର। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନେରଡ଼ା ଗ୍ରାମରେ ଏଭଳି ଘଟଣା ଘଟିଛି। କାଳବୈଶାଖୀର ତାଣ୍ଡବ ଆରମ୍ଭ ହୋଇଥିଲା। ବଜ୍ରପାତ ଘଟି ଗ୍ରାମର ସନାତନ ବେହେରାଙ୍କ ବାସଗୃହରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ୪ବଖରା ପୋଡ଼ି ପାଉଁଶ ହୋଇଯାଇଥିଲା। =ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ଜେନା ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ସହାୟତା ଯୋଗାଇ ଦେଇଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ନିକଟରେ ନିବେଦନ କରିଛନ୍ତି।

## 'ଆତ୍ମବିଶ୍ୱାସ ସଫଳତା ଦିଏ'

### ୩ ଆଇଏଏସ୍, ମାଟ୍ରିକ ମେଧା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ,୨୮।୫

ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ସନ୍ଧ୍ୟାରେ ଜିଲାରେ ଆଇଏଏସ୍ ପାଇଥିବା କସ୍ତୁରୀ ପଣ୍ଡା, ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆ ଓ ରାକେଶ କୁମାର ସାହୁ, ମାଟ୍ରିକ ପରୀକ୍ଷାରେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏ-୧ ଗ୍ରେଡ୍ ପାଇଥିବା ୧୭ ସ୍କୁଲର ୨୨୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ସାଫଲ୍ୟ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଆତ୍ମବିଶ୍ୱାସ ହିଁ ସଫଳତା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୟୁପିଏସ୍‌ସି ଭଳି କଠିନ ପରୀକ୍ଷାରେ କୃତିତ୍ୱ ହାସଲ କରି ୩ଜଣ ଜିଲାର ଗୌରବ ବଢ଼ାଇଛନ୍ତି ବୋଲି କହିଥିଲେ। ଆଇଏଏସ୍ ପାଇଥିବା ଶୁଭାଙ୍ଗୀ ନିଜ ପରିବାରର ଆର୍ଥିକ ସ୍ଥିତି ଖରାପ ଥିବା ସତ୍ତ୍ୱେ ଏହି ସଫଳତା ପାଇବା ପାଇଁ ତାଙ୍କର ସଂଘର୍ଷମୟ ଅନୁଭୂତି ପ୍ରକାଶ କରିଥିଲେ। ୬୭ ର୍‍ୟାଙ୍କ୍ ହାସଲ କରିଥିବା ଧାମନଗରର କସ୍ତୁରୀ ଏହି ସଫଳତା ନିଜ ସହ ପ୍ରତିଯୋଗିତା କରି ହାସଲ କରିଛି ବୋଲି କହିଥିଲେ। ଶୁଭାଙ୍ଗୀଙ୍କ ବାପା ସତ୍ୟନାରାୟଣ ଖୁଣ୍ଟିଆ, କସ୍ତୁରୀଙ୍କ ବାପା ସାରଦା ପଣ୍ଡା ଓ ରାକେଶଙ୍କ ବାପା ଭୀମସେନ ସାହୁ ମଞ୍ଚାସିନ ଥିଲେ। ଏହି ଅବସରରେ ମାଟ୍ରିକରେ ଭଲ ପ୍ରଦର୍ଶନ କରିଥିବା ୧୭ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଆଇଏଏସ୍ ପାଇଥିବା କସ୍ତୁରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପୂର୍ବତନ ମହିଳା ସରପଞ୍ଚଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,(ଡି.ଏନ.ଏ.): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବାଗଡେଗା ଗ୍ରାମର ଜଣେ ପୂର୍ବତନ ମହିଳା ସରପଞ୍ଚ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୀର୍ଥ ସୋରେନ। ସେ ପୂର୍ବରୁ ବିଜାତଳା ବ୍ଲକ ଅଧୀନ ରାଇହରି ଗ୍ରାମ ପଞ୍ଚାୟତର ସରପଞ୍ଚ ଥିଲେ। ଶନିବାର ପିନ୍ଧା ଲୁଗାକୁ ବେକରେ ବାନ୍ଧି ସେ ଝୁଲି ପଡ଼ିଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### କାଣ୍ଡ ପଡ଼ି ବୃଦ୍ଧଙ୍କ ଜୀବନ ଗଲା

ଭଦ୍ରକ ଅଫିସ,୨୮।୫-ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଁଷିଗୋଠ ପଞ୍ଚାୟତ ଟିକିରା ଗ୍ରାମରେ ରବିବାର କାଣ୍ଡ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗ୍ରାମର ଅଲେଖ ଧର୍ମୀ ଅନନ୍ତ ସାହୁ (୬୨)। ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ କାଣ୍ଡ ଭୁଶୁଡ଼ି ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟସାଧନ ବେଜ, କ୍ରୀଷ୍ଣା ମହାନ୍ତି, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ବିଟିପୁର ସରପଞ୍ଚଙ୍କ ପ୍ରତିନିଧି ସପନ ସିଂହ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ରାଇରଙ୍ଗପୁର,୨୮।୫(ଡି.ଏନ.ଏ.)-ବିଶୋଇ ଥାନା ଅଧୀନ ଜାମ୍ବିରଡିହା ଛକ ନିକଟରେ ଶନିବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁନାଯୋଡିଆ ଗ୍ରାମର ମନୋଜ କୁମାର ମୁର୍ମୁ। ଆହତ ଚରଣ ମୁର୍ମୁଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୬/୨୩) ରୁଜୁ ହୋଇଛି।

### କଂଗ୍ରେସର ପଞ୍ଚାୟତସ୍ତରୀୟ କମିଟି ଗଠିତ

କଣ୍ଟିପାଳ,୨୮।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅଧୀନ ପଣସଡ଼ିହା ଓ କଣ୍ଟିପାଳ ୨ ନମ୍ବର ଜୋନ୍‌ରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଜିଲା କଂଗ୍ରେସ ସମ୍ପାଦକ ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ସଂଯୋଜନାରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ଅକ୍ଷୟ ବେହେରା, ନରହରି ନାଏକ, ବିପିନି ନାଏକ, ବିଶ୍ୱନାଥ ନାଏକ, ସନାତନ ନାଏକ, କୁଳମଣି ନାଏକ, ହରିହର ନାହାକ, ହାଡ଼ବନ୍ଧୁ ଦେହୁରୀ, ନିମାଇଁ ନାଏକ, ବୁଲୁ ଖଣ୍ଡା ପ୍ରମୁଖଙ୍କୁ ପଞ୍ଚାୟତ କର୍ମକର୍ତ୍ତା ଭାବେ ଚୟନ କରାଯାଇଥିଲା।

### ଜଳିଗଲା ଟ୍ରାନ୍ସଫର୍ମର



ମୋରଡ଼ା,୨୮।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ବଜାର ନିକଟରେ ଥିବା ଏକ ଟ୍ରାନ୍ସଫର୍ମରରେ ନିଆଁ ଲାଗି ଜଳିଯାଇଛି। ଫଳରେ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ରବିବାର ମଧାହ୍ନ ୧୨ ବେଳେ ଉକ୍ତ ଟ୍ରାନ୍ସଫର୍ମରରେ ନିଆଁ ଲାଗି ଥିବା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ଉକ୍ତ ରାସ୍ତା ଦେଇ କିଛି ସମୟ ଯାତାୟାତ ବନ୍ଦ ରହିଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ପଚାରିବାରୁ ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ ଏବଂ ଏହାର ମରାମତି ଚାଲିଛି ବୋଲି କହିଛନ୍ତି।

# ୨୪ ହଜାର ଚାରାରୁ ବଞ୍ଚିଛି ୨୪ ଶହ

**ଆନନ୍ଦପୁର ବନଖଣ୍ଡ**

■ବନୀକରଣ କରି ଛାଡ଼ିଦେଲେ

■ରକ୍ଷଣାବେକ୍ଷଣ ବାବଦରେ ଅର୍ଥ ଆତ୍ମସାତ୍

ଆନନ୍ଦପୁର/କଣ୍ଟିପାଳ,୨୮।୫ (ସ୍ୱ.ପ୍ର/ଡି.ଏନ୍.ଏ.)

ବନ ବିଭାଗ ପକ୍ଷରୁ ବନୀକରଣ କରାଇ ଗ୍ରାମାଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବାକୁ ସରକାର ବ୍ୟବସ୍ଥା କରୁଛନ୍ତି। ଏ ନେଇ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ବିଭାଗର କିଛି ଦୁର୍ନୀତିଖୋର୍ ଅଧିକାରୀଙ୍କ ମନମାନୀ ଓ ଆନ୍ତରିକତା ଅଭାବରୁ ସରକାରୀ ଅର୍ଥ ଆତ୍ମସାତ୍ ହେଉଛି। ବନୀକରଣ ହେଉଛି, କିନ୍ତୁ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଗଛ ମରିଯାଉଛି। ଏଭଳି ଏକ ଅଭିଯୋଗ ଆସିଛି ଆନନ୍ଦପୁର ବନଖଣ୍ଡ ଅଞ୍ଚଳରୁ।

ସୂଚନା ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରୀନ ମହାନଦୀ ମିଶନ ସ୍କିମ୍ ଅନୁସାରେ ଆନନ୍ଦପୁର ରେଞ୍ଜ ତଥା ଆନନ୍ଦପୁର ବିଟ୍ ଅନ୍ତର୍ଗତ ହାତୀବନ୍ଧା ସଂରକ୍ଷଣ ଜଙ୍ଗଲର ଗୁହାଳିଆ, ଟୁକୁଣା ଅଞ୍ଚଳର ୧୫ ହେକ୍ଟର ଜମିରେ ବିଭାଗ ପକ୍ଷରୁ ଆମ୍ବ, ଅଁଳା, ଅର୍ଜ୍ଜୁନ, ଆତ, ଅସନ,





ବନୀକରଣ ହୋଇଥିବା ପଡ଼ିଆ ଏବେ ଗଛ ଶୂନ୍ୟ।

ବାହାଡ଼ା, ବାଲିଶିଶୁ, ଦେବଦାରୁ, ଗମ୍ଭାରୀ, ଜାମୁ, କାଜୁ, କରଞ୍ଜ, କୃଷ୍ଣଚୂଡ଼ା, ମହାଲିମ୍ବ, ଲିମ୍ବ, ଓସ୍ତ, ପିଜୁଳି, ପଣସ, ପିଆଶାଳ, ଫଣଫଣା, ପାଟୁଳି, ଶାଗୁଆନ ଓ ଶିରିଶା ଭଳି ଚାରାରୋପଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ୧ମ ପର୍ଯ୍ୟାୟରେ ୪ ହଜାର, ୨ୟ ପର୍ଯ୍ୟାୟରେ ୨୦ହଜାର ଚାରାରୋପଣ କରାଯାଇଥିଲା। ମାତ୍ର ଗଛ ଲଗାଇ ବନ ବିଭାଗ ଯତ୍ନ ନେବାକୁ ଭୁଲିଗଲା। ରକ୍ଷଣାବେକ୍ଷଣ ବାବଦକୁ ଅର୍ଥ ଖର୍ଚ୍ଚ ହେବା ସହ ୨ ଜଣ ଜଗୁଆଳି ମୁତୟନ ହୋଇଥିଲେ। ମାତ୍ର ଦୁଃଖର ବିଷୟ, ଗଛ ପାଣି ନ ପାଇବା ସହିତ ଉତ୍ତମ ଯତ୍ନ ଅଭାବରୁ ଚାରାରୋପଣ ସ୍ଥାନ ଏବେ ଜରାଜୀର୍ଣ୍ଣ ହୋଇଗଲାଣି। ୨୪ ହଜାର ଚାରାରୁ ହାତଗଣତି ୨୪ଶହ ଚାରା ଦେଖିବାକୁ ମିଳିଛି। ବନୀକରଣ ଅଞ୍ଚଳରେ କରାଯାଇଥିବା ସୁରକ୍ଷା ତାରବାଡ଼ ନଷ୍ଟ ହୋଇଗଲାଣି। ଘଟଣା ଉପରେ ଯଥାଶୀଘ୍ର ଜିଲାସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି। ତତ୍କାଳୀନ ଫରେଷ୍ଟର ମଳୟ ସାହୁ କହିଛନ୍ତି, ଚାରାରୋପଣ ପରେ ୬ ମାସ ବର୍ଷା ନ ହେବାରୁ କିଛି ଚାରା ମରିଯାଇଛି। ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ଅତ୍ୟଧିକ ଖରା ଯୋଗୁ ଅନେକ ଚାରା ମରିଯାଇଛି। ବନ ବିଭାଗ ପକ୍ଷରୁ ୨୦୨୩-୨୪ରେ ହେବାକୁ ଥିବା ବନୀକରଣ ସମୟରେ ମରି ଯାଇଥିବା ସ୍ଥାନରେ ପୁନର୍ବାର ଗଛ ଲଗାଯିବ ବୋଲି କହିଥିଲେ।

# ରଙ୍ଗବେରଙ୍ଗ ଫୁଲରେ ସଜେଇ ହୋଇଛି ମନ୍ଦିର

**ମା’ ମହାଲକ୍ଷ୍ମୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ**

ନୀଳଗିରି, ୨୮।୫(ସ୍ୱ.ପ୍ର.)

ନୀଳଗିରି ଜଗନ୍ନାଥ ମନ୍ଦିରରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା, ମହାବାହୁ ଜଗନ୍ନାଥ ପୂଜା ପାଉଥିବା ବେଳେ ତାଙ୍କ ଡାହାଣ ପାର୍ଶ୍ୱରେ ମା’ ବିମଳା ପୂଜା ପାଉଥିଲେ। କିନ୍ତୁ ମନ୍ଦିର ପରିସରରେ ମା’ ଲକ୍ଷ୍ମୀଙ୍କ ମନ୍ଦିରଟିଏ ନ ଥିଲା। ରବିବାର ଜଗନ୍ନାଥ ମନ୍ଦିର ପରିସରରେ ମା’ ମହାଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରଙ୍ଗବେରଙ୍ଗ ଫୁଲରେ ଜଗନ୍ନାଥ ମନ୍ଦିର ଏବଂ ମା’ ମହାଲକ୍ଷ୍ମୀ ମନ୍ଦିର ସଜାଯାଇଛି। ରାଣୀ ମନୋଜା ମଞ୍ଜରୀ ଦେବୀ, ନୀଳଗିରି ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କମିଟିଙ୍କ ସହିତ ଜଗନ୍ନାଥ ପ୍ରେମୀଙ୍କ ଅକ୍ଳାନ୍ତ ଉଦ୍ୟମରେ ଚାଲିଥିବା ବେଳେ ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ବଡ ପଦକ୍ଷେପ ନେଇଛନ୍ତି।



ସେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମନ୍ଦିରର ସମ୍ମୁଖ ଓ ପରିସରରେ ଫୁଲ ସଜାସଜି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ବହନ କରିବେ। ତେବେ ଏହି ଫୁଲ ସଜାଇବା ପାଇଁ ଶନିବାରଠାରୁ କାରିଗର ଆସି କାମ କରୁଛନ୍ତି। ରଙ୍ଗ ବେରଙ୍ଗ ଫୁଲରେ ଝଲସୁଛି ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର।

# ‘ନୀରବତାର ସ୍ୱର’ ଗଳ୍ପଗ୍ରନ୍ଥ ପାଠକାର୍ପିତ



ଅତିଥିଙ୍କ ଦ୍ୱାରା ଗଳ୍ପ ଗ୍ରନ୍ଥ ଲୋକାର୍ପଣ କରାଯାଉଛି।

ବାଲେଶ୍ୱର ଅଫିସ, ୨୮।୫

ବାଲେଶ୍ୱର ସହର ଚିଡ଼ିଆପୋଲସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧିତ ପ୍ରତିଭା ଅଞ୍ଜଳି ପଣ୍ଡାଙ୍କର ‘ନୀରବତାର ସ୍ୱର’ ଶୀର୍ଷକ ଗଳ୍ପଗ୍ରନ୍ଥ ପାଠକାର୍ପିତ ହୋଇଛି। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାପତିତ୍ୱ କରି ପରିଷଦ କେବଳ ସାହିତ୍ୟ ବିଷୟକ ଚର୍ଚ୍ଚା ନ କରି ସାହିତ୍ୟିକମାନଙ୍କର ସୁଖ ଦୁଃଖର ସାଥୀ ହେବାକୁ ଆଗ୍ରହ ପ୍ରକାଶ କରିଥାଏ ବୋଲି କହିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା ପ୍ରକାଶକୀୟ ବକ୍ତବ୍ୟରେ ଗ୍ରନ୍ଥସ୍ଥ ୧୫ଟି ଗଳ୍ପର ବିସ୍ତୃତ ତର୍ଜମା କରିଥିବା ବେଳେ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଗଳ୍ପଗୁଡ଼ିକୁ ତୁଳନାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କରି ତାହାର ଉତ୍କର୍ଷତା ପ୍ରତିପାଦନ କରିଥିଲେ। ମୁଖ୍ୟବକ୍ତା ଗାଳ୍ପିକ ରଜନୀକାନ୍ତ ମହାନ୍ତି ୧୯୮୦ ପରବର୍ତ୍ତୀ କାଳକୁ ସାହିତ୍ୟ ଲେଖକ ସୃଷ୍ଟି କରିବାର ସମୟ ବୋଲି ଅଭିହିତ କରି ଅଞ୍ଜଳିଙ୍କ ଆଖିଦେଖା ଦୃଶ୍ୟମାନ ଗଳ୍ପର ବିଷୟବସ୍ତୁ ପାଲଟି ଯାଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଗାଳ୍ପିକ ରବି ପଣ୍ଡା ନାରୀମାନଙ୍କର ଜୀବନଯନ୍ତ୍ରଣା ଗଳ୍ପଗୁଡ଼ିକୁ ଋଦ୍ଧିମନ୍ତ କରିଛି ବୋଲି ମତ ରଖିଥିଲେ। ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା ଯୋଗଦେଇ ତାଙ୍କ ସ୍ତ୍ରୀଙ୍କ ରଚନା ପାଇଁ ସେ ପ୍ରେରଣା ଯୋଗାଇବାକୁ ଅବହେଳା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚକୁ ଆବାହନ, ପରିଷଦ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ଓ ଯୁଗ୍ମ ସମ୍ପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ସ୍ନିଗ୍ଧା ସାମନ୍ତରାୟ, ଡୋନା ଗୋଲ୍ଡ, ତୃପ୍ତିରାଣୀ ପାତ୍ର ଏବଂ ପୁଷ୍ପା ଚକ୍ରବର୍ତ୍ତୀ ସମୂହ ସଙ୍ଗୀତ ଭାବେ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ତପନ ରାୟ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ମମତା ମହାପାତ୍ର ପ୍ରମୁଖ ଶତାଧିକ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।

# ଆଉ ୨ ଅଭିଯୁକ୍ତ ଗିରଫ

**ଶିକାରୀ ଗୁଳିରେ ଫରେଷ୍ଟଗାର୍ଡଙ୍କ ମୃତ୍ୟୁ ଘଟଣା**

ବାରିପଦା ଅଫିସ,୨୮।୫

ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟଣାରେ ରବିବାର ଆଉ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ସୁନାପୋଷି ଗ୍ରାମର ଆକାଶ ସିଂ ଏବଂ କନ୍ଦା ସିଂ। ଏମାନଙ୍କୁ ମିଶାଇ ସମୁଦାୟ ୫ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିସାରିଲାଣି। ପୋଲିସ ଓ ବନ କର୍ମଚାରୀ ମିଳିତ ଭାବେ କମ୍ବିଂ ଅପରେସନ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଶୁକ୍ରବାର ବାଙ୍ଗିରିପୋଷି ଥାନା ଅଧୀନ ବଡ଼ଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଦ୍ଧଦେବ ସିଂଙ୍କ ସମେତ କୁଆଳି ଗ୍ରାମର ସୁକୁଲାଲ ମାରାଣ୍ଡି ଓ ସୁନାପୋଷି ଜରଗାଡେହି ଗ୍ରାମର ଜୁଗୁଲୁ ସିଂଙ୍କୁ କୋର୍ଟଚାଲାଣ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ଅଫୁଟା ଗୁଳି ଜବତ କରିଥିଲା। ଏହି ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ଅପରାଧୀ ସମ୍ପୃକ୍ତ ଥିବା ନେଇ ଆଶଙ୍କା କରାଯାଇଥିବା ବେଳେ ସେମାନେ ଜଙ୍ଗଲରେ ଲୁଚିଥିବାରୁ ଆଗକୁ ସମସ୍ତଙ୍କୁ ଗିରଫ କରାଯିବ ବୋଲି କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।

# ଗରା, ବାଲ୍‌ଟି ଧରି ମହିଳାଙ୍କ ଧାରଣା

ନୀଳଗିରି, ୨୮।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସିର ୧୧ନଂ. ୱାର୍ଡ଼ କ୍ରସରସାହି ଅଞ୍ଚଳରେ ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ରବିବାର ମହିଳାମାନେ ୧୯ନଂ. ରାଜ୍ୟ ରାଜପଥ ନୀଳଗିରି ବସ୍‌ଷ୍ଟାଣ୍ଡ ପାଖ ଜନସ୍ୱାସ୍ଥ୍ୟ ଶାଖା ନୀଳଗିରି କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗରା ଓ ବାଲ୍‌ଟି ଧରି ଧାରଣା ଦେଇଥିଲେ। ସ୍ଥାନୀୟ ଏନ୍‌ଏସି ଚେୟାରମ୍ୟାନଙ୍କ ପ୍ରତିନିଧି ଶରତ ଦାସ ପହଞ୍ଚି ଉପଜିଲାପାଳ ଓ ବିଭାଗୀୟ ଯନ୍ତ୍ରୀ ରତନ ମାଝିଙ୍କ ସହିତ ଯୋଗାଯୋଗ କରିଥିଲେ। ପ୍ରଥମେ କନିଷ୍ଠଯନ୍ତ୍ରୀ ସହଯୋଗ କରି ନ ଥିଲେ। ପରେ ସ୍ଥାନୀୟ ବିଧାୟକ ଓ ଉପଜିଲାପାଳଙ୍କ ତାଗିଦ୍ ପରେ ଯନ୍ତ୍ରୀ ମାଝି ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ମହିଳାମାନେ ଅଡିବସିଥିଲେ। ତେବେ ୨/୩ ଦିନ ମଧ୍ୟରେ ପାଇପ ସଂଯୋଗ କରାଯାଇ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା।

# ଭାଜପା କୁଆମରା ମଣ୍ଡଳ କାର୍ଯ୍ୟକାରିଣୀ





ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ଗୋପବନ୍ଧୁ ନଗର,୨୮।୫(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ୧୫ନଂ. ଜୋନ୍ କୁଆମରା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟପୁର କଲ୍ୟାଣ ମଣ୍ଡପଠାରେ ମଣ୍ଡଳ ସଭାପତି ଶାନ୍ତନୁ କୁମାର ମହୁଆଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକକୁ ଉଦଳା ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ଭାସ୍କର ଚନ୍ଦ୍ର ମଢ଼େଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ପଣ୍ଡା ଯୋଗଦେଇ ଦଳର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ମଣ୍ଡଳ ପ୍ରଭାରୀ ଆଦର୍ଶ ଜେନା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ଶଙ୍କର ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ଶକ୍ତିପଦ ଲେଙ୍କା, ଦୀନକୃଷ୍ଣ ଦାସବାବୁ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ନୀଳମଣି ମହାପାତ୍ର, ମଣ୍ଡଳ ଉପ ସଭାପତି ନିରଞ୍ଜନ ବେହେରା, ହିତେଶ ସାହୁ, ରାଜେନ୍ଦ୍ର ରଣସିଆ ପ୍ରମୁଖ ଯୋଗ ଦେଇଥିଲେ।

# ଟ୍ରକ୍ ମାଲିକଙ୍କ ମଧ୍ୟରେ ଛକାପଞ୍ଝା

**ଜିଲା ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୨୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ ନହେବା ଓ ପୂର୍ବ କର୍ମକର୍ତ୍ତା ଦାୟିତ୍ୱ ହସ୍ତାନ୍ତର ନ କରିବାକୁ ନେଇ ଏବେ ଆଞ୍ଚଳିକ ସଂଘଗୁଡ଼ିକ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ଗତ ୨୨ ତାରିଖରେ ପୂର୍ବତନ ସମ୍ପାଦକ ପ୍ରଦୀପ ବାରିକଙ୍କ ଅଧ୍ୟକ୍ଷତାରେ ଘଟଗାଁଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘ ନିର୍ବାଚନ ହେଉ ନ ଥିବାରୁ ଆସନ୍ତା ଜୁନ୍ ୫ରେ ସଂଘ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିରେ ପ୍ରାୟ ୨ଶହ ପାଖାପାଖି ଅସନ୍ତୁଷ୍ଟ ଟ୍ରକ୍ ମାଲିକ ଯୋଗ ଦେଇଥିଲେ। ଅନ୍ୟ ଦିଗରେ ଓଏମ୍‌ସି ଶୁଆକାଟୀରୁ ବର୍ତ୍ତମାନ ପରିସ୍ଥିତିରେ ଟ୍ରକ୍ ଲୋଡିଂ ବନ୍ଦ ଥିବାବେଳେ ଟ୍ରକ୍ ମାଲିକ ସଂଘ ଓ ଶୁଆକାଟୀ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ମଧ୍ୟରେ ଲୋଡିଂ ଟୋକନକୁ ନେଇ ବିବାଦ ଚରମସୀମାରେ ପହଞ୍ଚିଛି। ଏହି ସବୁ ପରିସ୍ଥିତିକୁ ନେଇ ୬ ହଜାର ପାଖାପାଖି ଟ୍ରକ୍ ମାଲିକ ଏହି ଛକାପଞ୍ଝାରେ ପେଶି ହେଉଛନ୍ତି। ନିର୍ବାଚନ ନହୋଇ ପୂର୍ବତନ ସଦସ୍ୟ କର୍ମକର୍ତ୍ତା ଭାବେ ନିଜକୁ ପ୍ରତିପାଦିତ କରୁଥିବାରୁ ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ଆନନ୍ଦପୁର ଅଞ୍ଚଳର ଟ୍ରକ ମାଲିକ ତଥା ଟ୍ରକ ମାଲିକ ସଂଘର ପୂର୍ବତନ ସମ୍ପାଦକ ପ୍ରଦୀପ ବାରିକ, ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ଅଏସକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ଆକ୍ରମଣ

ହାଟଡ଼ିହୀ,୨୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳନିଆ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଛି। ୮ ଜଣ ମିଶି ଜଣେ ବୃଦ୍ଧଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସୋଲପଟା ଗ୍ରାମର ମୁରଲୀଧର ନାୟକ(୬୮ ) ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୁରଲୀଧର ବଜାର ଯାଇଥିବା ବେଳେ ପୂର୍ବ ଶତ୍ରୁତାରୁ ସ୍ଥାନୀୟ ଅଞ୍ଚଳର ୮ଜଣ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ପ୍ରଥମେ ଶାଳନିଆ ପରେ କଟକ ମେଡ଼ିକାଲ ନେଇଥିଲେ। ଏ ନେଇ ପୁତୁରା ସୁଧାଂଶୁ ଶେଖର ନାୟକ ୮ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ କେସ (ନଂ ୧୩୩/୨୦୨୩) ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ୨ ଦିନ ପରେ ବି ପୋଲିସ ହାତ ଖାଲି

**ପୋଲିସ ପରିଚୟ ଦେଇ ମହିଳାଙ୍କଠୁ ଲୁଟ୍ ଘଟଣା**

ଭଦ୍ରକ ଅଫିସ, ୨୮।୫

ଦିନଦ୍ୱିପ୍ରହରରେ ଭଦ୍ରକ ସହର ମଧ୍ୟସ୍ଥଳରେ ଥିବା ହେଡ୍‌ପୋଷ୍ଟ ଅଫିସ ଛକ ପେଟ୍ରୋଲ ପମ୍ପ ନିକଟରୁ ପୋଲିସ ପରିଚୟ ଦେଇ ଲୁଟେରାମାନେ ଜଣେ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟି ନେଇଥିଲେ। ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ସହରରେ ଲୁଟ୍, ଛିନ୍‌ତାଇ ଲଗାତାର ବଢ଼ି ଚାଲିଥିବା ବେଳେ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସହରର ମଧ୍ୟସ୍ଥଳରୁ ମହିଳାଙ୍କଠାରୁ ଲୁଟ୍ ଘଟଣା ସହରବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଲୁଟ୍‌ର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗକ୍ରମେ ମାମଲା (ନଂ.୩୦୩/୨୩) ରୁଜୁ କରି ପୋଲିସ ଚୁପ୍ ବସିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶଥାଉ କି, ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ମଇତାପୁର ଗ୍ରାମର ନିରୋଦବାଳା ମହାନ୍ତି ଗତ ୨୬ ତାରିଖ ଅପରାହ୍ନ ସାଢ଼େ ୪ଟା ବେଳେ ଭଦ୍ରକ ସହରର ହେଡ୍‌ପୋଷ୍ଟ ଅଫିସ ଛକ ପେଟ୍ରୋଲ ପମ୍ପ ନିକଟରେ ଅଟୋରେ ବସିଥିଲେ। ଲୁଟେରାମାନେ ନିଜକୁ ପୋଲିସ ପରିଚୟ ଦେଇ ତାଙ୍କଠାରୁ ପିନ୍ଧିଥିବା ସୁନାଗହଣା ଲୁଟ୍ କରି ଚମ୍ପଟ ମାରିଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ଲୁଟେରା ଗିରଫ ନ ହେବା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାଟ୍ରିକ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସମାରୋହରେ ଅତିଥିଙ୍କ ସହ ମେଧାବୀ ଛାତ୍ରୀଛାତ୍ର।

ଭଣ୍ଡାରିପୋଖରୀ, ୨୮।୫ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଜୀବ ଭବନଠାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକ କଂଗ୍ରେସ ଆନୁକୂଲ୍ୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ରଜନୀ ଚନ୍ଦଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ପବନ କୁମାର ନାୟକଙ୍କ ସଂଯୋଜନାରେ ମାଟ୍ରିକ ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ପ୍ରାକ୍ତନ ବ୍ଲକ ଅଧକ୍ଷ ପୀତାମ୍ବର ନାୟକ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ଅଜୟ ସାହୁ, ରମେଶ ଚନ୍ଦ୍ର ଭାରତୀ, ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ନାରାୟଣ ଚନ୍ଦ୍ର ବେହେରା, ବିଜୟ ସ୍ୱାଇଁ, ଶିକ୍ଷାବିତ୍ ଗୁରୁପ୍ରସାଦ ଗିରି, ଭରତ ଚନ୍ଦ୍ର କରଣ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ମୋଟ ୨୧ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ମୋଟ ୨୧ଜଣଙ୍କ ମଧ୍ୟରୁ ଶାରଦା ବିଦ୍ୟାମନ୍ଦିରର ୧୪ ଛାତ୍ରୀଛାତ୍ର ଏ-୧ ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତଥା ବ୍ଲକର ଟପ୍ପର ଶୁଭସ୍ମିତା ରାଉତଙ୍କ ସମେତ ଏ-୧ ଗ୍ରେଡ୍ ପାଇଥିବା ସମସ୍ତ ବିଦ୍ୟାର୍ଥୀ ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

# ପ୍ରତିବାଦରେ ଜଳସତ୍ୟାଗ୍ରହ

**କାର୍ଯ୍ୟକ୍ଷମ ହେଉନି ଡୁବୁଡୁବି ବ୍ରିଜ୍**

ରୂପସା, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଆଲୁମେଦା ପଞ୍ଚାୟତ ଅଧୀନ ଡୁବୁଡୁବି ନଦୀରେ ନିର୍ମାଣାଧିନ ଥିବା ବ୍ରିଜ ସମ୍ପୂର୍ଣ୍ଣ କରିବା ଦାବିରେ ରବିବାର ସ୍ଥାନୀୟ ଜନସାଧାରଣ ଜଳସତ୍ୟାଗ୍ରହ ପ୍ରଦର୍ଶନ କରିଛନ୍ତି। ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଏକାଠି ହୋଇ ଏକ ଶୋଭଯାତ୍ରାରେ ବ୍ରିଜ ନିକଟରେ ପହଞ୍ଚିଥିଲେ। ସେଠାରେ ପାଣି ଭିତରେ ପଶି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଧାନସଭା ଉପନିର୍ବାଚନରେ ସଦର ବିଧାୟକ ସ୍ୱରୂପ ଦାସ ଖୁବ ଶୀଘ୍ର ଏହି ବ୍ରିଜ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ବାଚନକୁ ୩ବର୍ଷ ବିତିଯାଇଥିଲେ ବି ଏହି ବ୍ରିଜ ସେହିଭଳି ଅଧାପନ୍ତରିଆ ଭାବେ ରହିଛି ବୋଲି ପଣ୍ଡା ଅଭିଯୋଗ କରିବା ସହିତ ତୁରନ୍ତ ଏହି ପୋଲ କାର୍ଯ୍ୟକ୍ଷମ





ଡୁବୁଡୁବି ନଦୀରେ ଲୋକେ ଜଳ ସତ୍ୟାଗ୍ରହ କରୁଛନ୍ତି।

ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଯୁବନେତା ଖକନ ବେହେରା, ବାପି ପୃଷ୍ଟି, ଦିଲୀପ ପାତ୍ର, ଗୋବିନ୍ଦ ପୃଷ୍ଟି, କାଜଲ ଦାସ, ଲୁଲୁ ବେହେରା, ସୁଖଦ୍ୱେ ମଣ୍ଡଳ, ରାଜୀବ ମଣ୍ଡଳ, ଅନୁକୂଳ ମହାନ୍ତି, ବିଶ୍ୱନାଥ ରଣା, ମନୋଜ ପ୍ରଧାନ, ଜଗଦୀଶ ଜେନା, ଅଶ୍ୱିନୀ ବେହେରା, ସୃଷ୍ଟିଧର ପରିଡ଼ା, ଅଭିମନ୍ୟୁ ଦାସ, ନଟବର ମଲ୍ଲିକ, ରାଜେନ୍ଦ୍ର ଦାସ, ଯୁବନେତା ସୁଶାନ୍ତ ରଣାଙ୍କ ସମେତ ବହୁ ସମର୍ଥକ ଯୋଗ ଦେଇଥିଲେ।

# ବିଜେଡି ସରକାର ୫ ପାଳିର ୪ ବର୍ଷ ପୂର୍ତ୍ତି

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ବିଜେଡି ସରକାରର ୫ମ ପାଳିର ୪ର୍ଥ ବର୍ଷ ପୂରଣ ହୋଇଛି। ୨୦୧୯ ମେ' ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନେ ଶପଥ ନେଇଥିଲେ। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ପୂରଣ ହୋଇଛି, ସେ ନେଇ ମେ' ୨୨ ତାରିଖରୁ ନବୀନ ବିଭାଗୀୟ ମନ୍ତ୍ରୀମାନଙ୍କୁ ଡକାଇ ସମୀକ୍ଷା କରୁଛନ୍ତି। ନବ ଦାସ ହତ୍ୟାକାଣ୍ଡ ୫ମ ପାଳିର ବିଜେଡି ସରକାର ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପଦ୍ମପୁର, ଝାରସୁଗୁଡ଼ା ଉପନିର୍ବାଚନରେ ବିଜୟୀ ହୋଇ ବିଜେଡି ନିଜର ପୂର୍ବ ପତିଆରାକୁ ବଜାୟ ରଖିଛି।

ଗତ ୨୩ ବର୍ଷ ମଧ୍ୟରେ ନବୀନ ଓଡ଼ିଶାକୁ ଏକ ପ୍ରଗତିଶୀଳ, ଆର୍ଥିକ ମଜଭୁତ ଲୋକଙ୍କ ସରକାରରେ ପରିଣତ କରିବାରେ ସରକାର ସଫଳ ହୋଇଛି। ଲୋକମାନଙ୍କୁ ଉତ୍ତମ ପ୍ରଶାସନିକ ସେବା ସେମାନଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଲୋକମାନେ ହେଉଛନ୍ତି ମାଲିକ। ଲୋକମାନେ ସରକାରୀ କାର୍ଯ୍ୟାଳୟରୁ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ, ସେ ନେଇ ମୁଖ୍ୟମନ୍ତ୍ରୀ ପଞ୍ଚମପାଳି ଶାସନରେ ଗୁରୁତ୍ୱ ଦେଇଛନ୍ତି। ୩-ଡି (ପ୍ରତିବଦ୍ଧତା, ଉତ୍ସର୍ଗୀକୃତ ଏବଂ ଭକ୍ତି ସହକାରେ) ଜରିଆରେ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକ ଓ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଆସିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପାଇଁ ସରକାର ୫-ଟି (ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ, ଟେକ୍ନୋଲୋଜି, ଟାଇମ୍ ଆଣ୍ଡ ଟ୍ରାନ୍ସଫରମେଶନ) ଏବଂ ମୋ ସରକାର ଭଳି ଅଭିନବ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା ପ୍ରଶାସନିକ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବାରେ ସଫଳ ହୋଇ ପାରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି। ଦୁର୍ନୀତିଗ୍ରସ୍ତଙ୍କୁ ବାହାର ରାସ୍ତା ଦେଖାଇ ନବୀନ ଓ ତାଙ୍କ ସରକାର ସ୍ୱଚ୍ଛତାର ପ୍ରମାଣ ଦେଖାଇଛନ୍ତି।

ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇପାରିଛି। ସରକାର କୃଷି, କୃଷକଙ୍କ ବିକାଶଠାରୁ ଆରମ୍ଭ କରି ମହିଳା ଶସକ୍ତୀକରଣ, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗଙ୍କ ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। କୃଷକଙ୍କ ଆୟ ବହୁ ଗୁଣିତ କରିବା ଲକ୍ଷ୍ୟରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାକୁ କ୍ଷୁଧାମୁକ୍ତ କରିବାକୁ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କରି ଗରିବଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଗରିବଙ୍କୁ ପକ୍କାଘର, ସାମାଜିକ ନିରାପତ୍ତା, ଭିତ୍ତିଭୂମି ଆଦି କ୍ଷେତ୍ରରେ ରାଜ୍ୟ ଅନେକ ପ୍ରଗତି ହାସଲ କରିଛି।

ସରକାର ଗୋଟିଏ ପରେ ଗୋଟିଏ ସଙ୍କଟର ମୁକାବିଲା କରିଚାଲିଛନ୍ତି। କୋଭିଡ୍ ସତ୍ତ୍ୱେ ଲୋକଙ୍କୁ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିନାହାନ୍ତି। ବିଜେଡି ଶାସନ ୫ମ ପାଳିର ୫-ଟି ମୁଖ୍ୟ ଫୋକସ୍ ହୋଇଛି। ପ୍ରତ୍ୟେକ ବିଭାଗ ସେମାନଙ୍କ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାମ କରିଚାଲିଛନ୍ତି। ଲୋକଙ୍କ ସହିତ ସିଧାସଳଖ ସମ୍ପର୍କ ରଖିବା ପାଇଁ ମୋ ସରକାର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ସମୟକ୍ରମେ ପ୍ରତ୍ୟେକ ସ୍ତରରେ ଲୋକଙ୍କ ପ୍ରତି ସରକାରୀ କର୍ମଚାରୀମାନଙ୍କର ମନୋଭାବ ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ଏହା ସଫଳ ହୋଇଛି। ପ୍ରଶାସନ ଏବଂ ସରକାରୀ ସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରି ସରକାରୀ ବ୍ୟବସ୍ଥାରେ ଢାଞ୍ଚାଗତ ଓ ପ୍ରକ୍ରିୟାଗତ ପରିବର୍ତ୍ତନ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ଉପରେ ସବୁବେଳେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି।

ଓଡ଼ିଶା ପୁଞ୍ଜି ବିନିଯୋଗର ଆକର୍ଷଣୀୟ କେନ୍ଦ୍ର ହୋଇ ରହିଛି। କୋଭିଡ୍ ମହାମାରୀ ପରିସ୍ଥିତି ସତ୍ତ୍ୱେ ଦେଶର କେତେକ ବଡ଼ ବଡ଼ ପୁଞ୍ଜିନିବେଶକୁ ଆକର୍ଷିତ କରିବାରେ ଓଡ଼ିଶା ସଫଳ ହୋଇପାରିଛି। କୃଷି ଓ କୃଷକର ଉନ୍ନତି ହେଉଛି ରାଜ୍ୟ ବିକାଶର ଆଧାରଶିଳା। ଗତ ଏକ ବର୍ଷ ମଧ୍ୟରେ କାଳିଆ ଯୋଜନାରେ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ୬୧୧୮ କୋଟିରୁ ଅଧିକ ଟଙ୍କା ଜମା କରି ଆମେ ଆମର ପ୍ରତିଶ୍ରୁତି ରକ୍ଷା କରିପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ଜଳସେଚନ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଅପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପ ଓ ଲୋୟର ଇନ୍ଦ୍ରାବତୀ ପ୍ରକଳ୍ପ ଚାଷୀଙ୍କ ସେବାରେ ଉତ୍ସର୍ଗ କରାଯାଇଛି। ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ମିଶନ ଶକ୍ତି କାର୍ଯ୍ୟକ୍ରମକୁ ମଜଭୁତ କରାଯାଇଛି। ରାଜ୍ୟର ମହାନ୍ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ପୁରୀ, କୋଣାର୍କ, ସମଲେଶ୍ୱରୀ, ହରଶଙ୍କର, ନୃସିଂହନାଥ ଓ ଅନ୍ୟାନ୍ୟ ପୁରାତନ ମନ୍ଦିରଗୁଡ଼ିକର ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ବର୍ଷକ ପାଇଁ ମାଗଣା ଚାଉଳ ଯୋଗାଇ ଦେବା ବାବଦରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ କେଜି ଚାଉଳ ୨୦୨୩ ଜାନୁଆରୀରୁ ୧୨ ମାସ ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ରାଜକୋଷରୁ ୧୮୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଜଳସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ନଦୀରେ ଅନ୍ତଃ ନଦୀଜଳାଶୟ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର) ପ୍ରକଳ୍ପ ନିର୍ମାଣ କରାଯାଉଛି। ୨୦୨୨ରେ ଜଳସମ୍ପଦ ବିଭାଗ ତରଫରୁ ୧୭ଟି ପ୍ରକଳ୍ପ କାର୍ଯ୍ୟାରମ୍ଭ କରାଯାଇଛି। ବିଜେଡି ସରକାର ୨୦୨୪ ସୁଦ୍ଧା ସମସ୍ତଙ୍କୁ ପିଇବା ପାଣି ଯୋଗାଇବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ଥାଇଲାଣ୍ଡ, ଦୁବାଇ, ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଆରମ୍ଭ କରି ରାଜ୍ୟରେ ବିମାନସେବା କ୍ଷେତ୍ରରେ ଆଉ କେଇପାଦ ଆଗକୁ ନେଇଛନ୍ତି।

### ସ୍ୱାସ୍ଥ୍ୟ

ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ୮୫୦୦ କୋଟି ଟଙ୍କାର ବିପୁଳ ପୁଞ୍ଜି ବିନିଯୋଗ କରାଯାଇଛି। ୩୫୦୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ବିକଶିତ କରିବା ନେଇ କାର୍ଯ୍ୟ ଆଗେଇ ଚାଲିଛି।



ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବାର ଶୁଭାରମ୍ଭ



### ସ୍କୁଲ ରୂପାନ୍ତରଣ ଓ ଦକ୍ଷତା ବିକାଶ

ପିଲାମାନଙ୍କ ଭିତରେ ଥିବା ଦକ୍ଷତାର ପୂର୍ଣ୍ଣ ବିକାଶ ପାଇଁ ଶିକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ହାଇସ୍କୁଲଗୁଡ଼ିକର ରୂପାନ୍ତର ମୁଖ୍ୟ କାର୍ଯ୍ୟକ୍ରମ ଜାରି ରହିଛି। ଯୁବ ସମାଜକୁ ବିଶ୍ୱର ନିଯୁକ୍ତି ବଜାରର ଚାହିଦା ମୁତାବକ ପ୍ରସ୍ତୁତ କରିବା ପାଇଁ ସ୍କିଲ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ଅଂଶସ୍ୱରୂପ ବିଶ୍ୱ ଦକ୍ଷତା କେନ୍ଦ୍ର ଆରମ୍ଭ କରାଯାଇଛି। ଯୁବ ସମାଜ ଯେପରି ବିଶ୍ୱର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କ ସହ ଦକ୍ଷତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ, ସେଥିପାଇଁ ପ୍ରତି କ୍ଷେତ୍ରରେ ସେମାନଙ୍କୁ ଗୁଣାତ୍ମକ ଦକ୍ଷତା ତାଲିମ ଦିଆଯାଉଛି।





### କ୍ରୀଡ଼ା ଭିତ୍ତିଭୂମି

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ

କ୍ରୀଡ଼ା କ୍ଷେତ୍ରରେ ଅଣଦେଖା ହୋଇ ଆସୁଥିବା ଓଡ଼ିଶା ବିଜେଡି ସରକାର ଅମଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟକୁ ଭାରତର କ୍ରୀଡ଼ା ହବ୍‌ରେ ପରିଣତ କରିବା ଲକ୍ଷ୍ୟ ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି। ଉନ୍ନତ ମାନର କ୍ରୀଡ଼ା ଭିତ୍ତିଭୂମି ଏବଂ ଅନୁକୂଳ ପରିବେଶ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ପଥ ପରିଷ୍କାର କରିଛି। ଏସିଆନ୍ ଗେମ୍ସ, ହକି ଚାମ୍ପିୟନ୍ସ ଟ୍ରଫି, ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ନିଜର କ୍ରୀଡ଼ା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। କ୍ରୀଡ଼ାର ବିକାଶ ଦିଗରେ ନିରନ୍ତର ପ୍ରୟାସ ଜାରି ରହିଛି। ରାଉରକେଲାରେ ଦେଶର ବୃହତ୍ତମ ହକି ଷ୍ଟାଡିୟମ ସମେତ ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ନିମନ୍ତେ ୧୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି। ରାଜ୍ୟରେ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରେ କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ହକି ବିଶ୍ୱକପ୍‌କୁ ବିଭିନ୍ନ ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରି ନବୀନ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମିକୁ ଜାତୀୟ ନେତାଙ୍କ ଦୃଷ୍ଟିକୁ ନେବାକୁ ଉଦ୍ୟମ କରିଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ପାଇଁ ସବୁ ସମୟରେ ବଡ଼ ବିପତ୍ତି ଭାବେ ଦେଖାଦେଇଛି। ୧୯୯୯ ମହାବାତ୍ୟାରେ ରାଜ୍ୟକୁ ବହୁ ଧନଜୀବନ କ୍ଷତି ସହିବାକୁ ପଡ଼ିଥିଲା। ବିଜେଡି କ୍ଷମତାସୀନ ହେବା ପରେ ବିପର୍ଯ୍ୟୟରୁ ଲୋକଙ୍କ ଜୀବନ ବଞ୍ଚାଇବା ଥିଲା ନବୀନଙ୍କ ପ୍ରାଥମିକତା। ଏ ଦିଗରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି, ଫନୀ, ଅମ୍ଫାନ ଭଳି ବାତ୍ୟାକୁ ରାଜ୍ୟ ସରକାର ସଫଳତାର ସହ ମୁକାବିଲା କରିଛନ୍ତି। ସେଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ସରକାର ପ୍ରଶଂସିତ ହୋଇଛନ୍ତି।



ନୂଆ ରୂପରେ ତାରାତାରିଣୀ ମନ୍ଦିର

## ନ୍ୟାୟ ମାଗି...

ପ୍ରଥମ ପୃଷ୍ଠାରୁ...

ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍‌ମାନେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ବ୍ରିଜ୍‌ଭୂଷଣଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧକ୍ଷ ପଦରୁ ହଟାଇବା ଓ ଗିରଫ କରିବା ଦାବିରେ ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ସେଥିରୁ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରରେ ଗତ ଏପ୍ରିଲ ୨୩ରୁ ପୁଣି ଧାରଣା ଦେଇଥିଲେ। ଏତଲା ସତ୍ତ୍ୱେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ନ କରିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପରେ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୨ଟି ଏଫ୍‌ଆଇଆର୍ ରୁଜୁ କରିଥିଲା। ଜଣେ ନାବାଳିକା କୁସ୍ତିଯୋଦ୍ଧାଙ୍କ ଅଭିଯୋଗ ଆଧାରରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ (ପୋକ୍ସୋ) ଆଇନ ବଳରେ ପ୍ରଥମ ମାମଲା ରୁଜୁ ହୋଇଥିବାବେଳେ ଶାଳୀନତା ଭଙ୍ଗ ଅଭିଯୋଗରେ ଦ୍ୱିତୀୟ ଏଫ୍‌ଆଇଆର୍ ହୋଇଛି। କିନ୍ତୁ ବାହୁବଳି ତଥା ପ୍ରଭାବଶାଳୀ ଭାଜପା ନେତା ବ୍ରିଜ୍‌ଭୂଷଣଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନାହିଁ। ଏହାର ପ୍ରତିବାଦରେ ରବିବାର ସକାଳେ କୁସ୍ତିଯୋଦ୍ଧାମାନେ ମହିଳା ମହାପଞ୍ଚାୟତ ଆୟୋଜନ ପାଇଁ ଯନ୍ତରମନ୍ତର ଧାରଣାସ୍ଥଳରୁ ନୂଆ ସଂସଦ ଭବନ ଅଭିମୁଖେ ବାହାରିଥିଲେ। ସେମାନଙ୍କ ସହ କେତେଜଣ କୃଷକ ନେତା ଓ ଖାପ୍ ପଞ୍ଚାୟତ ନେତା ମଧ୍ୟ ଶୋଭାଯାତ୍ରାରେ ଯାଉଥିଲେ। କିନ୍ତୁ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଡ଼ ମାରି ବସ୍‌ରେ ବିଭିନ୍ନ ସ୍ଥାନକୁ ନେଇଯାଇଥିଲା। ବିକ୍ଷୋଭସ୍ଥଳରୁ ଖେଳାଳିଙ୍କ କୋଟ, ମ୍ୟାଟ୍ରେସ୍, କୁଲର, ପଙ୍ଖା ଓ ତାରପଲିନ୍ ହଟାଇ ଦେଇଥିଲା। ପୋଲିସର ବାରଣ ସତ୍ତ୍ୱେ କେତେଜଣ ବିକ୍ଷୋଭକାରୀ ଆଗକୁ ବଢ଼ିବାରେ ଲାଗିଥିଲେ। ଭିନେଶ ଫୋଗତ, ତାଙ୍କ ସମ୍ପର୍କୀୟା ଭଉଣୀ ସଙ୍ଗୀତା ଫୋଗତ ଓ ସାକ୍ଷୀ ମଲିକ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ କର୍ମଚାରୀମାନେ ସେମାନଙ୍କ ସହ କେତେଜଣ ସମର୍ଥକଙ୍କ ଉପରେ ବଳ ପ୍ରୟୋଗ କରିବାକୁ ପଛାଇ ନ ଥିଲେ। ସେମାନଙ୍କୁ ଘୋଷାଡ଼ି ନେଇ ପୁଣି ବସ୍‌ରେ ବସାଇଥିଲେ। ଏନେଇ ସ୍ପେଶାଲ ସିପି (ଆଇନଶୃଙ୍ଖଳା) ଦୀପେନ୍ଦ୍ର ପାଠକ କହିଛନ୍ତି, ଆଇନଶୃଙ୍ଖଳା ଭଙ୍ଗ ଅଭିଯୋଗରେ ସେମାନଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ ଉପଯୁକ୍ତ ସମୟରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବଜରଙ୍ଗଙ୍କୁ ମୟୂରବିହାର ଥାନାରେ ଅଟକ ରଖାଯାଇଥିବାବେଳେ ସାକ୍ଷୀଙ୍କୁ ବୁରାରି ଏବଂ ଭିନେଶ ଓ ସଙ୍ଗୀତାଙ୍କୁ କାଲକାଜୀ ଥାନାକୁ ନିଆଯାଇଛି। ପୋଲିସର ମାତ୍ରାଧିକ ବଳ ପ୍ରୟୋଗକୁ ସର୍ବାଧିକ ପ୍ରତିରୋଧ କରିଥିବା ଭିନେଶ କାନ୍ଦି କାନ୍ଦି କହୁଥିଲେ, ନ୍ୟାୟ ମାଗିବାରୁ ଆମକୁ ଦଣ୍ଡିତ କରାଯାଉଛି। କିନ୍ତୁ ଅଭିଯୁକ୍ତଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ବଜରଙ୍ଗ କହିଥିଲେ, ଅଭିଯୁକ୍ତ ପୋକ୍ସୋ ଆଇନରେ ସଂଶୋଧନ ଆଣିବା କଥା କହୁଥିବାବେଳେ ସରକାର ତାଙ୍କ ବିରୋଧରେ କିଛି କରୁନାହାନ୍ତି। ଆଥ୍‌ଲେଟ୍‌ମାନେ ହାତ ଯୋଡ଼ି ନ୍ୟାୟ ମାଗୁଥିବାବେଳେ ସରକାର ଏପରି ବ୍ୟବହାର ଦେଖାଉଛନ୍ତି। ଆମର ୨,୦୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ଅଟକ ରଖାଯାଇଛି। ସବୁଠି ଏକଛତ୍ରବାଦ ଚାଲିଛି। ସାକ୍ଷୀ ଟୁଇଟ୍ କରିଛନ୍ତି, ଆମ ଚାମ୍ପିୟନ୍‌ମାନଙ୍କ ସହ କିପରି ବ୍ୟବହାର କରାଯାଉଛି ତାହା ବିଶ୍ୱ ଦେଖୁଛି। ଝାଳ ଓ ରକ୍ତ ବୁହାଇ ଦେଶ ପାଇଁ ମେଡାଲ ଆଣିବା ଯଦି ଆମର ଭୁଲ୍ ତେବେ ଆମକୁ ଫାଶୀ ଦିଅନ୍ତୁ।

■ ନୂଆ ସଂସଦ ଭବନ ଲୋକାର୍ପଣ ଅଧିକାର ରାଷ୍ଟ୍ରପତିଙ୍କଠାରୁ ଛଡ଼ାଇ ନିଆଯାଇଛି। ଏକଛତ୍ରବାଦୀ ବଳ ଲଗାଇ ମହିଳା ଖେଳାଳିମାନଙ୍କୁ ରାସ୍ତାରେ ଘୋଷାଡ଼ି ପିଟାଯାଉଛି। ଭାଜପା-ଆର୍‌ଏସ୍‌ଏସ୍ ଶାସକଙ୍କ 'ଗଣତନ୍ତ୍ର, ଜାତୀୟତାବାଦ ଓ ବେଟୀ ବଞ୍ଚାଅ' ମିଛ ଧରାପଡ଼ିଯାଇଛି। ପ୍ରଧାନମନ୍ତ୍ରୀ ମୋଦି ମନେରଖିବା ଉଚିତ ଯେ ଗଣତନ୍ତ୍ର କେବଳ ବିଲ୍ଡିଂରେ ସୀମିତ ନ ଥାଏ, ବରଂ ଲୋକଙ୍କ ସ୍ୱରକୁ ନେଇ କାର୍ଯ୍ୟ କରିଥାଏ।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧକ୍ଷ**

■ ରାଜ୍ୟାଭିଷେକ ଶେଷ ହେଲା। ଅହଂକାରୀ ରାଜା ରାସ୍ତାରେ ଲୋକଙ୍କ ସ୍ୱରକୁ ଚପାଇଦେଉଛି।

**- ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

■ ଗୋଟିଏପଟେ ମୋଦି ଗଣତନ୍ତ୍ର ଉପରେ ଉପଦେଶ ଦେଉଥିଲେ। ଅନ୍ୟପଟେ କିଛି ମିଟର ଦୂରରେ ତାଙ୍କ ସରକାରର ଅସଲ ଚେହେରା ଏଭଳି ଭାବେ ସାମ୍ନାକୁ ଆସିଛି।

**- ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ**

■ ଆମ ଚାମ୍ପିୟନ୍‌ମାନଙ୍କୁ ଏପରି ବ୍ୟବହାର ଲଜ୍ଜାଜନକ। ଗଣତନ୍ତ୍ର ସହିଷ୍ଣୁତା ଉପରେ ପର୍ଯ୍ୟବସିତ। କିନ୍ତୁ ଏକଛତ୍ରବାଦୀ ବଳ ଏହାକୁ ପଦଦଳିତ କରିଛି। ଖେଳାଳିମାନଙ୍କୁ ତୁରନ୍ତ ଛାଡ଼ିଦିଆଯାଉ। ମୁଁ ସେମାନଙ୍କ ସହ ରହିଛି।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

■ ଦେଶ ପାଇଁ ଗୌରବ ଆଣିଦେଇଥିବା କ୍ରୀଡ଼ାବିତ୍‌ମାନଙ୍କ ସହ ଏପରି ବ୍ୟବହାର ସମ୍ପୂର୍ଣ୍ଣ ଭୁଲ୍ ଓ ନିନ୍ଦନୀୟ।

**- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

■ ଭାରତର ସବୁଠୁ ସମ୍ମାନାସ୍ପଦ ଖେଳାଳି, ଜାତୀୟ ଗର୍ବଙ୍କ ଉପରେ ଏଭଳି ବର୍ବରତା ଓ ଲଜ୍ଜାକର ବଳ ପ୍ରୟୋଗ ଦୁର୍ଭାଗ୍ୟଜନକ। ସେମାନଙ୍କ ଅପରାଧ ହେଲା ନ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରିବା।

**-ହେମନ୍ତ ସୋରେନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**

## ଭାରତର ବିକାଶ ଯାତ୍ରାରେ...

କେତେକ ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିଥାଏ। କେତେକ ତାରିଖ ଅଲିଭା ସ୍ୱାକ୍ଷର ଛାଡ଼ିଯାଇଥାଏ। ୨୦୨୩ ମେ' ୨୮ ସେହିଭଳି ଏକ ଦିନ ବୋଲି ମୋଦି କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୫ ଟଙ୍କିଆ ମୁଦ୍ରାକୁ ଉନ୍ମୋଚନ କରିଛନ୍ତି।

ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ଲାଗି ପ୍ରଧାନମନ୍ତ୍ରୀ ପାରମ୍ପରିକ ପୋଷାକରେ ୧ ନମ୍ବର ଗେଟ୍‌ରେ ପହଞ୍ଚିବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ପାଛୋଟି ନେଇଥିଲେ। କର୍ଣ୍ଣାଟକ ଶ୍ରୀଙ୍ଗେରି ମଠର ସନ୍ଥମାନଙ୍କ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ ପ୍ରଧାନମନ୍ତ୍ରୀ ଗଣପତି ହୋମ କରିଥିଲେ। ସେ ସେଙ୍ଗୋଲ୍ ସମ୍ମୁଖରେ ପ୍ରଣିପାତ କରିବା ସହ ତାମିଲନାଡୁରୁ ଆସିଥିବା ବିଭିନ୍ନ ଆଧିନମ୍‌ର ସନ୍ଥମାନଙ୍କଠାରୁ ଆଶୀର୍ବାଦ ନେଇଥିଲେ। ପରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମୋଦି ସେଙ୍ଗୋଲକୁ ଶୋଭାଯାତ୍ରାରେ ନୂଆ ସଂସଦ ଭବନକୁ ନେଇ ଲୋକ ସଭା ପ୍ରକୋଷ୍ଠରେ ବାଚସ୍ପତିଙ୍କ ଆସନର ଡାହାଣ ପାର୍ଶ୍ୱର ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାପନ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ଏସ୍. ଜୟଶଙ୍କର, ଅଶ୍ୱିନୀ ବୈଷ୍ଣବ, ମନସୁଖ ମାଣ୍ଡବ୍ୟ, ଜିତେନ୍ଦ୍ର ସିଂ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ପାର୍ଲାମେଣ୍ଟ ବିଲ୍ଡିଂ ନିର୍ମାଣରେ ସମ୍ପୃକ୍ତ କେତେଜଣ ଶ୍ରମିକଙ୍କୁ ପ୍ରଧାନମନ୍ତ୍ରୀ ଅଙ୍ଗବସ୍ତ୍ର ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ସହ ବାଚସ୍ପତି ଓ ଅନ୍ୟ କେତେଜଣ ବିଶିଷ୍ଟ ବ୍ୟକ୍ତି ପୁରୁଣା ପାର୍ଲାମେଣ୍ଟ ଭବନକୁ ଯାଇଥିଲେ। ରାଷ୍ଟ୍ର ମୁଖ୍ୟ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରାଯିବା ଆବଶ୍ୟକ ଥିଲା ବୋଲି କହି ଅନେକ ବିରୋଧୀ ଦଳ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ।

# ଗେହଲଟ୍-ପାଇଲଟ୍ ଦ୍ୱନ୍ଦ୍ୱର ଅବସାନ ପାଇଁ କଂଗ୍ରେସ ହାଇକମାଣ୍ଡଙ୍କ ଉଦ୍ୟମ

**ଜୟପୁର, ୨୮।୫**



ମଲ୍ଲିକାର୍ଜୁନ ଖାର୍ଗେ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ ରହିଥିବା ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଯୋଜନା କରୁଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ନୂଆଦିଲ୍ଲୀରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଏବଂ ମଙ୍ଗଳବାର ରାଜସ୍ଥାନ ନେତାମାନଙ୍କ ସହ ବୈଠକ କରିବେ। ଏଥିପାଇଁ ଗେହଲଟ ସୋମବାର ପୂର୍ବାହ୍ନରେ ଦିଲ୍ଲୀ ଯାଇ ମଙ୍ଗଳବାର ପର୍ଯ୍ୟନ୍ତ ରହିବେ। ସେଠାରେ ସେ ଖାର୍ଗେଙ୍କ ସମେତ ରାଜସ୍ଥାନ କଂଗ୍ରେସ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା, ରାଜ୍ୟ କଂଗ୍ରେସ ପ୍ରଭାରୀ ସୁଖଜିନ୍ଦର ସିଂ ରାନ୍ଧୱା ଏବଂ ସହ ପ୍ରଭାରୀ କାଜି ମହମ୍ମଦ ନିଜାମୁଦ୍ଦିନ, ଅମ୍ରିତା ଧାୱନ ଏବଂ ବୀରେନ୍ଦ୍ର ରାଠୋରଙ୍କୁ ଭେଟିବେ। ଖାର୍ଗେ ଅଲଗା ପାଇଲଟଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

# ଜୁନ୍‌ରେ ହିଟ୍‌ୱେଭ୍ ସହ ପ୍ରଚଣ୍ଡ ତାତି

## ସୋମବାର ୧୮ ଜିଲାକୁ କାଳବୈଶାଖୀ ସମ୍ଭାବନା

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ରାଜ୍ୟରେ କାଳବୈଶାଖୀ ବର୍ଷା ଯୋଗୁ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ରବିବାର ମଧ୍ୟ ରାଜ୍ୟର ଉପକୂଳବର୍ତ୍ତୀ ଜିଲାରେ ବର୍ଷା ସହ କେତେକ ସ୍ଥାନରେ ଝଡ଼ତୋଫାନ ହୋଇଥିବା ନଜରକୁ ଆସିଛି। ତେବେ ଆଉ ୩ଦିନ ରାଜ୍ୟବାସୀଙ୍କୁ ତାତିରୁ ତ୍ରାହି ମିଳିବ। ମାତ୍ର ଏହାପରେ ଅର୍ଥାତ୍ ଜୁନ୍‌ରୁ ତାପମାତ୍ରା ପୁଣି ଉପମୁହାଁ ହେବ। ହିଟ୍ ୱେଭ୍ ଲାଗି ରହିବା ସହ ସ୍ଥିତି ଅସମ୍ଭାଳ ହେବ। ଜୁନ୍‌ରେ ପାଣିପାଗରେ ଅସ୍ୱାଭାବିକ ସ୍ଥିତି ନଜରକୁ ଆସୁଥିବାରୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏପରି ସୂଚନା ଦେବା ସହ ସତର୍କ କରାଇଛି। ବର୍ତ୍ତମାନ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଲାଗିରହିଥିବାବେଳେ ପାଣିପାଗର ଦୁଇଟି ନିୟାମକ ସକ୍ରିୟ ରହୁଛି। ବାୟୁମଣ୍ଡଳର ୦.୯ କିମି ଉପରେ ତେଲଙ୍ଗାନା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଥିବାବେଳେ ଏକ ନିମ୍ନ ଚାପରେଖା ଦକ୍ଷିଣ ପୂର୍ବ ମଧ୍ୟପ୍ରଦେଶରୁ ବାହାରି ତେଲଙ୍ଗାନାର ରୟାଲ ସୀମା ଦେଇ ଦକ୍ଷିଣ ତାମିଲନାଡୁ ଯାଏ ଲମ୍ବିଛି। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ହେଉଛି ବୋଲି ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି। ସୋମବାର ୧୮ ଜିଲାକୁ କାଳବୈଶାଖୀ ସତର୍କତା ଜାରି କରାଯାଇଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ନବରଙ୍ଗପୁରରେ ଝଡ଼ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ୫୦ କିମି ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ମାରିବା ସମ୍ଭାବନା ରହିଛି। ସେହିପରି ଗଞ୍ଜାମ, କନ୍ଧମାଳ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର ଭଦ୍ରକକୁ କାଳବୈଶାଖୀ ଲାଗି ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ମଙ୍ଗଳବାରଠାରୁ କାଳବୈଶାଖୀ ପ୍ରଭାବ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ସୂଚନାଯୋଗ୍ୟ, ରବିବାର ରାଜ୍ୟର ୧୦ ସହରରେ ପାରଦ ୪୦ ଟପିଥିବାବେଳେ ୪୨.୨ ଡିଗ୍ରୀ ସହ ସମ୍ବଲପୁର ଓ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସୋମବାରଠାରୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୩ ଡିଗ୍ରୀରୁ ୪୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧିପାଇପାରେ।

# କ୍ଷତିକାରକ ଏକକ ବ୍ୟବହୃତ ପ୍ଲାଷ୍ଟିକ



ଡ. ଦେବାଶିଷ ମହାନ୍ତି

ଦିନେ ଅଧକ୍ଷଙ୍କ ପ୍ରକୋଷ୍ଠରେ ବସିଥିବା ବେଳେ ଏକ ମୁଦଦିଆ ପ୍ଲାଷ୍ଟିକ ପାଣି ବୋତଲର ମୁଦ ଖୋଲି ପାଣି ପିଉ ପିଉ ମୋର ଜଣେ ସହକର୍ମୀ ପରିହାସ ଛଳରେ ପଚାରିଲେ ରସାୟନ ବିଜ୍ଞାନ ସାର୍ ମୋତେ ଟିକେ ବୁଝେଇ ଦେଲେ ଯେ, ପୃଥିବୀ ପୃଷ୍ଠରେ ଥିବା ଜଳର ବୈଧ ସମୟ (expiry date) ନଥିବା ବେଳେ ପ୍ଲାଷ୍ଟିକ ବୋତଲର ଜଳର ବୈଧ ସମୟ ରହୁଛି କିପରି? ମୁଁ ଟିକେ ସ୍ମିତ ହାସ୍ୟ ଦେଇ ଉତ୍ତର ଦେଲି, ସେ ବୈଧ ସମୟ ଜଳର ନୁହେଁ, ପ୍ଲାଷ୍ଟିକ ବୋତଲର। ପାଣି ବୋତଲ ସାଧାରଣତଃ 'ପଲିଥିଲିନ ଟେରପଥାଲେଟ' (polyethylene terephthalate) ନାମକ ରସାୟନରୁ ତିଆରି। ଏହା ଅଧିକ ଦିନ ତାପ ଓ ଚାପରେ ରହିଲେ ଭାଙ୍ଗିକରି ଅତି କ୍ଷୁଦ୍ର ବିଷାକ୍ତ ରସାୟନ ପାଣି ମଧ୍ୟକୁ ନିର୍ଗତ କରିବାର ସମ୍ଭାବନା ଥାଏ। ସେଥିପାଇଁ ବୈଧ ସମୟ ପରେ ଏହି ଜଳ ପାନ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ପ୍ଲାଷ୍ଟିକ ପ୍ରସ୍ତୁତ ବସ୍ତୁ ଆମ ଜୀବନଧାରାକୁ ସରଳ ଓ ସୁଗମ କରିଥିବା ବେଳେ ଏହାର ବ୍ୟବହାରରେ ଲୁକ୍କାୟିତ ବିପଦ ବିଷୟରେ ସାଧାରଣ ଜନତା ଜାଣିବା ନିହାତି ଆବଶ୍ୟକ। ଆମ ଥଣ୍ଡା ପାନୀୟର ପ୍ଲାଷ୍ଟିକ ନଳୀ, ପ୍ରୀତି ଉପହାରର ପ୍ଲାଷ୍ଟିକ ଆବରଣ, ପ୍ରୀତି ଭୋଜନରେ ବ୍ୟବହୃତ ପ୍ଲାଷ୍ଟିକ ଚାମଚ, ଗ୍ଲାସ, କପ୍, ପ୍ଲାଷ୍ଟିକ ପାଣି ବୋତଲ, ପଲିଥିନ ଜରି ଆମ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ଏହି ପଦାର୍ଥଗୁଡ଼ିକ ଶସ୍ତା, ହାଲୁକା ଓ ସହଜରେ ଉପଲବ୍ଧ ହେଉଥିବାରୁ ଏହାର ଚାହିଦା ଓ ଲୋକପ୍ରିୟତା ବହୁତ ଏବଂ ଏହା ବହୁଳ ବ୍ୟବହୃତ। ଏହି ପ୍ଲାଷ୍ଟିକ ପଦାର୍ଥଗୁଡ଼ିକ ସାଧାରଣତଃ ଏକକ ବ୍ୟବହାର ପରେ ଏଗୁଡ଼ିକୁ ପରିତ୍ୟକ୍ତ କରିଦିଆଯାଏ। ଏହି ଏକକ ବ୍ୟବହାର ପରେ ପରିତ୍ୟକ୍ତ ମାନସିକତା ଆମ ସାମାଜିକ ଜୀବନରେ ମଧ୍ୟ ପରିଲକ୍ଷିତ ହେଲାଣି ଓ ଆଧୁନିକ ମାନବ ସମାଜର ଏହା ମାନସିକତା ଓ ସଂସ୍କୃତିରେ ପାଲଟି ଗଲାଣି। ଏକକ ବ୍ୟବହୃତ ପ୍ଲାଷ୍ଟିକ, ଏକକ ବ୍ୟବହାର ପରେ ପରିତ୍ୟକ୍ତ ସଂସ୍କୃତିର ଜ୍ୱଳନ୍ତ ଉଦାହରଣ। ଆମ ପୂର୍ବ ପୁରୁଷଙ୍କ ପରି ଦୀର୍ଘସ୍ଥାୟୀ ଉତ୍କର୍ଷ ପଦାର୍ଥ ଉପରେ ନିର୍ଭର କରିବା ପରିବର୍ତ୍ତେ ସହଜରେ ଉପଲବ୍ଧ ଏକକ ବ୍ୟବହୃତ ପଦାର୍ଥ ଉପରେ ବେଶି ଭରସା ରଖୁଛୁ। ଏହି ଏକକ ବ୍ୟବହାର ପରେ ପରିତ୍ୟକ୍ତ ସଂସ୍କୃତିର ଦୂରଗାମୀ ପରିଣାମ ସମ୍ବନ୍ଧରେ ଆମେ ସମସ୍ତେ ଅଜ୍ଞ। ଏକକ ବ୍ୟବହୃତ ପ୍ଲାଷ୍ଟିକ ପାଇଁ





ମଧ ମାନବକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମର ପ୍ଲାଷ୍ଟିକ ପ୍ରତି ଆସକ୍ତି ମହାସାଗର, ଜୀବଜନ୍ତୁ ତଥା ଆମର ସ୍ୱାସ୍ଥ୍ୟ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଏହାର ପ୍ରଭାବ ପରିବେଶ ତଥା ମାନବ ସମାଜ ଉପରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରହିବ। ସରଳ ଭାଷାରେ କହିଲେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଏପରି ପଦାର୍ଥ ଯାହା ସାଧାରଣତଃ ପେଟ୍ରୋଲିୟମଜାତ ରସାୟନରୁ ପ୍ରସ୍ତୁତ କରାଯାଏ ଏବଂ ଥରେ ବ୍ୟବହୃତ ହେଲା ପରେ ଏହାକୁ ଫୋପାଡି ଦିଆଯାଏ। ଅଧିକାଂଶ ସମୟରେ କେତେକ ମୁହୂର୍ତ୍ତ ପାଇଁ ବ୍ୟବହୃତ ଏହି ପ୍ଲାଷ୍ଟିକ ପଦାର୍ଥ ପରିବେଶ ପାଇଁ ହଜାର ହଜାର ବର୍ଷ ପାଇଁ ବିପଦ ହୋଇଯାଆନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ ସାଧାରଣତଃ ଆବରଣ ଜରି, ପ୍ଲାଷ୍ଟିକ କପ୍, ଗ୍ଲାସ, ମୁଣି ଓ ବୋତଲରେ ବ୍ୟବହୃତ ହୁଏ। ପ୍ଲାଷ୍ଟିକ ଏକ ସଂଶ୍ଳେଷିକ ପଲିମରର କଡି, ଯାହା ଅନେକ କ୍ଷୁଦ୍ର ଅଣୁମାନଙ୍କ ସଂଯୋଗରେ ଗଠିତ। ଏହାର ଉଦ୍ଭାବନ ଊନବିଂଶ ଶତାବ୍ଦୀର ମଧ ଭାଗରେ ହୋଇଥିଲା। ଏହି ଅଦ୍ଭୁତ ବସ୍ତୁ ଶସ୍ତା, ହାଲୁକା ଓ ସହଜ ଉପଲବ୍ଧ ହୋଇଥିବାରୁ ୧୯୭୦ ମସିହା ପରେ ଏହାର ଲୋକପ୍ରିୟତା ଗଗନଚୁମ୍ବୀ ହେଇଯାଇଥିଲା। ଏହାପରେ କାଗଜ, କପଡା, କାଚ ଓ ପତ୍ରରୁ ତିଆରି ହେଉଥିବା ଦୈନନ୍ଦିନ ବ୍ୟବହାର୍ଯ୍ୟ ପାରମ୍ପରିକ ସାମଗ୍ରୀ ବଦଳରେ ପ୍ଲାଷ୍ଟିକରୁ ପ୍ରସ୍ତୁତ ସାମଗ୍ରୀ ବ୍ୟବହାର ବୃଦ୍ଧି ପାଇଲା। ୧୯୫୦ ମସିହା ପରଠାରୁ ୮.୩ ଲକ୍ଷ କୋଟି କିଲୋଗ୍ରାମ (୮.୩ billion metric ton) ପ୍ଲାଷ୍ଟିକ ପ୍ରସ୍ତୁତ ହୋଇ ସାରିଲାଣି ଓ ସେମାନଙ୍କ ମଧ୍ୟରୁ ଅଧା ଏହି ବିଗତ ୧୫ ବର୍ଷ ମଧ୍ୟରେ ହୋଇଛି। ଏହା ସହିତ ପ୍ରାୟ ୨ କୋଟି ଟନ୍ ପ୍ଲାଷ୍ଟିକ ପ୍ରତି ବର୍ଷ ପ୍ରସ୍ତୁତ ହେଉଛି। ଏହା ମଧ୍ୟରୁ ଏକ ଅଧା ଏକକ ବ୍ୟବହୃତ ପ୍ଲାଷ୍ଟିକ। ବ୍ୟବହାର ପରେ ବର୍ଜ୍ୟ ପ୍ଲାଷ୍ଟିକ ପରିବେଶ ତଥା ଜୀବଜଗତ ପାଇଁ ବିପଦ

**"ଆମ ପୂର୍ବ ପୁରୁଷଙ୍କ ପରି ଦୀର୍ଘସ୍ଥାୟୀ ଉତ୍କର୍ଷ ପଦାର୍ଥ ଉପରେ ନିର୍ଭର କରିବା ପରିବର୍ତ୍ତେ ସହଜରେ ଉପଲବ୍ଧ ଏକକ ବ୍ୟବହୃତ ପଦାର୍ଥ ଉପରେ ବେଶି ଭରସା ରଖୁଛୁ। ଏହି ଏକକ ବ୍ୟବହାର ପରେ ପରିତ୍ୟକ୍ତ ସଂସ୍କୃତିର ଦୂରଗାମୀ ପରିଣାମ ସମ୍ବନ୍ଧରେ ଆମେ ସମସ୍ତେ ଅଜ୍ଞ। ଏକକ ବ୍ୟବହୃତ ପ୍ଲାଷ୍ଟିକ ପାଇଁ ମଧ ମାନବକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମର ପ୍ଲାଷ୍ଟିକ ପ୍ରତି ଆସକ୍ତି ମହାସାଗର, ଜୀବଜନ୍ତୁ ତଥା ଆମର ସ୍ୱାସ୍ଥ୍ୟ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଏହାର ପ୍ରଭାବ ପରିବେଶ ତଥା ମାନବ ସମାଜ ଉପରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରହିବ।"**

ସୃଷ୍ଟି କରିଛି। ଜୀବଜଗତର ସମସ୍ତ ପ୍ରକ୍ରିୟା ଚକ୍ରରେ ଚାଲିଥାଏ। ଉତ୍ପାଦକମାନେ ପ୍ରକୃତିରେ ମିଳୁଥିବା ମୌଳିକ ପଦାର୍ଥରୁ ବିଭିନ୍ନ ଯୌଗିକ ପଦାର୍ଥ ପ୍ରସ୍ତୁତ କରନ୍ତି। ଏହି ପଦାର୍ଥଗୁଡିକ ଭକ୍ଷକମାନଙ୍କୁ ସ୍ଥାନାନ୍ତରିତ ହୁଏ ଓ ସେମାନଙ୍କ ମୃତ୍ୟୁ ପରେ ଅପଘଟକ ବା କ୍ଷୁଦ୍ର ଅଣୁଜୀବମାନେ ସେହି ଯୌଗିକଗୁଡ଼ିକୁ ଭାଙ୍ଗି ପୁନର୍ବାର ମୌଳିକରେ ପରିଣତ କରନ୍ତି। ତେଣୁ ସମସ୍ତ ପ୍ରାକୃତିକ ପଦାର୍ଥ ଭଙ୍ଗୁର। କିନ୍ତୁ ପ୍ଲାଷ୍ଟିକଗୁଡ଼ିକ ମନୁଷ୍ୟକୃତ ଅତି ବିଶାଳକାୟ ଅଣୁ। ଏହାକୁ ଭାଙ୍ଗି ପୁନର୍ବାର ମୌଳିକକୁ ପରିବର୍ତ୍ତନ କରିବା ପାଇଁ ପ୍ରକୃତି କୌଣସି ଅଣୁଜୀବ ବା ଅପଘଟକ ସୃଷ୍ଟି କରିନାହିଁ। ତେଣୁ ପରିତ୍ୟକ୍ତ ପ୍ଲାଷ୍ଟିକଗୁଡିକ ପୃଥିବୀପୃଷ୍ଠରେ ଜମାହୋଇ ପରିବେଶ ତଥା ଜୀବଜଗତ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଆମ ଦ୍ୱାରା ବହୁଳ ବ୍ୟବହୃତ ପଲିଥିନ ଜରି ପୃଥିବୀ ପୃଷ୍ଠରେ ପଡ଼ିରହି ଏକ ଆବରଣ ସୃଷ୍ଟି କରୁଛନ୍ତି, ଯାହା ଯୋଗୁ ଭୂତଳ ଜଳ ପୁନଃ ସୃଷ୍ଟିରେ ବାଧକ ସାଜୁଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ୨୦୫୦ ସୁଦ୍ଧା ମହାସାଗରରେ ପ୍ଲାଷ୍ଟିକ ବର୍ଜ୍ୟଜଳ ଜୀବମାନଙ୍କ ସଂଖ୍ୟାଠାରୁ ମଧ ଅଧିକ ହୋଇଯିବ। ଏହା ଜଳଚରଙ୍କ ଜୀବନ ପ୍ରତି ମହାବିପଦ ସୃଷ୍ଟି କରିବ। କେବଳ ଏତିକିରେ ବିପଦ ସୀମିତ ନୁହେଁ। ପ୍ଲାଷ୍ଟିକଗୁଡ଼ିକ ବିଘଟିତ ହେଇ ମୌଳିକକୁ ପରିବର୍ତ୍ତିତ ହୋଇ ପାରନ୍ତି ନାହିଁ, କିନ୍ତୁ ସୂର୍ଯ୍ୟକିରଣ, ତାପ ଓ ଚାପ ପାଇ ସେମାନେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ପ୍ଲାଷ୍ଟିକ କଣିକାକୁ ପରିବର୍ତ୍ତିତ ହୋଇଯାଆନ୍ତି। ଏହି ଅତି କ୍ଷୁଦ୍ର ପ୍ଲାଷ୍ଟିକର ଆକାର ୫ ମିଲିମିଟରରୁ କମ୍। ଏମାନଙ୍କ ସନ୍ଧାନ ପାଇବା ଅତି କଷ୍ଟ, କିନ୍ତୁ ବର୍ତ୍ତମାନ ଏମାନେ ସର୍ବ ବିଦ୍ୟମାନ। ଏହି ଅତି କ୍ଷୁଦ୍ର ପ୍ଲାଷ୍ଟିକ ଜଳ ମାଧ୍ୟମରେ ପ୍ରଥମେ ଉଦ୍ଭିଦ, ତା' ପରେ ଅନ୍ୟାନ୍ୟ ଜୀବଜନ୍ତୁ ଓ ଶେଷରେ ମନୁଷ୍ୟ ଶରୀରରେ ପ୍ରବେଶ କରନ୍ତି। କିଛି ଜୀବଜନ୍ତୁ ପ୍ଲାଷ୍ଟିକ ପ୍ୟାକେଟକୁ ଖାଦ୍ୟ ସହ ଖାଇ ଦେଉଛନ୍ତି। ଏଥିପାଇଁ କେତେକଙ୍କର କିଛି ଅଙ୍ଗ ଅକାମୀ ହୋଇଯାଉଥିବା ବେଳେ ଆଉକିଛି ପାକସ୍ଥଳୀ ଅବରୋଧ ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତ। ଅତି କ୍ଷୁଦ୍ର ପ୍ଲାଷ୍ଟିକର ଜୈବ ସଞ୍ଚୟ (bio accumulation) ମନୁଷ୍ୟ ସମାଜ ପାଇଁ ମଧ ସତର୍କ ଘଣ୍ଟି ବଜାଇ ସାରିଲାଣି। ଏମାନଙ୍କ ଯୋଗୁ ହର୍ମୋନ ସନ୍ତୁଳନ, ପ୍ରଜନନ ସମସ୍ୟା ଓ ନପୁଂସକତା ଭଳି ସମସ୍ୟା ମନୁଷ୍ୟ ମଧ୍ୟରେ ଦେଖାଦେଉଛି। (କ୍ରମଶଃ..)

-ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ : ୯୮୬୧୩୯୧୧୯୦

## ଶ୍ୱାସକ୍ରିୟାରୁ ଜାଣିହେବ ପାକସ୍ଥଳୀ କ୍ୟାନ୍ସର



ପାକସ୍ଥଳୀ କ୍ୟାନ୍ସର ଚିହ୍ନଟ କରିବାର ଏକ ସହଜ ଉପାୟ ନିକଟରେ ଠାବ କରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏ ବିଷୟରେ ଗବେଷଣା କରିବା ସମୟରେ ସେମାନେ ଏକ ଜିନିଷ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଶ୍ୱାସକ୍ରିୟାକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରିଶେଷରେ ଏଥିରୁ ସେମାନେ ପାକସ୍ଥଳୀ କ୍ୟାନ୍ସରକୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲେ। ବିଶେଷଭାବରେ ଶ୍ୱାସକ୍ରିୟାରେ ଦେଖାଯାଉଥିବା ରାସାୟନିକ ପ୍ରକ୍ରିୟାଗୁଡିକୁ ଭଲ ଭାବରେ ତର୍ଜମା କରାଯାଇଥିଲା। ଦୀର୍ଘ ଚାରି ବର୍ଷ ଗବେଷଣା କରିବା ପରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଶ୍ୱାସକ୍ରିୟାରୁ ପାକସ୍ଥଳୀ କ୍ୟାନ୍ସର ଲକ୍ଷଣ ବିଷୟରେ ଜାଣିପାରିଥିଲେ।

## ଟେନ୍‌ସନ୍‌ରୁ ଦୂରେଇ ରହିବାର ସହଜ ଉପାୟ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଟେନସନ୍‌ର ବଶବର୍ତ୍ତୀ ହେବା କିଛି ନୂଆ କଥା ନୁହେଁ। ତେବେ ଏହାକୁ ନେଇ ଅଧିକ ଚିନ୍ତା କରିବା ପରିବର୍ତ୍ତେ ସେଥିରୁ କିପରି ରକ୍ଷା ପାଇବେ ସେ ନେଇ ଧ୍ୟାନ ଦେବା ଦରକାର। ଏଭଳି କେତୋଟି ସରଳ ତଥା ସହଜ ଉପାୟ ରହିଛି ଯାହା ଆପଣଙ୍କୁ ଟେନ୍‌ସନ୍‌ଠାରୁ ଦୂରେଇ ରଖିବାରେ ଅନେକାଂଶରେ ସହାୟକ ହୋଇପାରିବ। ପ୍ରଥମେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଏହାଦ୍ୱାରା ଟେନସନ୍‌ରୁ କେତେକାଂଶରେ ଉପଶମ ମିଳିଥାଏ। ଆଉ ଏକ କଥା ହେଲା, ଯୋଗ ଆଉ ପ୍ରାଣାୟାମ। ପ୍ରତିଦିନ ଏଗୁଡିକୁ କରିବା ଦ୍ୱାରା ମନ ଶାନ୍ତ ରହିଥାଏ ଏବଂ ଟେନସନଗ୍ରସ୍ତ ହେବାର ଆଶଙ୍କା କମ୍ ଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆପଣ କାହିଁକି ଟେନସନ୍‌ର ବଶବର୍ତ୍ତୀ ହେଉଛନ୍ତି ତାହାର କାରଣ ଖୋଜନ୍ତୁ। ତା'ସହ ସେହି କାରଣଗୁଡିକୁ ଯଥାସମ୍ଭବ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ନିଜେ ତୁଲାଇ ପାରୁଥିବା କାମ ହିଁ କରନ୍ତୁ। ଯଦି ଆପଣ ଅଧିକାଂଶ ସମୟ ଟେନସନ୍‌ରେ ରହୁଛନ୍ତି ତେବେ କିଛି ସମୟ ନିଜକୁ ଶାନ୍ତ ପରିବେଶ ମଧ୍ୟରେ ରଖନ୍ତୁ। ଯଦି ଟେନସନ୍ ଲାଗି ରହୁଛି ତେବେ ଅଭିଜ୍ଞ ମାନସିକ ରୋଗ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ।

## ଆଣ୍ଠୁଗଣ୍ଠି ଦରଜରୁ ଉପଶମ ଦେବ ଅଦାରସ



ଆଣ୍ଠୁଗଣ୍ଠି ଦରଜ ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। କିନ୍ତୁ ଏହାର ଲକ୍ଷଣ ଜାଣିବା ମାତ୍ରେ ହିଁ ଚିକିତ୍ସା କରାଇ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିଥାଏ ଏବଂ ଏହାର ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ତେବେ ଏଥିରୁ ଉପଶମ ପାଇବାକୁ ହେଲେ ଏକ ଘରୋଇ ଉପଚାରର ସହାୟତା ନେଇପାରନ୍ତି। ତାହା ହେଲା ଅଦା ରସ। ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଇଲେ ତାହା ଆଣ୍ଠୁଗଣ୍ଠି ଦରଜରୁ କେତେକାଂଶରେ ଉପଶମ ଦେଇଥାଏ। ଅନ୍ୟପକ୍ଷରେ ଅଦା ରସରେ ଅନେକ ପ୍ରକାରର ଉପକାରୀ ତତ୍ତ୍ୱ ଭରି ରହିଛି। ଏଥିରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି। ଏଥିରେ ଏଭଳି ଗୁଣ ରହିଛି, ଯାହା ଅଣ୍ଟା ଦରଜକୁ ମଧ ଉପଶମ ଦେଇଥାଏ। ଅନ୍ୟପକ୍ଷରେ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇଲେ ତାହା ଥଣ୍ଡା, ନାକରୁ ପାଣି ବୋହିବା ଏବଂ ମୁଣ୍ଡ ବିନ୍ଧିବା ଆଦି ସମସ୍ୟାରୁ କେତେକାଂଶରେ ଆରାମ ଦିଏ। ଯଦି ଜଣେ ବ୍ୟକ୍ତି ନିୟମିତ ଅଦା ରସ ସେବନ କରନ୍ତି, ତେବେ ତାହା ପାଚନକ୍ରିୟାକୁ ଆହୁରି ଦୃଢ଼ କରିଥାଏ।

## ସନ୍ତୁଳିତ ଖାଦ୍ୟ ଓ କ୍ୟାଲୋରି ପରିମାଣ



ଆମ ଶରୀରରେ କ୍ୟାଲୋରି ପରିମାଣ ଅସନ୍ତୁଳିତ ରହିଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେଣୁ ଏହି ସ୍ତର ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଯଦି ଜଣେ ବ୍ୟକ୍ତି ନିୟମିତ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ତାହା କ୍ୟାଲୋରି ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ନିୟମିତ ଏଭଳି ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିମାନଙ୍କ କ୍ୟାଲୋରି ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ।

## ଧ୍ୟାନେ ରଖନ୍ତୁ



- ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ମୋବାଇଲ୍ କି ଟ୍ୟାବ୍ ପରି ଇଲେକଟ୍ରୋନିକ୍ ଜିନିଷଠାରୁ ମଧ ଦୂରେଇ ରୁହନ୍ତୁ। ନ ହେଲେ, ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇପାରେ।
- ହାଡ଼, ଅସ୍ଥିମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ 'ଡ଼ି' ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣରେ ଛିଡ଼ା ହୁଅନ୍ତୁ।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ନ ହେଲେ ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେ ରଖନ୍ତୁ ପରାମର୍ଶ କରିବା ପୂର୍ବରୁ ଡାକ୍ତରଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।

## ବ୍ଲାଡର ରୋଗର ଚିକିତ୍ସା କରିବ ମାଇକ୍ରୋ ରୋବଟ

ବ୍ଲାଡର ରୋଗର ଚିକିତ୍ସା ପାଇଁ ଏକ ସରଳ ତଥା ସହଜ ପଦ୍ଧତି ନିକଟରେ ଆବିଷ୍କୃତ ହୋଇଛି। ୟୁନିଭର୍ସିଟି ଅଫ ଓ୍ୱାଶିଂଟନ୍‌ର କେମିକାଲ ଆଣ୍ଡ ବାୟୋଲୋଜିକାଲ ବିଭାଗର ପୋଷ୍ଟ-ଡକ୍ଟରାଲ ଗବେଷକ ଜିନ୍ ଲି' ଏ ବିଷୟରେ ସୂଚନା ଦେଇଛନ୍ତି। ସେ ତାଙ୍କ ସହଯୋଗୀଙ୍କ ଦ୍ୱାରା ଏକ ମାଇକ୍ରୋ ରୋବଟ ପ୍ରସ୍ତୁତ କରିଛନ୍ତି। ଏହାର ସହାୟତାରେ ବ୍ଲାଡରଜନିତ ରୋଗର ଚିକିତ୍ସା ସହଜରେ କରାଯାଇପାରିବ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। କେବଳ ସେତିକି ନୁହଁ, ଏହି ମିନି ରୋବଟ ବ୍ଲାଡର ଭିତରେ ଛୋଟ ଅପରେଶନ କରିପାରିବ ବୋଲି ସେ ଗବେଷଣା ରିପୋର୍ଟରେ ସୂଚିତ କରିଛନ୍ତି। ଏହି ନୂତନ ଉଦ୍ଭାବିତ ମାଇକ୍ରୋ ରୋବଟର ଚଉଡ଼ା ହେଉଛି ମାତ୍ର ୨୦ ମାଇକ୍ରୋମିଟର। ଏହାର ବେଗ ହେଉଛି ସେକେଣ୍ଡକୁ ତିନି ମିଲିମିଟର। ତା' ସହ ଏହି ରୋବଟ ବ୍ଲାଡର ରୋଗର କେତେକ ପରୀକ୍ଷା ନିରୀକ୍ଷାରେ ମଧ ସହାୟତା କରିପାରିବ।



## ସ୍ୱାସ୍ଥ୍ୟ ସୂଚନା

- କୌଣସି କାମ କରିବା ପୂର୍ବରୁ ସେ ନେଇ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ଆଗ୍ରହ ନାହିଁ, ତେବେ ପ୍ରଥମେ ମନକୁ ସକାରାତ୍ମକ ପରିବେଶକୁ ଆଣନ୍ତୁ, ତା'ପରେ କାମ କରିବାକୁ ଆଗାନ୍ତୁ।
- ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ତେଣୁ ବ୍ରେକ୍‌ଫାଷ୍ଟ ତାଲିକାରେ ଏହାକୁ ସାମିଲ କରନ୍ତୁ। କାରଣ ନିୟମିତ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ କଲେ ତାହା ମନକୁ ସକାରାତ୍ମକ ରଖିଥାଏ।
- ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ।
- ପ୍ରତିଦିନ ଶିଡ଼ିଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି ଆଣ୍ଠୁ ଗଣ୍ଠି ଦରଜ ହେଉଛି, ତେବେ ଯେତେ ଶିଡ଼ି କମ୍ ଚଢ଼ିବେ ତାହା ସେତେ ଭଲ।
- ପ୍ରତିଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ ମୁହଁକୁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ପରବର୍ତ୍ତୀ ସମୟରେ ଏହା କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର କାରଣ ସାଜିଥାଏ।



# ମହିଳା ଭଲିବଲ ଚ୍ୟାଲେଞ୍ଜ: ଭାରତ ଚାମ୍ପିୟନ




ସ୍ୱର୍ଣ୍ଣ ପଦକ ସହ ଚାମ୍ପିୟନ ଭାରତୀୟ ମହିଳା ଭଲିବଲ ଦଳ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୫ (କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁରେ ରବିବାର ଶେଷ ହୋଇଥିବା ଏନ୍ଏସ୍ସି କାଭା (ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ) ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ରେ ଭାରତ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୩-୦ (୨୫-୧୫, ୨୫-୨୨, ୨୫-୧୮)ରେ କାଜାଖସ୍ତାନକୁ ହରାଇ ଏହି ଐତିହାସିକ ସଫଳତା ଲାଭ କରିଛି। ଟାଇଟଲ ମୁକାବିଲାରେ ଆଟାକର ଅନୁଶ୍ରୀ, ବ୍ଲକର ଅଶ୍ୱିନ ଓ ସୋର୍ଯ୍ୟା ଏବଂ ଅଲ୍‌ରାଉଣ୍ଡର ଜିନ୍ସି ଭାରତକୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଭାରତ ସ୍ୱର୍ଣ୍ଣ, କାଜାଖସ୍ତାନ ରୌପ୍ୟ ଓ ଆୟୋଜକ ନେପାଳ ବ୍ରୋଞ୍ଜ ପଦକ ହାସଲ କରିଛି। ଏନ୍ଏସ୍ସି କାଭା ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍‌ର ଏହାଥିଲା ତୃତୀୟ ସଂସ୍କରଣ। ମାତ୍ର ଭାରତ ପ୍ରଥମଥରପାଇଁ ଏଥିରେ ଭାଗନେଇ ଟାଇଟଲ ହାସଲ କରିଛି। ଭାରତୀୟ ଦଳର ଅଧିନାୟିକା ନିର୍ମାଲ ଟୁର୍ନାମେଣ୍ଟର ସବୁଠାରୁ ମୂଲ୍ୟବାନ ଖେଳାଳି ବିବେଚିତ ହୋଇଛନ୍ତି। ସୋର୍ଯ୍ୟାଙ୍କୁ ଶ୍ରେଷ୍ଠ ମିଡିଲ ବ୍ଲକର, ଜିନି ଶ୍ରେଷ୍ଠ ସେଟର ଓ ଅନୁଶ୍ରୀଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ଆଉଟ ସାଇଡ୍ ହିଟର ପୁରସ୍କାର ପ୍ରଦାନ କରାଯାଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଅଚ୍ୟୁତ ଭିଏଫ୍ଆଇ ସଭାପତି ହେବାପରେ ଏହି କ୍ରୀଡ଼ାର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଫଳରେ ସ୍ୱରୂପ ଦଳକୁ ସଫଳତା ମିଳିବାରେ ଲାଗିଛି। ଗତବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ଏସିଆନ ଭଲିବଲ ଚାମ୍ପିୟନଶିପ୍‌ରେ ଭାରତ ରୌପ୍ୟ ପଦକ ପାଇଥିଲା। ତେଣୁ ୨ ବର୍ଷ ମଧ୍ୟରେ ଭାରତୀୟ ମହିଳା ଦଳ ଅନ୍ତର୍ଜାତୀୟ ସ୍ତରରେ ୨ଟି ପଦକ ହାସଲ କରିଛି। ଏହା ବ୍ୟତୀତ ୨୦ ବର୍ଷରୁ କମ୍ ଭାରତୀୟ ପୁରୁଷ ଦଳ ଦୀର୍ଘ ୨୦ ବର୍ଷ ବ୍ୟବଧାନରେ ଏସିଆନ ପୁରୁଷ ଭଲିବଲରେ ରୌପ୍ୟ ପଦକ ପାଇବା ସହ ଏଫ୍ଆଇଭସିବି ୨୧ ବର୍ଷରୁ କମ୍ ପୁରୁଷ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୧୮ ବର୍ଷରୁ କମ୍ ଭାରତୀୟ ପୁରୁଷ ଭଲିବଲ ଦଳ ୧୪ ବର୍ଷ ପରେ ଏସିଆନ ପୁରୁଷ ଭଲିବଲ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏଥିସହ ଏହି ଦଳ ୧୯ ବର୍ଷରୁ କମ୍ ଏଫ୍ଆଇଭିବି ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇଛି। ଗତ ୨ ବର୍ଷ ମଧ୍ୟରେ ଭାରତୀୟ ଭଲିବଲ ଦଳ ୮ଟି ଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି।

## ମୁକ୍ତେଶ୍ୱର ସେମିରେ

**ଭୁବନେଶ୍ୱର, ୨୮।୫ (କ୍ରୀଡ଼ା ପ୍ରତିନିଧି):** ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିବିସିଏକୁ ୪୬ ରନରେ ହରାଇ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ସେମିଫାଇନାଲରେ ପ୍ରବେଶ କରିଛି। ଟସ୍‌ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୫୪ ରନ କରିଥିଲା। ଦଳ ପକ୍ଷରୁ ସମରପ୍ରୀତ ପଟେଲ ସର୍ବାଧିକ ୬୭ ଓ ଅର୍ପିତ ନାୟକ ୨୮ ରନ କରିଥିଲେ। ବିପକ୍ଷ ଦଳର ସାଇ ଶଙ୍କର ସାମଲ ୩ଟି ଉଇକେଟ ନେଇଥିଲେ। ୧୫୫ ରନ ବିଜୟ ଲକ୍ଷ୍ୟରେ ବିବିସିଏ ୨୪.୨ ଓଭରରେ ୧୦୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଶ୍ୱଜିତ ପ୍ରଧାନ ୫୮ ରନ କରିଥିଲେ ମଧ୍ୟ ଅନ୍ୟ ଖେଳାଳିଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିଜୟୀ ଦଳର ଅର୍ପିତ ନାୟକ ମାତ୍ର ୧୦ ରନରେ ୪ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅର୍ପିତ ନାୟକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବ ସଦସ୍ୟ ସଞ୍ଜୀବ ହଂସ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ଭୁବନେଶ୍ୱରର ଶେଖର ସ୍ପୋର୍ଟିଂ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

## ଆଇପିଏଲ୍‌ରୁ ରାୟୁଡୁଙ୍କ ଅବସର

ଅହମଦାବାଦ, ୨୮।୫ (ପି.ଟି.)

ଭାରତର ପୂର୍ବତନ ଅନ୍ତର୍ଜାତୀୟ ଦିନିକିଆ ସ୍ପେଶାଲିଷ୍ଟ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନିୟମିତ ସଦସ୍ୟ ଅମ୍ବାତି ରାୟୁଡୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ ତାଙ୍କ ଶେଷ ମ୍ୟାଚ ହେବ। ଇଂଲଣ୍ଡରେ ୨୦୧୯ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ତାଙ୍କୁ ସ୍ଥାନ ନ ମିଳିବା ପରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଥିଲେ। ଦୁଇବର୍ଷ ପୂର୍ବେ ସେ ଘରୋଇ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଥିଲେ। କିନ୍ତୁ ସେ ପରବର୍ତ୍ତୀ ସମୟରେ ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। କିନ୍ତୁ ହାଇଦ୍ରାବାଦର ଏହି ୩୮ ବର୍ଷୀୟ ଖେଳାଳି ଏଥର ତାଙ୍କ ନିଷ୍ପତ୍ତିରେ ଆଉ ପରିବର୍ତ୍ତନ କରିବେ ନାହିଁ ବୋଲି କହିଛନ୍ତି। ଏଥର ସେ ୧୫ଟି ଗେମ୍‌ରେ ୧୩୯ ରନ ସଂଗ୍ରହ କରିଛନ୍ତି। ସେ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଦୁଇଟି ପ୍ରମୁଖ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଓ ସିଏସ୍‌କେ ଦଳ ପାଇଁ ଖେଳିଛନ୍ତି। ଟୁର୍ନାମେଣ୍ଟର ୧୪ଟି ସିଜନରେ ସେ ୧୧ ପ୍ଲେଅଫ୍ ଓ ୮ ଫାଇନାଲ ଖେଳିଛନ୍ତି। ୫ଥର ଟ୍ରଫି ଜିତିଛନ୍ତି। ଆଇପିଏଲ୍‌କୁ ସେ ଭଲରୂପେ ଉପଭୋଗ କରିଥିବା କହିଛନ୍ତି। ରାୟୁଡୁ ଭାରତ ତରଫରୁ ୫୫ ଅନ୍ତର୍ଜାତୀୟ ଦିନିକିଆ ଖେଳି ୧୬୯୪ ରନ ସଂଗ୍ରହ କରିଛନ୍ତି। ତାଙ୍କର ଆଭରେଜ ୪୭ରୁ ଅଧିକ ରହିଥିବା ବେଳେ ସେ ୩ଟି ଶତକ ଏବଂ ୧୦ ଅର୍ଦ୍ଧଶତକ ହାସଲ କରିଛନ୍ତି। ରାୟୁଡୁ ସିଏସ୍‌କେର ଅନ୍ୟତମ ପ୍ରମୁଖ ଖେଳାଳି ରହିଆସିଥିଲେ। ରବିବାର ଫାଇନାଲ ପୂର୍ବରୁ ସେ ୨୦୩ ଆଇପିଏଲ୍ ଗେମ୍ ଖେଳିଥିଲେ। ୧୨୭ ଷ୍ଟ୍ରାଇକ୍ ରେଟ୍‌ରେ ସେ ୪୩୨୯ ରନ ସ୍କୋର କରିଥିଲେ। ସେ ଗୋଟିଏ ଶତକ ଓ ୨୨ ଅର୍ଦ୍ଧ ଶତକ ହାସଲ କରିଛନ୍ତି। ୨୦୧୮ରେ ସିଏସ୍‌କେ ତରଫରୁ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରି ୬୦୨ରନ ସଂଗ୍ରହ କରିଥିଲେ। ଭାରତୀୟ ଘରୋଇ କ୍ରିକେଟରୁ ଅବ୍ୟାହତି ନେବା ଦ୍ୱାରା ରାୟୁଡୁ ବର୍ତ୍ତମାନ ଟି୨୦ ଭେଟେରାନ ଟୁର୍ନାମେଣ୍ଟ ସମେତ ବିଭିନ୍ନ ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳିପାରିବେ।




ଅମ୍ବାତି ରାୟୁଡୁ







Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ
INDIA'S FIRST 5 YEAR WARRANTY* *Conditions apply
WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY
i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22) ~Finance scheme is at the sole discretion of financiers & subject to its respective terms & conditions. Offer is for limited period or till stock lasts. Offers amount & combination of offers may vary for model/variant & states. #HIPL stands for High Intensity Position Lamp. *Ex showroom price of Super Splendor in Odisha.

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ ASK FOR XTEC

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 7799766378, **DD Hero,** Ph: 7799766329, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736. **Authorized HeroSure Dealers: Bhubaneshwar:** Arundhati Motobikes, Ph- 7682841658, **Rourkela:** Dua Motors, Ph - 6372753989.

WT.5593.2023ODI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ